ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 14/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 260 | ମୂଲ୍ୟ ₹୭/-



## ସୁମିତ୍ ସଙ୍ଗୱାନ ୟୁପି ଯୋଦ୍ଧାସ୍ ଅଧିନାୟକ

ପ୍ରୋ-କବାଡ଼ି ଲିଗ୍‌ର ଆଗାମୀ ସଂସ୍କରଣ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱାନ।

୧୪

୦୨

## ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ

ଅଭିନେତା ରଜନୀକାନ୍ତଙ୍କ 'କୁଲି' ଫିଲ୍ମ ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରି ରେକର୍ଡ କରିଛି ।





ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଇଁ ବୁଧବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ । (ଫଟୋ– ବିକାଶ ନାୟକ)

# ସୁଦୃଢ଼ ହେବ ନର୍ସିଂ ଶିକ୍ଷା

## ରାଜ୍ୟ କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ଅନୁମୋଦନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବୁଧବାର ରାଜ୍ୟ କ୍ୟାବିନେଟ ୬ଟି ବିଭାଗର ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ତଦନୁଯାୟୀ ଓଡ଼ିଶାରେ ନର୍ସିଂ ଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନର୍ସିଂ ଏଜୁକେଶନ, ସର୍ଭିସ୍ ରୁଲ୍ସ-୨୦୨୫ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ରାଜ୍ୟର ୭ ମେଡିକାଲ କଲେଜ ଓ ହସ୍ପିଟାଲରେ ୭ ନୂଆ ନର୍ସିଂ କଲେଜ ଖୋଲାଯିବ। ସେହିପରି ସମ୍ବଲପୁରକୁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା, ଭୁବନେଶ୍ୱରରେ ପୂର୍ବ ଭାରତର ପ୍ରଥମ ବିଶ୍ୱସ୍ତରୀୟ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ନବୀକରଣ (ଏମ୍‌ଆର୍‌ଓ) ସୁବିଧା ସ୍ଥାପନ, କୃଷକଙ୍କୁ ଉତ୍ପାଦର ଉଚିତ ମୂଲ୍ୟ ଓ ଉତ୍ତମ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୮ଟି ମଣ୍ଡିକୁ ମଡେଲ ମଣ୍ଡି ଭାବରେ ବିକଶିତ କରାଯିବା, ସହରରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍‌ର ସୁବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି।

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ବୁଧବାର ଲୋକସେବା ଭବନରେ ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ନର୍ସିଂ ଶିକ୍ଷା, ସେବା ନିୟମ–୨୦୨୫ ପ୍ରସ୍ତୁତି ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହାଦ୍ୱାରା ରାଜ୍ୟରେ ନର୍ସିଂ ସେବା ତ୍ୱରାନ୍ୱିତ ହୋଇପାରିବ।

### ଖୋଲିବ ୭ ନୂଆ ସରକାରୀ ନର୍ସିଂ କଲେଜ

ବର୍ତ୍ତମାନ ରାଜ୍ୟରେ ୮ଟି ସରକାରୀ ନର୍ସିଂ କଲେଜ ଓ ୨୧ଟି ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଚାଲୁଛି। ରାଜ୍ୟରେ ଥିବା ୭ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କେନ୍ଦ୍ରୀୟ ପ୍ରାୟୋଜିତ ୭ଟି ନୂତନ ନର୍ସିଂ କଲେଜ ଖୋଲିବା ପ୍ରକ୍ରିୟା ଜାରି ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସେ ପୁଣି କହିଛନ୍ତି, ୨୦୨୫ ଓଡ଼ିଶା ନର୍ସିଂ ଶିକ୍ଷା ସେବା କ୍ୟାଡର ଗଠନ ହେବା ଦ୍ୱାରା ଖାଲିପଡ଼ିଥିବା ମୂଳ ଟ୍ୟୁଟର ପଦବୀଗୁଡ଼ିକୁ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକମାନଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ।

## ସମ୍ବଲପୁର ସହରାଞ୍ଚଳକୁ ଯୋଗାଯିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ

ରାଜ୍ୟର ୧୧୦ଟି ସହରାଞ୍ଚଳରେ ଲାଗିଥିବା ସାର୍ବଜନୀନ ଷ୍ଟ୍ରିଟ୍ ଲାଇଟ୍ (ଏଲ୍‌ଇଡି) ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବା ସହିତ ସମ୍ବଲପୁର ସହରାଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବର୍ଦ୍ଧିତ ପାନୀୟଜଳ ଚାହିଦା ପୂରଣ କରିବା ପାଇଁ ଜଳ ବିଶୋଧନ କେନ୍ଦ୍ରର କ୍ଷମତାକୁ ଉନ୍ନତ କରିବା ଆବଶ୍ୟକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ୪.୭୫ ଲକ୍ଷ ଥିବା ବେଳେ ଆକଳନ ଅନୁଯାୟୀ ୨୦୪୩ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୭ ଲକ୍ଷ ହେବ ବୋଲି ଲକ୍ଷ୍ୟ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ୱାଟର କର୍ପୋରେଶନ ☞ପୃଷ୍ଠା–୪

## ନିର୍ମାଣ ହେବ ୩୮ ମଡେଲ ମଣ୍ଡି

ଚାଷୀଙ୍କ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ଏବଂ ସ୍ୱଚ୍ଛ ଉପାୟରେ ଧାନ ସଂଗ୍ରହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଗୋଟିଏ ଛାତ ତଳେ ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗୀଦାରିଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର 'ମଡେଲ ମଣ୍ଡି' ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟ ହେବ। ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ଗୁଡ଼ିକ ନିଜସ୍ୱ ଅର୍ଥରୁ ୧୫୦ କୋଟି ଭରଣା କରିବାକୁ ରହିଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୫୦ କୋଟି ଟଙ୍କା ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ଚଳିତବର୍ଷ ବଜେଟରେ ୫୦ କୋଟି ☞ପୃଷ୍ଠା–୪

## ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ବିମାନ ମରାମତି କେନ୍ଦ୍ର

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ପୂର୍ବ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ବିମାନ ସେବା ପାଇଁ ଓଡ଼ିଶାକୁ ଏକ ଆଞ୍ଚଳିକ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ରାଜ୍ୟ କ୍ୟାବିନେଟ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ(ଏମ୍‌ଆରଓ) କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହା ପୂର୍ବ ଭାରତର ପ୍ରଥମ ବଡ଼ ଏମ୍‌ଆରଓ କେନ୍ଦ୍ର ହେବ। ଏହି ପ୍ରକଳ୍ପ ସରକାରଙ୍କ ବି–ମାନ(ବିଲ୍‌ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ☞ପୃଷ୍ଠା–୪

## ଶ୍ରୀମନ୍ଦିର ଉଡ଼ାଇଦେବାକୁ ଧମକପୂର୍ଣ୍ଣ ଲେଖା

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗର ବୁଢ଼ୀ ମା' ମନ୍ଦିର କାନ୍ଥରେ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ହାତରେ ଲେଖାଯିବା ସହିତ ଫୋନ୍ ନମ୍ବର ମଧ୍ୟ ଦିଆଯାଇଛି। ଏପରି କି ମନ୍ଦିରକୁ ଉଡ଼ାଇଦେବାକୁ ମଧ୍ୟ ଧମକ ଦିଆଯାଇଥିବା ଉକ୍ତ ଲେଖାରେ ଦେଖିବାକୁ ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଧମକ ଦିଆଯାଇଛି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହେବାସହ ପୋଲିସ ବିଭାଗର ନିଦ ହଜିଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।



ଅଟକ ଥିବା ବ୍ୟକ୍ତି ଜଣକ ଗଡ଼ିଶାଗଡା ଥାନା ଅଞ୍ଚଳର ରଘୁନାଥ ସାହୁ(୫୫) ବୋଲି ଜଣାପଡ଼ିଛି। ସେ ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବୁଧବାର ସକାଳେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ବାଲିସାହି ରାସ୍ତାରେ ଥିବା ମା' ବୁଢ଼ୀ ମା' ମନ୍ଦିର କାନ୍ଥର ଦୁଇଟି ସ୍ଥାନରେ କିଛି ଲେଖାଯାଇଥିବା ☞ପୃଷ୍ଠା–୪

## ୟୁରାନିୟମ୍ ଖନନରେ ଘରୋଇ କମ୍ପାନୀକୁ ଅନୁମତି ଦେଇପାରେ କେନ୍ଦ୍ର

**ନୂଆଦିଲ୍ଲୀ, ୧୩।୮**

ସରକାରୀ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭୬,୦୦୦ ଟନ୍ ୟୁରାନିୟମ୍ ରହିଛି, ଯାହାକି ୩୦ ବର୍ଷ ପାଇଁ ୧୦,୦୦୦ ମେଗାୱାଟ୍‌ର ଆଣବିକ ଶକ୍ତିକୁ ଇନ୍ଧନ ଦେବା ପାଇଁ ପର୍ଯ୍ୟାପ୍ତ। ୨୦୪୭ ମସିହା ସୁଦ୍ଧା ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଦେଶରେ ୟୁରାନିୟମ୍ ଖନନ, ଆମଦାନୀ ଓ ପ୍ରକ୍ରିୟାକରଣରେ ଘରୋଇ କମ୍ପାନୀଗୁଡ଼ିକୁ ସାମିଲକରିବା ପାଇଁ କେନ୍ଦ୍ର ସରକାର ଏକ ନୂଆ ନିୟାମକ ଢାଞ୍ଚା ଆଣିବାକୁ ଯାଉଛନ୍ତି। ପ୍ରସ୍ତାବିତ ଆଇନ କାର୍ଯ୍ୟକାରୀ ହେଲେ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅନେକ ବିଲିୟନ୍ ଡଲାର ବିଦେଶୀ ପୁଞ୍ଜିନିବେଶ ହୋଇପାରିବ। ଏଥିସହ ଆଣବିକ କ୍ଷେତ୍ରରେ ଅନେକ ଦଶନ୍ଧି ଧରି ସରକାରଙ୍କ ରହିଆସିଥିବା ଏକଚାଟିଆ ଦଖଲ ଶେଷ ହେବ। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ନୀତି ଚଳିତ ଆର୍ଥିକବର୍ଷରେ ଘୋଷଣା କରାଯିବ। ଏହା ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା ଉପକରଣ ଯୋଗାଣରେ ଘରୋଇ ସଂସ୍ଥାଗୁଡ଼ିକୁସହାୟକହେବବୋଲିମନେକରାଯାଉଛି। ଅନ୍ୟପକ୍ଷେ ବିଦେଶୀ ପକ୍ଷଗୁଡ଼ିକୁ ଏଥିରେ ସହଭାଗିତା ସୁଯୋଗ ମିଳିଲେ ଆଣବିକ ସେକ୍ଟରରେ ଦେଶର ନିରାପତ୍ତା, ଉତ୍ତରଦାୟିତ୍ୱ ଓ ରଣନୈତିକ ନିୟନ୍ତ୍ରଣ ପ୍ରତି ବିପଦ ସୃଷ୍ଟିହେବା ଆଶଙ୍କା କରାଯାଉଛି।

### ୨୦୪୭ ସୁଦ୍ଧା ୧୨ ଗୁଣା ଆଣବିକ ଶକ୍ତି ବୃଦ୍ଧି ଲକ୍ଷ୍ୟ

କେନ୍ଦ୍ର ସରକାର ୟୁରାନିୟମ୍ ଖନନ, ଆମଦାନୀରେ ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ଦେବାକୁ ଯାଉଛନ୍ତି। ତେବେ କେବଳ ଆଣବିକ ଆବର୍ଜନା ପ୍ରକ୍ରିୟାକରଣରେ ସରକାରୀ ନିୟନ୍ତ୍ରଣ ବଳବତ୍ତର ରହିବ। ଏହା କାର୍ଯ୍ୟକାରୀ ହେଲେ ଆଣବିକ ଶିଳ୍ପରେ ବିପୁଳ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି ହେବା ସହ ଏହି କ୍ଷେତ୍ରରେ ଅନେକ ଦଶନ୍ଧି ଧରି ରହିଆସିଥିବା ସରକାରଙ୍କ ଏକଚାଟିଆ ଅଧିକାର ଶେଷ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୨୪ ସୁଦ୍ଧା ଦେଶର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାକୁ ୧୨ ଗୁଣ ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏପରି କି ପାୱାର ☞ପୃଷ୍ଠା–୪

## ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପଞ୍ଚାୟତିରାଜ ଆଇନ ଭିତରେ ପଞ୍ଚାୟତକୁ ସୁଦୃଢ଼ କରିବା ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟି ପ୍ରସ୍ତାବ ଦେଇଛନ୍ତି। ରାଜ୍ୟପାଳ ଏ ବିଷୟରେ ମଙ୍ଗଳବାର ପୁଙ୍ଖାନୁପୁଙ୍ଖଭାବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆମେ ପଞ୍ଚାୟତ ଓ ବ୍ଲକ୍ ପୁନର୍ଗଠନ କରିପାରିବା। ଏହାଦ୍ୱାରା ଲୋକଙ୍କ ପାଖରେ ସୁବିଧାରେ ଯୋଜନା ପହଞ୍ଚିପାରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ପଞ୍ଚାୟତର ପୁନର୍ଗଠନ ପାଇଁ ନିର୍ଣ୍ଣୟ ନିଆଯାଇଛି। ରାଜ୍ୟପାଳ ଏନେଇ ପ୍ରସ୍ତାବ ଦେଇଛନ୍ତି। ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ☞ପୃଷ୍ଠା–୪

## ହାଡ଼ଭଙ୍ଗା ଚିକିତ୍ସା: ବୋନ୍ ପ୍ରୋଟିନ୍ ପ୍ରଣାଳୀ ବିକଶିତ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**

### ଏନ୍‌ଆଇଟି ରାଉରକେଲାର କୃତିତ୍ୱ

ବୋନ୍ (ହାଡ଼) ପୁନରୁଦ୍ଧାରରେ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରାଯାଇପାରିବ। ଶର୍କରା ଅଣୁ ଓ ହାଡ଼ ପ୍ରୋଟିନ୍ ଯୌଗିକକୁ ଏଥିପାଇଁ ଡିକୋଡ୍ କରାଯାଇଛି। ଏହି ଗବେଷଣାରେ ହାଡ଼ଭଙ୍ଗା, ଆଘାତ ଏବଂ ଅବକ୍ଷୟ ହାଡ଼ ରୋଗର ଚିକିତ୍ସା ପାଇଁ ଜୈବ ସାମଗ୍ରୀ ଓ ଔଷଧ ବିତରଣ ପ୍ରଣାଳୀ ବିକଶିତ କରିବାରେ ସାହାଯ୍ୟ କରିବ। ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ଏପରି ଏକ ପ୍ରଣାଳୀ ବିକଶିତ କରାଯାଇଛି। ଗବେଷକମାନେ ମାନବ ଶରୀରରେ ଥିବା ପ୍ରାକୃତିକ ଶର୍କରା ପରି ଅଣୁଗୁଡ଼ିକ ହାଡ଼ ଗଠନ ଓ ମରାମତି ପାଇଁ ଦାୟୀ ଏକ ପ୍ରୋଟିନ୍ ବୋନ୍ ମର୍ଫୋଜେନେଟିକ୍ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଭାରତରେ ଆର୍ଯ୍ୟ



## ସଂକ୍ଷେପରେ

### ଟ୍ରକ୍-ଭ୍ୟାନ୍ ଧକ୍କା: ୭ ଶିଶୁ ସମେତ ୧୧ ମୃତ

ଜୟପୁର, ୧୩।୮ (ପି.ଟି.)

ରାଜସ୍ଥାନର ଦୌସା ଜିଲାର ମନୋହରପୁର ରାଜପଥରେ ବୁଧବାର ସକାଳେ ଏକ ଟ୍ରକ୍ ଏବଂ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ଘଟି ଉତ୍ତରପ୍ରଦେଶର ୧୧ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଶିଶୁ ରହିଛନ୍ତି। ସେହିପରି ୧୦ ଜଣ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ଆହତଙ୍କ ମଧ୍ୟରେ ୩ ଜଣ ଶିଶୁ ରହିଛନ୍ତି। ସମସ୍ତ ମୃତକ ଉତ୍ତରପ୍ରଦେଶର ଏଟା ସହରରୁ ହୋଇଥିବା ଜଣାପଡ଼ିଛି। ଏଟାର କେତେଜଣ ବ୍ୟକ୍ତି ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିର ଏବଂ ଶଲଶର ବାଲାଜୀ ମନ୍ଦିରରେ ଦର୍ଶନକରି ପିକ୍‌ଅପ୍ ଭ୍ୟାନ ଯୋଗେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନଟି ୨୦ ଜଣଙ୍କୁ ଧରି ଯାଉଥିଲା ବୋଲି ଦୌସା ଏସ୍‌ପି ସାଗର ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଶୋକ ବ୍ୟକ୍ତ କରିଛନ୍ତି।

### ୧୮ରେ ଭାରତ ଆସିବେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଆସନ୍ତା ୧୮ରେ ଭାରତ ଗସ୍ତରେ ଆସୁଛନ୍ତି। ଏହି ଗସ୍ତବେଳେ ୱାଙ୍ଗ୍ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ସହ ସୀମା ଉପରେ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ରେ ଯୋଗଦେବା ପାଇଁ ଚାଇନାର ତିଆଞ୍ଜିନ୍ ଗସ୍ତ କରିବା ଯୋଜନା ରହିଥିବାବେଳେ ଏହା ପୂର୍ବରୁ ୱାଙ୍ଗ୍ ଆସୁଛନ୍ତି। ଏହା ପୂର୍ବରୁ ସ୍ୱତନ୍ତ୍ର ପ୍ରତିନିଧି ଡୋଭାଲ ଗତ ଡିସେମ୍ବରରେ ଚାଇନା ଗସ୍ତ କରିଥିଲେ।

## ଆଜିର ଦିଲ୍ଲୀ



ଜାତୀୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବୁଧବାର ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ପରେଡ୍ ଅଭ୍ୟାସ। (ଫଟୋ- ଚମନ ଗୌତମ)

# ଏସ୍‌ସିଏସ୍: ଚାଇନା-ଆମେରିକା ମୁହାଁମୁହିଁ

ୱାଶିଂଟନ୍, ୧୩।୮

ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ଆଧିପତ୍ୟ ବିସ୍ତାର କରିଆସିଥିବା ଚାଇନା ପୁଣିଥରେ ଏହି ସାମୁଦ୍ରିକ ଜଳରାଶି ଉପରେ ଆମେରିକୀୟ ନୌସେନା ସହ ମୁହାଁମୁହିଁ ହୋଇଛି। ଚାଇନା ନୌସେନା ପକ୍ଷରୁ ବୁଧବାର କୁହାଯାଇଛି ଯେ, ଆମେରିକା ନୌସେନାର ଏକ ଯୁଦ୍ଧଜାହାଜ ଏସ୍‌ସିଏସ୍‌ରେ ଥିବା ଚାଇନାର ଜଳକ୍ଷେତ୍ରକୁ ଚାଲିଆସିଥିଲା। ଏହାକୁ ଚାଇନା ନୌସେନା ଘଉଡ଼ିଦେଇଛି। ଅନ୍ୟପକ୍ଷେ ଆମେରିକା ନିଜ ଅପରେଶନ୍‌କୁ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବୈଧ ବୋଲି ଦର୍ଶାଇଛି।

ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ)ର ସର୍ଦ୍ଦର୍ନ ଥିଏଟର କମାଣ୍ଡ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏସ୍‌ସିଏସ୍‌ର ରଣନୈତିକ କ୍ଷେତ୍ର ସ୍କାରବୋରୋ ଶୋଲ୍‌କୁ ଆମେରିକାର ଏକ ଯୁଦ୍ଧଜାହାଜ ବିନା ଅନୁମତିରେ ବେଆଇନ ଭାବେ ଅନୁପ୍ରବେଶ କରି



ଆସିଥିଲା। ଚାଇନା ନେଭି ଆମେରିକା ନୌସେନାର ଡେଷ୍ଟ୍ରୟର ୟୁଏସ୍‌ଏସ୍ ହିଗିନ୍ସର ଗତିବିଧି ଟ୍ରାକ୍ କରିବା ସହ ଏହାକୁ ଘଉଡ଼ିଦେଇଛି। ଆମେରିକା ସେନାର କାର୍ଯ୍ୟ ଚାଇନାର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ଗମ୍ଭୀର ହସ୍ତକ୍ଷେପ, ଯାହାକି ଦକ୍ଷିଣ ଚାଇନା ସାଗରରେ ଶାନ୍ତି ଓ ସ୍ଥିରତାକୁ ନ୍ୟୂନ କରିଦେଉଛି ବୋଲି ଏଥିରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷେ ଚାଇନାର ଏଭଳି ଅଭିଯୋଗକୁ ଆମେରିକା ନୌସେନା ଖଣ୍ଡନ କରିଛି। ଏହି ଅପରେଶନ୍ ଏକ ଆଇନଗତ ଅଧିକାର। ଉକ୍ତ ମିଶନ୍‌ର ଲକ୍ଷ୍ୟ ହେଉଛି ବିସ୍ତାରବାଦୀ ଚାଇନା ତାଇୱାନ୍ ଉଦ୍ଦେଶ୍ୟରେ ଲଗାଉଥିବା କଟକଣାଗୁଡ଼ିକୁ ହଟାଇବା। ହିଗିନ୍ସ ଏବେ ମଧ୍ୟ ନିଜ ଅପରେଶନ୍‌ରେ ନିୟୋଜିତ ରହିଛି। ଏହି ମିଶନ୍ ସମ୍ପର୍କରେ ଚାଇନାର ଦାବି ସମ୍ପୂର୍ଣ୍ଣ ମିଛ ବୋଲି ୟୁଏସ୍ ସେଭେନ୍ଥ ଫ୍ଲିଟ୍ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ ସାରାହ ମେରିଲ୍ଲ ବ୍ଲୁମ୍‌ବର୍ଗଙ୍କୁ ଏକ ଇ-ମେଲ୍ ଯୋଗେ ଜଣାଇଛନ୍ତି। ଚାଇନା ଯାହା କହିଲେ ବି ଆମକୁ ଫରକ୍ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଟାରିଫ୍‌କୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଏହି ଘଟଣା ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିର ସମ୍ପର୍କରେ ଆହୁରି ତିକ୍ତତା ଭରିଦେଇଛି।

ଉଲ୍ଲେଖଯୋଗ୍ୟ, ଦକ୍ଷିଣ ଚାଇନା ସାଗର ଦୀର୍ଘବର୍ଷ ଧରି ଚାଇନା ଓ ଆମେରିକା ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଆସିଛି। ୨୦୧୬ରେ ନେଦରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ ଅଦାଲତ ଦେଇଥିବା ରାୟକୁ ଚାଇନା ଅମାନ୍ୟ କରି ଏସ୍‌ସିଏସ୍ ଉପରେ ନିଜ ଆଧିପତ୍ୟ ଜାହିର କରିଥାଏ। ଏହାର ବିସ୍ତୃତ ଜଳରାଶି ଉପରେ ଚାଇନାର କ୍ଷେତ୍ରିୟ ଦାବି ସହ ପଡ଼ୋଶୀ ଦେଶ ଜାହାଜଗୁଡ଼ିକର ଗତିବିଧି ଅନେକ ସମୟରେ ଚର୍ଚ୍ଚାର ବିଷୟ ହୋଇଥାଏ। ସ୍କାରବୋରୋ ଶୋଲ୍‌ରେ ମଙ୍ଗଳବାର ଦୁଇଟି ଚାଇନା ଜାହାଜ ମଧ୍ୟରୁ ଗୋଟିଏ ସହ ଫିଲିପାଇନ୍ସ କୋଷ୍ଟ ଗାର୍ଡର ଏକ ଜାହାଜ ଧକ୍କା ହୋଇଥିଲା। ଏଥିପାଇଁ ବେଜିଂ ମାନିଲାକୁ ଦୋଷ ଦେଇଥିଲା।

### ୟୁପିରେ ମୂକ-ବଧିର ଯୁବତୀଙ୍କୁ ଗଣବଳାତ୍କାର

ବଳରାମପୁର, ୧୩।୮ (ପି.ଟି.)

ଉତ୍ତରପ୍ରଦେଶର ବଳରାମପୁର ଜିଲା କୋତ୍‌ୱାଲୀ ଅଞ୍ଚଳରେ ଜଣେ ମାନସିକ ବିକୃତ ମୂକ-ବଧିର ଯୁବତୀଙ୍କୁ ଅପହରଣ କରି ଗଣବଳାତ୍କାର କରାଯାଇଥିବାର ଏକ ମାମଲା ସାମ୍ନାକୁ ଆସିଛି। ସୋମବାର ସନ୍ଧ୍ୟାରେ ଯୁବତୀ ଜଣକ ନିଜ ମାମୁଙ୍କ ଘରୁ ଚାଲିଚାଲି ନିଜ ଘରକୁ ଫେରୁଥିବା ସମୟରେ ଏକ ନିର୍ଜନ ରାସ୍ତାରେ ବାଇକ୍‌ରେ ୨ ଜଣ ଯୁବକ ଆସି ତାଙ୍କୁ ଅପହରଣକରି ନେଇଥିଲେ। ସେମାନେ ଯୁବତୀଙ୍କୁ ସ୍ଥାନୀୟ ବାହାଦୁରପୁର ଥାନା ପଛପଟ ବୁଦାକୁ ନେଇ ସେଠାରେ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କୁ ଜୋର ଜବରଦସ୍ତ ଅପହରଣ କରାଯିବାର ଭିଡିଓ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା, ଯାହାକୁ ଆଧାରକରି ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମ୍ପ୍ରତି ପୀଡ଼ିତା ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି।

### ୩୫ ବର୍ଷ ପରେ ଫାଇଲ ଖୋଲିଲା

**କଶ୍ମୀରୀ ପଣ୍ଡିତ ମହିଳା ହତ୍ୟା ମାମଲା**

ଶ୍ରୀନଗର, ୧୩।୮

୧୯୯୦ରେ କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଆତଙ୍କବାଦୀ ହତ୍ୟା କରିଥିଲେ। ଜମ୍ମୁ-କଶ୍ମୀର ପୋଲିସର ରାଜ୍ୟ ତଦନ୍ତକାରୀ ସଂସ୍ଥା (ଏସ୍‌ଆଇଏ) ସୋମବାର ୩୫ ବର୍ଷ ପରେ ଏହି ମାମଲାର ଫାଇଲ୍ ଖୋଲିଛି। ଏସ୍‌ଆଇଏ ଅଧିକାରୀମାନେ ଜେଲରେ ଥିବା ଜେକେଏଲ୍‌ଏଫ୍ ଅଧ୍ୟକ୍ଷ ମହମ୍ମଦ ୟାଶିନ୍ ମଲିକଙ୍କ ବାସଭବନ ସମେତ ଶ୍ରୀନଗରର ୮ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ପୋଲିସ ରେକର୍ଡ ଅନୁଯାୟୀ ଅନନ୍ତନାଗର ନର୍ସ ସରଳା ଭଟ୍ଟ(୨୭)ଙ୍କୁ ୧୯୯୦ ଏପ୍ରିଲରେ ଅପହରଣ କରିନିଆଯାଇଥିଲା। ପରଦିନ ସକାଳେ ସୌରାର ମାମଲାବାଘ ଅଞ୍ଚଳରୁ ତାଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା।

# କେବିସିରେ ସୋଫିଆ, ବ୍ୟୋମିକା



**ପ୍ରଶ୍ନ ଉଠାଇଲେ ବିରୋଧୀ**

ନୂଆଦିଲ୍ଲୀ, ୧୩।୮

ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ହୋଷ୍ଟ କରୁଥିବା ଲୋକପ୍ରିୟ ଟିଭି ରିଆଲିଟି ଶୋ' 'କୌନ୍ ବନେଗା କରୋଡ୍‌ପତି'ର ୧୭ତମ ସିଜନ୍ ସମ୍ପ୍ରତି ଜାରି ରହିଛି। ଶୁକ୍ରବାର ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଏପିସୋଡ୍ ପାଇଁ ଭାରତର ଆତଙ୍କବାଦ ବିରୋଧୀ ଅପରେଶନ ସିନ୍ଦୂର ସମ୍ପର୍କରେ ଦେଶବାସୀଙ୍କୁ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିବା ସେନାର ୨ ମହିଳା ଅଧିକାରୀ କଲୋନେଲ୍ ସୋଫିଆ କୁରେଶୀ ଓ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କୁ ଏହି ରିୟଲିଟି ଶୋ'କୁ ନିମନ୍ତ୍ରଣ କରାଯାଇଛି। ଶୁକ୍ରବାର ରାତି ୯ଟାରେ ସୋନି ଟିଭିରେ ଏହି ସ୍ୱତନ୍ତ୍ର ଏପିସୋଡ୍‌କୁ ଟେଲିକାଷ୍ଟ କରାଯିବ। ଏହାପୂର୍ବରୁ ସୋନି ଟିଭି ପକ୍ଷରୁ ସୋସିଆଲ ମିଡିଆରେ ଏହି ଏପିସୋଡ୍‌ର ଏକ ପ୍ରୋମୋକୁ ଜାରି କରାଯାଇଛି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏକ ପ୍ରାଇଭେଟ କମ୍ପାନୀର ରିଆଲିଟି ଶୋ'ରେ ଭାରତୀୟ ସେନାର ୨ ବରିଷ୍ଠ ମହିଳା ଅଧିକାରୀ ଯୋଗଦେବାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପ୍ରଶ୍ନ ଉଠାଇଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଏକ ପିଆର୍. ଷ୍ଟଣ୍ଟ ଏବଂ ରାଜନୈତିକ ଲାଭ ପାଇଁ ୨ ସେନା ଅଧିକାରୀଙ୍କୁ ବ୍ୟବହାର କରାଯାଉଛି ବୋଲି ଅନେକ ୟୁଜର୍ସ କହିଛନ୍ତି। ଏପରି ଏପିସୋଡ୍ କରି ପ୍ରାଇଭେଟ୍ ଚ୍ୟାନେଲଗୁଡ଼ିକ ଦେଶପ୍ରେମକୁ ପ୍ରୋତ୍ସାହିତ କରୁଥିବାବେଳେ, ସେମାନେ ଭାରତ-ପାକିସ୍ତାନ ମ୍ୟାଚ୍‌ର ପ୍ରସାରଣ କରି ଲାଭବାନ ହେଉଛନ୍ତି ବୋଲି ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି।

# ଭାରତରେ ପ୍ରତି ହଜାରେ ପ୍ରସବରେ ୬ ପିଲାଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

୨୦୨୦ରେ ଭାରତରେ ପ୍ରତି ହଜାର ପ୍ରସବରେ ୬ ନବଜାତକଙ୍କର ମୃତ୍ୟୁ ଘଟିଥିବା ନେଇ ନ୍ୟାଶନାଲ ସର୍ଭେଜ୍ ଏବଂ ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମ ପକ୍ଷରୁ ପ୍ରକାଶ ପାଇଥିବା ଏକ ତଥ୍ୟ ବିଶ୍ଳେଷଣ ରିପୋର୍ଟରୁ ଜଣାପଡ଼ିଛି। ପ୍ରସବ ସମୟରେ ଗ୍ରାମାଞ୍ଚଳର ମା'ଙ୍କ ତୁଳନାରେ ସହରାଞ୍ଚଳର ମା'ଙ୍କଠାରେ ନବଜାତକଙ୍କ ମୃତ୍ୟୁହାର ଅଧିକ ରହିଛି। ମୁଖ୍ୟତଃ ଉତ୍ତର ଏବଂ କେନ୍ଦ୍ରୀୟ ଭାରତରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁ ହାର ସର୍ବାଧିକ ଥିବା ନେଇ ଏହି ରିପୋର୍ଟରେ ଏମ୍ସ ଗୋରଖପୁର ଏବଂ ନୂଆଦିଲ୍ଲୀସ୍ଥିତ ଆଇସିଏମ୍‌ଆର୍‌ର ଗବେଷକମାନେ ପ୍ରକାଶ କରିଛନ୍ତି। 'ଦି ଲାନସେଣ୍ଟ'ର ରିଜିଓନାଲ ହେଲଥ୍ ସାଉଥ୍ ଇଷ୍ଟ ଏସିଆ ଜର୍ନାଲରେ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ଉତ୍ତର ଭାରତର ଚଣ୍ଡିଗଡ଼, ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର ସର୍ବାଧିକ ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମର ୨୦୨୦ ରିପୋର୍ଟ ଏବଂ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍)ର ୫ମ ପର୍ଯ୍ୟାୟରୁ ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି।



ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରତି ହଜାର ପ୍ରସବରେ ନବଜାତକଙ୍କ ମୃତ୍ୟୁହାର

**ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଅଧିକ**

୬.୫୪୮ ରହୁଛି। କନ୍ୟା ନବଜାତକଙ୍କ କ୍ଷେତ୍ରରେ ଏହି ହାର ୬.୫୪ ଏବଂ ନବଜାତକ ଶିଶୁପୁତ୍ରଙ୍କ କ୍ଷେତ୍ରରେ ଏହା ୬.୬୩ ରହୁଛି। ଯେଉଁ ଜିଲାରେ ଅଧିକ ଗର୍ଭବତୀ ମହିଳା ରକ୍ତହୀନତା(ଆଇରନ୍ ଅଭାବ ଏବଂ କମ୍ ଓଜନ)ର ଶିକାର ହୋଇଛନ୍ତି, ସେଠାରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର ଅଧିକ ରହିଛି। ସ୍ୱାସ୍ଥ୍ୟକର ରକ୍ତସ୍ରାବ ଅଭ୍ୟାସ ଏବଂ ସିଜେରିଆନ ପ୍ରସବରେ ନବଜାତକଙ୍କ ମୃତ୍ୟୁହାର କମ୍ ରହିଥିବା ଏହି ରିପୋର୍ଟ କହିଛି। ତେଲଙ୍ଗାନା, ତାମିଲନାଡୁ, କର୍ନାଟକ ପରି ରାଜ୍ୟରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର କମ୍ ରହିଛି।

## ଫୁରସତ୍

# ଜେଲରେ କଏଦୀଙ୍କ ପାଇଁ ଲାଇବ୍ରେରି

**ରହିଛି ୧୫ ହଜାର ବହି**

ଗାଜିଆବାଦ

ଉତ୍ତରପ୍ରଦେଶର ଗାଜିଆବାଦ ଜିଲା ଦାସ୍‌ନାଠାରେ ଥିବା ଜିଲା କାରାଗାର ପରିସର ମଧ୍ୟରେ ଏକ ଲାଇବ୍ରେରି ପ୍ରତିଷ୍ଠା କରାଯାଇଛି। ଜେଲରେ ଥିବା କଏଦୀମାନଙ୍କୁ ଶିକ୍ଷା ପ୍ରତି ପ୍ରେରିତ କରିବା ଉଦ୍ଦେଶ୍ୟରେ ଏହି ଆଧୁନିକ ଲାଇବ୍ରେରିକୁ କଏଦୀମାନଙ୍କ ପାଇଁ ଖୋଲାଯାଇଛି। ନିକଟରେ ଏହାର ଉଦ୍‌ଘାଟନ କରାଯାଇଥିଲା। ପ୍ରାରମ୍ଭିକ ଦିନଗୁଡ଼ିକରେ କଏଦୀମାନ ଏହି ପାଠାଗାରକୁ କେବଳ ପଢ଼ିବା ପାଇଁ ଆସୁନାହାନ୍ତି ବରଂ କାରାଗାରର ବାରାକ୍ ମଧ୍ୟରେ ବହି ପଢ଼ିବା ପାଇଁ ପାଠାଗାରରୁ ଅନେକ ପୁସ୍ତକ ଇସ୍ୟୁ କରୁଥିବା ନେଇ



ଜଣେ ଜେଲ କର୍ମଚାରୀ କହିଛନ୍ତି। ଏହି ପାଠାଗାରରେ ୧୫ ହଜାରରୁ ଅଧିକ ପୁସ୍ତକ ରହିଛି, ଯେଉଁଥିରେ ବିଭିନ୍ନ ଧାର୍ମିକ ଗ୍ରନ୍ଥ, ହିନ୍ଦୀ ଏବଂ ଇଂରାଜୀ ସାହିତ୍ୟ, ଆଇନ ସମ୍ବନ୍ଧୀୟ ପୁସ୍ତକ, ଆତ୍ମଜୀବନୀ ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ସାମାଜିକ ବିଜ୍ଞାନ ପୁସ୍ତକ ଆଦି ଅନ୍ତର୍ଭୁକ୍ତ।

ଗାଜିଆବାଦ ଜିଲା କାରାଗାରର ଜେଲ ଅଧୀକ୍ଷକ ସୀତାରାମ ଶର୍ମା କହିଛନ୍ତି, କଏଦୀମାନଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜେଲ ପରିସର ମଧ୍ୟରେ ନିର୍ମିତ ନୂତନ ପାଠାଗାରର ପ୍ରାରମ୍ଭିକ ଧାରା ବହୁତ ସକାରାତ୍ମକ ରହିଛି। ଏହି ପାଠାଗାର ଦ୍ୱାରା କଏଦୀମାନେ ସେମାନଙ୍କର ସମୟକୁ ଠିକ୍ ଭାବରେ ବ୍ୟବହାର କରୁଛନ୍ତି। ପୁସ୍ତକ ପଢ଼ିବା ଦ୍ୱାରା କଏଦୀମାନଙ୍କର ମାନସିକ ଚାପ ହ୍ରାସ ପାଇବ ଏବଂ ସେମାନଙ୍କ ଚିନ୍ତାଧାରାରେ ସକାରାତ୍ମକତା ବୃଦ୍ଧି ପାଇବ। ସେହିପରି କଏଦୀମାନଙ୍କର ଆତ୍ମବିଶ୍ୱାସ ମଧ୍ୟ ବଢ଼ିବ। ସାମଗ୍ରିକ ଭାବରେ ଏହି ପାଠାଗାର କଏଦୀମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ଲାଇବ୍ରେରିକୁ ଆସି ପୁସ୍ତକ ପଢ଼ିବା ପାଇଁ ଜେଲ ପ୍ରଶାସନ ପକ୍ଷରୁ କଏଦୀମାନଙ୍କୁ ଉତ୍ସାହିତ କରାଯାଉଛି। ଲାଇବ୍ରେରିରେ ୧୫,୦୦୦ରୁ ଅଧିକ ବିଭିନ୍ନ ପ୍ରକାରର ପୁସ୍ତକ ଉପଲବ୍ଧ ଥିବାରୁ କଏଦୀମାନେ ସେମାନଙ୍କ ଆଗ୍ରହ ଅନୁଯାୟୀ ପୁସ୍ତକ ଇସ୍ୟୁ କରିପାରିବେ ବୋଲି ଜେଲ ଅଧୀକ୍ଷକ କହିଛନ୍ତି। ଆଗାମୀ ଦିନଗୁଡିକରେ ଗାଜିଆବାଦ ଜିଲା କାରାଗାରରେ କାହାଣୀ କହିବା, ପଠନ ଏବଂ ସୃଜନଶୀଳ ଲେଖା ସହ ଜଡ଼ିତ ବିଭିନ୍ନ ପ୍ରକାରର ପ୍ରତିଯୋଗିତାକୁ ମଧ୍ୟ ଆୟୋଜନ କରାଯିବ। ଏହାଦ୍ୱାରା ଅଧିକରୁ ଅଧିକ କଏଦୀ ଶିକ୍ଷା ପ୍ରତି ପ୍ରେରିତ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହେବେ ବୋଲି ଜେଲ ଅଧୀକ୍ଷକ କହିଛନ୍ତି।

# ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ

ମୁମ୍ବାଇ



ରଜନୀକାନ୍ତ

ଚଳିତବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'କୁଲି' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ତେବେ ରିଲିଜ୍ ପୂର୍ବରୁ ଲୋକେଶ କନ୍‌ଗରାଜଙ୍କ ନିର୍ଦ୍ଦେଶିତ ଏବଂ ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଏହି ଫିଲ୍ମ ଆଡ୍‌ଭାନ୍ସଡ୍ ବୁକିଂରେ ରେକର୍ଡ କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି' ଫିଲ୍ମ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ କେବଳ ତାମିଲନାଡୁରେ ଏହା ୨୭ କୋଟିର ବ୍ୟବସାୟ କରିଛି। ସେହିପରି ଆଡ୍‌ଭାନ୍ସଡ୍ ବୁକିଂରୁ ଦେଶବ୍ୟାପୀ ଏହି ଫିଲ୍ମ ୫୩ କୋଟି ଟଙ୍କାର ବ୍ୟବସାୟ କରିଛି। ଆଡ୍‌ଭାନ୍ସଡ୍ ବୁକିଂକୁ ଦୃଷ୍ଟିରେ ରଖି ରିଲିଜ୍ ହେବାର ପ୍ରଥମ ଦିନ 'କୁଲି' ଫିଲ୍ମର ବ୍ୟବସାୟ ୧୫୦ କୋଟି ଟଙ୍କା ପାର୍ କରିବ ବୋଲି କେତେଜଣ ସିନେ ସମୀକ୍ଷକ ଆକଳନ କରିଛନ୍ତି। ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଅଭିନେତା ନାଗାର୍ଜୁନ, ସତ୍ୟରାଜ, ଆମୀର ଖାନ୍ ଓ ଅଭିନେତ୍ରୀ ଶ୍ରୁତି ହାସନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମୂଳତଃ ତାମିଲ ଭାଷୀ ଏହି ଫିଲ୍ମକୁ ଏକକାଳୀନ ଭାବେ ହିନ୍ଦୀ, କନ୍ନଡ ଏବଂ ତେଲୁଗୁ ଭାଷାର ଡବଡ୍ ଭର୍ଜନରେ ମଧ୍ୟ ରିଲିଜ୍ କରାଯିବ। ବକ୍ସ ଅଫିସରେ 'କୁଲି'ର ମୁକାବିଲା ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ 'ୱାର୍ ୨' ଫିଲ୍ମ ସହ ହେବ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭୁବନେଶ୍ୱର ମହାନିଗମ ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରପଦା ହଜ୍, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ପକ୍ଷରୁ ଦେଶଭକ୍ତି ପଥପାନ୍ତ ଉତ୍ସବ 'ମେରି ଜାନ୍ ହିନ୍ଦୁସ୍ଥାନ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ତୃତୀୟ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିମାପଡ଼ା ନିର୍ବାଚନମଣ୍ଡଳୀରେ ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ହରିପୁର ଛକ, ସମୟ: ସକାଳ ୯ଟା।
- ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଅଙ୍କୁରାରୋପଣ, ଘଟ ସ୍ଥାପନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ପଞ୍ଚସଖା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁଆଁଲୋ ବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗବକୁଣ୍ଡ, ସତ୍ୟବାଦୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର
- ଶାନ୍ତି ଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଦୟାନନ୍ଦ ଗୁରୁକୂଳ ଶିକ୍ଷାଶ୍ରମ, ରୂପସା, ସମୟ: ସକାଳ ୯ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ କଲେଜ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଭାଜନର ବିଭୀଷିକା ଆଲୋଚନାଚକ୍ର ଓ ପ୍ରଦର୍ଶନୀ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଆରଏସ୍ଏସ୍‌ର ବୈଠକ, ସ୍ଥାନ: ସିମୁଳିଆ କଲେଜ ପଡିଆ, ସିମୁଳିଆ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- 'ଶତାବ୍ଦୀ ପୁରୁଷ' ପାଠକାର୍ପଣ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ସାମାଜିକକର୍ମୀ ଶତ୍ରୁଘ୍ନ ଧଳୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଭାରତ ଗ୍ୟାସ୍ ଅଫିସ ପାଖ, ବାଳିକା ହାଇସ୍କୁଲ ରୋଡ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୋପାଳପୁର ଚୁଡ଼ାମଣି ରାସ୍ତାର ଶିଳାନ୍ୟାସ, ସ୍ଥାନ: ଚୁଡ଼ାମଣି ଛକ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ପୋଲର ଶିଳାନ୍ୟାସ, ସ୍ଥାନ: ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ : ଅପରାହ୍ନ ୪ଟା।

## କେନ୍ଦୁଝର
- ମହିଳା ମହାବିଦ୍ୟାଳୟରୁ ହର ଘର ତ୍ରିରଙ୍ଗା ସଚେତନତା ରାଲୀ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା ୩୦।
- ବିଭାଜନ ବିଭୀଷିକା ଦିବସ ଉପଲକ୍ଷେ କେନ୍ଦୁଝରର ରାମମନ୍ଦିରଠାରୁ ନିରବ ଶୋଭାଯାତ୍ରା, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।
- ମର୍ନିଂ କ୍ଲବ୍ ପକ୍ଷରୁ ଗଣଦୌଡ଼, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୬ ଟା ୩୦।
- ଏବିଭିପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଚମ୍ପୁଆ, ସମୟ: ପୂର୍ବାନହ ୧୧ଟା।

## ମୟୂରଭଞ୍ଜ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୭ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସ୍ୱଚ୍ଛତା ବାର୍ତ୍ତା ନେଇ ବାଇକ ଶୋଭାଯାତ୍ରା, ସ୍ଥାନ: ବିନାୟକ ଆଚାର୍ଯ୍ୟ କଲେଜ ଛକ। ଆରମ୍ଭ, ସମୟ: ସକାଳ ୭ଟା ୩୦।
- ବିଭାଜନ ବିଭିଷିକାର ସ୍ମୃତି ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ଅପରାହ୍ନ ୫ଟା ୩୦।

## କନ୍ଧମାଳ
- ତ୍ରିରଙ୍ଗା ରାଲି, ସ୍ଥାନ: ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା୩୦।
- ରାଜ୍ୟ ଭାଜପା ସଭାପତିଙ୍କ କନ୍ଧମାଳ ଗସ୍ତ, ବିଭାଜନ ବିଭୀଷିକା ଉପରେ ଆଲୋଚନାଚକ୍ର, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।

## ଗଜପତି
- ତ୍ରିରଙ୍ଗା କେମ୍ପେନିଂ ବାଇକ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ, ସମୟ ସକାଳ: ୭ଟା୩୦।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ ଠାରୁ ୨ କିଲୋମିଟର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ
- ସାମୂହିକ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଏନ୍ଏସି କାର୍ଯ୍ୟାଳୟ,ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ହର ଘର ତ୍ରିରଙ୍ଗା, ହର ଘର ସ୍ୱଚ୍ଛତା ଉପରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ,ସମୟ: ସକାଳ ୯ଟା ।
- ପାରାଦୀପ ଯୁବ ବିଜେଡି ପକ୍ଷରୁ ନାରୀ ନିର୍ଯାତନା ଉପରେ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ପାରାଦୀପ କଲେଜ ପାଖ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ୧୦ ଟା।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠ କାର୍ଯ୍ୟକ୍ରମ,ସ୍ଥାନ ଅଫିସର୍ସ କ୍ଲବ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ଯାଦବ ମହାସଂଘ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶିବାନନ୍ଦ ଆଶ୍ରମ ଗରାପୁର, କେନ୍ଦ୍ରାପଡା, ସମୟ: ସକାଳ ୭ଟା।

## ଯାଜପୁର
- ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ : ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ : ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୪ର୍ଥ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ ସମୟ:ସନ୍ଧ୍ୟା ୭ଟା୩୦, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା ।
- ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ବାଇକ୍ ରାଲି, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।
- ହର୍ ଘର୍ ତ୍ରିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା
- ହର ଘର ତ୍ରିରଙ୍ଗା ଯାତ୍ରାରେ ଗଣଦୌଡ଼,ସ୍ଥାନ: ରିଲାଏନ୍ସ ପେଟ୍ରୋଲ ପମ୍ପଠାରୁ କୋଟଲାଗୁଡା ତାରିଣୀ ମନ୍ଦିର, ରାୟଗଡା, ସମୟ: ସକାଳ ୫ଟା ୩୦ ।
- ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା, ସ୍ଥାନ: ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ସକାଳ ୯ଟା।
- ୟୁକ ବ୍ୟାଙ୍କ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ୍ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମୁନିଗୁଡାରେ ମହାବିଦ୍ୟାଳୟ ପରିସରରୁ କନିକା ପରମେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷାକୁ ନେଇ ପୋଲିସର ସଚେତନତା ଶିବିର, ସ୍ଥାନ: ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର
- ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜୟପୁର ରାଜା ନଗର,ସମୟ: ସକାଳ ୭ଟା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ । ସ୍ଥାନ: ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ନିଶା ନିବାରଣ ନେଇ ଶପଥ ପାଠ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ନେଇ କବିତା ଆସର, ସ୍ଥାନ: କୋରାପୁଟ ସଦଭାବନା ସଭାଗୃହ, ସମୟ : ଅପରାହ୍ନ ୫ ଟା।

## ମାଲକାନଗିରି
- ଜିଲା ପ୍ରଶାସନର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ, ସମୟ:ସକାଳ ୮ ଟା ।
- ଜିଲା ଶିଶୁ ସୁରକ୍ଷା ୟୁନିଟ, ପୋଲିସ ପକ୍ଷରୁ ଆତ୍ମହତ୍ୟା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୭ ଉଚ୍ଚ ବିଦ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ମିଠାକଥା କହି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ପୂର୍ବପରି ପରିସ୍ଥିତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ପୁରାତନ ରୋଗପୀଡା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ, ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ଶତ୍ରୁକୃତ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନ ବୁଝାମଣାରେ କିଛିଟା ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିବେ।

**ସିଂହ** ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। ଦେହ ଭଲ ରହିବ ମାତ୍ର କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଲାନ୍ତିବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି ନୂଆ କାମଟିଏ କରିବାକୁ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ମକଦ୍ଦମା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାକୁ ନେଇ ମାନସିକ ସ୍ତରରେ ଖୁସି ରହିବେ। ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଆଜି ଦୀର୍ଘଦିନର ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବନ୍ଧୁଙ୍କ ଜରିଆରେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଯାନବାହନରେ ଯାତ୍ରା କରିବା ସମୟରେ ଅନ୍ୟମନସ୍କତା ପରିହାର କରିବା ଭଲ ହେବ। ପାରିବାରିକ ସ୍ତରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାହିତ୍ୟ, ସାମ୍ବାଦିକତା, ରପ୍ତାନି କାରବାର ତଥା ଏଜେନ୍ସିରୁ ଲାଭବାନ ହେବେ।

**କୁମ୍ଭ** ଆପଣଙ୍କୁ ସାହାଯ୍ୟ କରିବାକୁ ଯାଇ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପାରିବାରିକ ସ୍ତରରେ ମନ ବୁଝିଲାଭଳି କଥା କହି ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୧୪ ତାରିଖ, ଭାଦ୍ରବ କୃଷ୍ଣ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିରରେ ହରି ଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଜେଉଡ ଭୋଗ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ଦିବା ଘ.୦୯.୦୫ ମି. ପର୍ଯ୍ୟନ୍ତ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୬ ଗତେ ଘ.୦୩.୦୧ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ସମ୍ବଲପୁର ସହରାଞ୍ଚଳକୁ ...
ଅଫ୍ ଓଡ଼ିଶା(ଓ୍ୱାଟ୍‌କୋ) ମାଧ୍ୟମରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ପାଞ୍ଚ ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ସମ୍ବଲପୁର ସହରକୁ ୨୪x୭ ଘଣ୍ଟା ଜଳଯୋଗାଣ ବ୍ୟବସ୍ଥା ସହ ପାନୀୟଜଳ ଯୋଗାଣର ଉନ୍ନତି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ସମ୍ବଲପୁର, ହୀରାକୁଦ ଏବଂ ବୁର୍ଲା ସହରର ସମସ୍ତ ପରିବାରକୁ ୨୪x୭ ଘଣ୍ଟିଆ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବ। ସମ୍ବଲପୁର ଏବଂ ହୀରାକୁଦ ସହର ପାଇଁ ହୀରାକୁଦ ଡ୍ୟାମ୍‌ସ୍ଥିତ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ୧୧୦ ଏମ୍ଏଲ୍‌ଡି କ୍ଷମତାସମ୍ପନ୍ନ ଇନ୍‌ଟେକ୍ ୱେଲ୍ ନିର୍ମାଣ ହେବ। ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ରାଜ୍ୟର ୧୧୦ ସହରାଞ୍ଚଳରେ ଏଲଇଡି ପ୍ରକଳ୍ପ ୨୦୨୩ରୁ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଲାଗି ୩୫୦ କୋଟି ଟଙ୍କା ଆବଶ୍ୟକ ରହିଛି। ଏହି ପାଣ୍ଠି ଯୋଗାଣ ନିମନ୍ତେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି ଏବଂ ଅବଶିଷ୍ଟ ୨୦୦ କୋଟି ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିର ନିଜସ୍ୱ ପାଣ୍ଠିରେ (ମୂଳଧନ ଏବଂ ସୁଧର ପୁନରୁଦ୍ଧାର) ଉପଲବ୍ଧ ଥିବା ପାଣ୍ଠିରୁ ବ୍ୟବହାର କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ମନ ଯାହାଠି ରସେ,**
**ପୋକଶୁଙ୍ଘା ଫୁଲରେ ଭଅଁର ବସେ ।**

ଯିଏ ଯାହାକୁ ଭଲ ପାଏ, ତାର ସବୁ ଗୁଣ ତା' ଆଖିକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦଗୁଣ ପ୍ରେମିକା ବା ପ୍ରେମିକ ଆଖିକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ନ ଥିବ ରକତ ମିଶା**
**ତହିଁ ନ ଥିବ ସାଇପଡ଼ିଶା ।**

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଭିତରେ ଚଳିବାକୁ ହେଲେ ତାକୁ ନିଜ ଜ୍ଞାତି କୁଟୁମ୍ବ ତଥା ସାଇପଡ଼ିଶା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ନିଜ ସୁଖ ଦୁଃଖରେ ଏହି ଆତ୍ମୀୟମାନେ ହିଁ ପାଖରେ ଛିଡ଼ା ହୋଇଥାନ୍ତି ଓ ସାହା ଭରସା ଯୋଗାଇଥାନ୍ତି। ତେବେ ଯେଉଁ ଗ୍ରାମରେ ବା ଅଞ୍ଚଳରେ ଆପଣାର କୁଟୁମ୍ବ ନ ଥାନ୍ତି ସେଠାକାର ପଡୋଶୀମାନେ କେବେ ନିଜର ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ନିର୍ମାଣ ହେବ ୩୮ ...
ଟଙ୍କାର ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ଗୋଟିଏ ଛାତ ତଳେ ତାଙ୍କ ଉତ୍ପାଦିତ ଫସଲ ବିକ୍ରି ଓ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମଠୁ ଆରମ୍ଭ କରି ଶୀତଳଭଣ୍ଡାର, ଓଜନ ସରଞ୍ଜାମ, ବହୁମୁଖୀ ଗୋଦାମ ସୁବିଧା, ବିଶ୍ରାମଗୃହ, ପରିବହନ ସୁବିଧା, ପାର୍କିଂ ଓ ଉଚ୍ଚମାନର ଯନ୍ତ୍ରପାତି ଆଦି ପ୍ରଦାନର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ 'ମଡେଲ ମଣ୍ଡି' ସ୍ଥାପନ କରାଯିବ। ରାଜ୍ୟର ସମସ୍ତ ଜିଲାରେ ଗୋଟିଏ ଲେଖାଏ ମଣ୍ଡି ସ୍ଥାପନ ନିମନ୍ତେ ଆବଶ୍ୟକ ସର୍ଭେ ଆଦି କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ୩୮ଟି ମଣ୍ଡି ବିକଶିତ କରାଯିବାକୁ ରହିଥିବାବେଳେ ସେଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ରହିଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ(ଓବିସିସି) ମାଧ୍ୟମରେ କରାଯିବ। ଏହି କାର୍ଯ୍ୟର ତଦାରଖ ଲାଗି ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ(ଓସ୍‌ମା ବୋର୍ଡ) ଏକ ସେଲ୍ ଗଠନ କରିବ। ପରବର୍ତ୍ତୀ ସମୟରେ ଆଉ ୬୨ଟି ଏଭଳି ମଣ୍ଡି ଖୋଲିବା ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ।

### ଭୁବନେଶ୍ୱରରେ ହେବ ...
ଅଫ୍ ଆଭିଏଶନ ଆସେଟ୍‌ସ ଆଣ୍ଡ ନେଟ୍‌ୱର୍କ) ଯୋଜନାର ଅଂଶ। ଘରୋଇ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଶିଳ୍ପ ନୀତି ସଂକଳ୍ପ (ଆଇପିଆର) ୨୦୨୨ ଅନୁସାରେ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଅଫର କରାଯାଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟପକ୍ଷ ଏମ୍ଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ(ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ବିଶ୍ୱ ଏମ୍ଆରଓ ଶିଳ୍ପ ୨୦୩୧ ସୁଦ୍ଧା ୮.୯ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ୪.୦ ବିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ଏହାର ତଦାରଖ କରିବ, ଯେତେବେଳେ ବିମାନ ଚଳାଚଳ ଉପରେ ଉଚ୍ଚସ୍ତରୀୟ କମିଟି ପ୍ରକଳ୍ପ ପ୍ରଚଳନ ଓ ତଦାରଖକୁ ସହଜ କରିବ ବୋଲି ମୁଖ୍ୟ ସଚିବ କହିଥିଲେ।

### ୟୁରାନିୟମ୍ ଖନନରେ ...
ପ୍ଲାଣ୍ଟଗୁଡ଼ିକ କ୍ଷେତ୍ରରେ ବିଦେଶୀ ପକ୍ଷମାନଙ୍କୁ ମଧ୍ୟ କିଛି ମାତ୍ରାରେ ଅଂଶୀଦାର କରିବା ଲାଗି ନିୟମକୁ କୋହଳ କରିବାକୁ ସରକାର ବିଚାର କରୁଛନ୍ତି। ଗତ ଏପ୍ରିଲ ୨୫ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ସରକାର ବିଦେଶୀ କମ୍ପାନୀଗୁଡ଼ିକୁ ଆଣବିକ ଖନନ ଓ ଆମଦାନୀ ଉପରେ ୪୯% ପର୍ଯ୍ୟନ୍ତ ସୁଯୋଗ ଦେଇପାରନ୍ତି। ଯୋଜନା ଅନୁସାରେ ଲକ୍ଷ୍ୟ ପୂରଣ ହେଲେ ଆଣବିକ କ୍ଷେତ୍ରରୁ ଭାରତର ମୋଟ ବିଦ୍ୟୁତ୍ ଚାହିଦାର ୫% ପୂରଣ ହୋଇପାରିବ ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁରାନିୟମ୍ ଇନ୍ଧନର ଖନନ, ଆମଦାନୀ ଓ ପ୍ରକ୍ରିୟାକରଣ ଉପରେ କେବଳ ସରକାରୀ ନିୟନ୍ତ୍ରଣ ରହିଆସିଛି। ଅଧିକ ଆଣବିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଆଶାରେ ଘରୋଇ ଓ ବିଦେଶୀ ପକ୍ଷଙ୍କୁ ସାମିଲ କରାଗଲେ ଆଣବିକ ସାମଗ୍ରୀର ଦୁରୁପଯୋଗ ସହ ବିକିରଣ ନିରାପତ୍ତା ଓ ରଣନୈତିକ ସୁରକ୍ଷାଗତ ବିପଦ ଉପୁଜିପାରେ। ବୈଶ୍ୱିକ ମାନକ ଅନୁସାରେ ସରକାର ବ୍ୟବହୃତ ୟୁରାନିୟମ୍ ଇନ୍ଧନର ପ୍ରକ୍ରିୟାକରଣ ଓ ପ୍ଲୁଟୋନିୟମ୍ ଆବର୍ଜନା ପରିଚାଳନାକୁ ନିଜ ନିୟନ୍ତ୍ରଣରେ ରଖିବେ। କିନ୍ତୁ ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି ଲାଗି ଆଣବିକ ଇନ୍ଧନ ଚାହିଦା ବଢ଼ିଲେ ଏଥିରେ ସହାୟକ ହେବା ଭଳି ଏକ ନିୟାମକ ଢାଞ୍ଚା ପ୍ରସ୍ତୁତ କରାଯିବ, ଯାହାକି ଘରୋଇ ଭାରତୀୟ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ, ଆମାଦାନୀ ଓ ପ୍ରକ୍ରିୟାକରଣର ସୁଯୋଗ ପ୍ରଦାନ କରିବ ବୋଲି ଦୁଇଟି ସରକାରୀ ସୂତ୍ରରୁ ରଏଟର୍ସ ପ୍ରକାଶ କରିଛି। ସରକାରଙ୍କ ଏହି ଯୋଜନା ସାର୍ବଜନୀନ ହୋଇ ନ ଥିବାରୁ ସୂତ୍ର ନିଜ ନାମ ପ୍ରଘଟ ନ କରିବାକୁ କହିଛନ୍ତି। ପ୍ରସ୍ତାବିତ ନୀତି ଚଳିତ ଆର୍ଥିକବର୍ଷରେ ସାର୍ବଜନୀନ ହୋଇପାରେ। ତଦନୁସାରେ ଘରୋଇ ପକ୍ଷଗୁଡ଼ିକ ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯୋଗାଇଦେବେ। ଅର୍ଥ ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଆଟମିକ୍ ଏନର୍ଜି ବିଭାଗ ଏନେଇ ରଏଟର୍ସ ପକ୍ଷରୁ କରାଯାଇଥିବା ପ୍ରଶ୍ନର କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି। ଭାରତ ବାହାରେ କାନାଡା, ଦକ୍ଷିଣ ଆଫ୍ରିକା ଓ ଆମେରିକାର ଘରୋଇ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ ଓ ପ୍ରକ୍ରିୟାକରଣରେ ସୁଯୋଗ ମିଳିପାରେ। ଏଥିସକାଶେ ଖଣି, ବିଦ୍ୟୁତ୍ ଓ ବିଦେଶୀ ପୁଞ୍ଜିନିବେଶ ସମେତ ୫ଟି କ୍ଷେତ୍ରର ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ୨୦୨୭ ପୂର୍ବରୁ ...
ଏବଂ ୨୦୨୯ ପୂର୍ବରୁ ବ୍ଲକ୍ ପୁନର୍ଗଠନ କରାଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ୍ ଗଠନ ହେବ। ଏନେଇ ଏକ କମିଟି ଗଠନ କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏଥିପାଇଁ ଗ୍ରାମପଞ୍ଚାୟତ ସଂଖ୍ୟା ବୃଦ୍ଧି କରାଯାଉ। ଏନେଇ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ହାଡ଼ଭଙ୍ଗା ଚିକିତ୍ସା...
ପ୍ରୋଟିନ୍-୨(ବିଏମ୍‌ପି-୨) ଆଚରଣକୁ କିପରି ପରିବର୍ତ୍ତନ କରାଯାଇପାରେ ତାହା ଉପସ୍ଥାପନ କରିଛନ୍ତି। ପ୍ରତିଷ୍ଠିତ ଜର୍ନାଲ ବାୟୋକେମେଷ୍ଟ୍ରିରେ ପ୍ରକାଶିତ ଏହି ଗବେଷଣାର ନିଷ୍କର୍ଷକୁ ହାଡ଼ ଏବଂ କାର୍ଟିଲେଜ୍ ପୁନରୁଦ୍ଧାର, ଉନ୍ନତମାନର ଅନ୍ତଃରୋପଣ ଓ ଅଧିକ ପ୍ରଭାବଶାଳୀ ପ୍ରୋଟିନ୍ ଆଧାରିତ ଔଷଧରେ ଉନ୍ନତ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ। ବିଏମ୍‌ପି-୨ ପ୍ରୋଟିନ୍, ହାଡ଼ ଓ କାର୍ଟିଲେଜ୍ ଗଠନ, ଆଘାତକୁ ସୁସ୍ଥ କରିବା, ଷ୍ଟେମ୍ କୋଷଗୁଡ଼ିକୁ ହାଡ଼ ଗଠନକାରୀ କୋଷରେ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାନବ ଶରୀରରେ ଟିସୁ ପ୍ରୋଟିନ ବିଭିନ୍ନ ଗ୍ଲାଇକୋସୋମିନୋଗ୍ଲାଇକନ ସଂଯୋଜକ ଟିସୁ ଏବଂ ଜଏଣ୍ଟ ଫ୍ଲୁଇଡ୍ ପଦାର୍ଥରେ ମିଳୁଥିବା ବିଶେଷ ଶର୍କରା ପରି ଅଣୁକ୍ରିୟା କରିଥାଏ।

ଏନ୍ଆଇଟିର ରସାୟନ ବିଜ୍ଞାନ ପ୍ରଫେସର ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ଗବେଷକ ଦଳରେ ରିସର୍ଚ୍ଚ ସ୍କଲାର ଦେବୀ ପ୍ରସନ୍ନ ବେହେରା, ଶୁଚିସ୍ମିତା ସୁବାଦିନୀ ପୁରିଆ ପ୍ରେରିତ ରାସାୟନିକ ବିକୃତୀକରଣ ଚାପ ସଂସ୍ପର୍ଶରେ ଆସିଲେ ଭିନ୍ନ ଶର୍କରା ଅଣୁଗୁଡ଼ିକ ବିଏମ୍‌ପି-୨କୁ କିପରି ପ୍ରଭାବିତ କରେ ତାହା ଅନୁସନ୍ଧାନ କରିଥିଲେ। ବିଏମ୍‌ପି-୨ ନିୟମିତ ହାଏଲୁରୋନିକ ଏସିଡ୍‌ର ଉପସ୍ଥିତିରେ ଦ୍ରୁତଗତିରେ ଅନ୍ୱେଷଣ କରେ। ଏ ସମ୍ପର୍କରେ ପ୍ରଫେସର ସାହୁ କହିଛନ୍ତି, ବିଏମ୍‌ପି-୨ ମଣିଷ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଅଟେ। ଏହା ଅସ୍ଥି ଟିସୁର ଗ୍ଲାଇକୋସାମିନୋଗ୍ଲାଇକନ୍ ସମୃଦ୍ଧ ବାହ୍ୟ କୋଷୀୟ ମାଟ୍ରିକ୍ସ ପରିବେଶ ମଧ୍ୟରେ ରହି ଅଷ୍ଟିଓଜେନେସିସ୍ ଓ ହାଡ଼ ପୁନରୁଦ୍ଧାର ଏକ ମୌଳିକ ଭୂମିକା ଗ୍ରହଣ କରେ। ଶର୍କରା ଅଣୁଗୁଡ଼ିକ କାର୍ଯ୍ୟକ୍ଷମ ଗୋଷ୍ଠୀ ପରିବର୍ତ୍ତନ, ଯେପରିକି ଟାର୍ଗେଟେଡ୍ ସଲ୍‌ଫେସନ ପରିବର୍ତ୍ତନ କରିଥାଏ। ଜୈବିକ କାର୍ଯ୍ୟକଳାପକୁ ସଂରକ୍ଷଣ କରିବା ସହିତ ଭୌତିକ ରାସାୟନିକ ଚାପ ଅଧୀନରେ ଉନ୍ନତ ଗଠନାତ୍ମକ ସ୍ଥିରତା ପ୍ରଦାନ କରେ। ଏକ ଉଚ୍ଚ ସଂକଳ୍ପଯୁକ୍ତ ଆଣବିକ ବୁଝାମଣା ଶର୍କରା ପରିବର୍ତ୍ତନ ଇଞ୍ଜିନିୟର କରିବାର ସମ୍ଭାବନାକୁ ଗୁରୁତ୍ୱ ଦେଇଥାଏ। ଉନ୍ନତି ସ୍ଥିରୀକରଣ ରଣନୀତି ମାଧ୍ୟମରେ ପ୍ରୋଟିନ୍‌ର ନିଜସ୍ୱ ଜୀବନ ବୃଦ୍ଧି କରିଥାଏ ବୋଲି ସାହୁ କହିଥିଲେ।

### ଶ୍ରୀମନ୍ଦିର ଉଡ଼ାଇଦେବାକୁ ...
ଲୋକ ଦେଖିବାକୁ ପାଇଥିଲେ। ଚକ୍ ଖଡ଼ିରେ ଗୋଟିଏ ପାର୍ଶ୍ୱରେ ଲେଖାଯାଇଛି ଯେ, ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ। ଆଉ ଏକ ପାର୍ଶ୍ୱରେ କିଛି ଫୋନ୍ ନମ୍ବର ମଧ୍ୟ ଦିଆଯାଇ ଫୋନ୍ କର, ନ କଲେ ମହାତାଣ୍ଡବ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି। ଏହା ଭିତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମ ମଧ୍ୟ ଲେଖାଯାଇଛି, ଯାହାକୁ ପଢ଼ିବା ପରେ ଶ୍ରଦ୍ଧାଳୁ ଛାନିଆ ହୋଇପଡ଼ିଥିଲେ। 'ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ' ବୋଲି ଦୁଇଟି ସ୍ଥାନରେ କଡ଼ା ଚେତାବନୀ ଦିଆଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ପରିକ୍ରମା ମାର୍ଗର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଧମକପୂର୍ଣ୍ଣ ଲେଖା ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗ କଡ଼ା ସୁରକ୍ଷା ବଳୟ ଭିତରେ ରହିଛି। ଏହା ଶ୍ରୀମନ୍ଦିର ସିକ୍ୟୁରିଟି ଜୋନ୍ ଭାବେ ସରକାର ପ୍ରଶାସନିକ ରେକର୍ଡ କରିଛନ୍ତି। ହେଲେ ଏହି ସୁରକ୍ଷା ଜୋନ୍ ଭିତରେ ଏପରି କାର୍ଯ୍ୟ କିପରି ହେଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବାରମ୍ବାର ଗୃହ ମନ୍ତ୍ରଣାଳୟ ଓ ଏନ୍ଏସ୍‌ଜି ପକ୍ଷରୁ ପରାମର୍ଶ ଦିଆଯାଇଛି।ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଲାଗିଥିବା ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ଲୋକ ଦେଖାଣିଆ ଭାବେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ଲଗାଯାଇଛି ବୋଲି ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କହିଛନ୍ତି। ତେବେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଲେଖାକୁ ଲିଭାଇଥିଲା। ପରେ ଜଣେ ବ୍ୟକ୍ତିଙ୍କୁ ଧରି ସିଂହଦ୍ୱାର ଥାନାରେ ଅଟକ ରଖିଛି ପଚରାଉଚରା କରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି, ବୁଧବାର ସକାଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଢ଼ୀମା' ମନ୍ଦିରରେ ଶ୍ରୀମନ୍ଦିରକୁ ନେଇ କିଛି ଆପତ୍ତିଜନକ ଲେଖା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଲେଖାଯାଇଥିବାରୁ ଏହାକୁ ପୋଲିସ ଗୁରୁତର ସହ ନେଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପରିକ୍ରମା ପ୍ରକଳ୍ପରେ ଲେଖିଥିବା ରଘୁନାଥଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇ ପଚରାଉଚରା ସମୟରେ ସେ ଲେଖିଥିବା ସ୍ୱୀକାର କରିଛନ୍ତି। ତେବେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ସ୍ପଷ୍ଟ ଭାବେ କିଛି କହିପାରୁ ନାହାନ୍ତି। ମେଡିକାଲ ନିଆଯାଇ ମାନସିକ ସ୍ଥିତି ପରୀକ୍ଷା କରିବା ପରେ ତାଙ୍କ ବିଷୟରେ ଅଧିକ କିଛି ଜଣାପଡ଼ିବ ବୋଲି ଜଣାପଡ଼ିବ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ପୁରୀ ବାସିନ୍ଦା ଆକାଶ ନାୟକ କହିଛନ୍ତି, 'ନିଶ୍ଚିତ ଭାବରେ, ସୁରକ୍ଷା ବ୍ୟବସ୍ଥାକୁ ଢିଲା କରାଯାଇଛି। ଆତଙ୍କବାଦୀ ଧମକ୍ ଦିଆଯାଇଛି। ପୋଲିସ ଠିକ୍ ଭାବରେ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଘଟଣା ଘଟିଛି। ପୋଲିସ ଏହାର ଠିକ୍ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି କହିଛନ୍ତି।

# ‘ଏମ୍‌ଏଲ୍‌ଏ ଲାଡ୍ ୱେବ୍ ପୋର୍ଟାଲ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ‘ଏମ୍‌ଏଲ୍‌ଏ ଲାଡ୍’ ଓ ‘ସିଏମ୍-ଏସ୍‌ଏ’ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ କରିଛନ୍ତି। ଏହାସହ ଏମ୍‌ଏଲ୍‌ଏ ଲାଡ୍ ୱେବ୍ ପୋର୍ଟାଲର(https://mlalads.odisha.gov.in) ମଧ୍ୟ ଶୁଭାରମ୍ଭ ହୋଇଛି। କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡ଼ିକୁ ଶୀଘ୍ର ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ। ଏହି ନୂଆ ଗାଇଡ୍‌ଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ(କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ସିଏମ୍-ଏସ୍‌ଏ ଗାଇଡ୍‌ଲାଇନର ମଧ୍ୟ ସରଳୀକରଣ କରାଯାଇଛି। ଏହାଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ନୂତନ ‘ଏମ୍‌ଏଲ୍‌ଏ ଲାଡ୍ ୱେବ୍‌ପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ। ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ। ଏହାସହ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ପ୍ରକଳ୍ପଗୁଡ଼ିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ।



- ଏମ୍‌ଏଲ୍‌ଏ ଲାଡ୍’ ଓ ‘ସିଏମ୍-ଏସ୍‌ଏ’ ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ
- ପ୍ରକଳ୍ପର ସୁପାରିସଠାରୁ କାର୍ଯ୍ୟାଦେଶ ମିଳିବା ଯାଏଁ ସମୟ ଅବଧି ୩୦ ଦିନ
- ବିଧାୟକମାନେ ସୁପାରିସ କରିଥିବା ପ୍ରକଳ୍ପର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ

ସୂଚନାଯୋଗ୍ୟ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତାନ୍ତ ଆବଶ୍ୟକ ଭିତ୍ତିଭୂମି ଗଠନ କରିବାରେ ଏକ ମଜଭୁତ ମାଧ୍ୟମ ହୋଇପାରିଛି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଛି। ଏହି ନୂତନ ଗାଇଡ୍‌ଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି। ପଡ଼ୋଶୀ ରାଜ୍ୟଗୁଡ଼ିକର ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ’ର ଅଧ୍ୟୟନ କରାଯାଇଛି। କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ୍‌ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଛନ୍ତି।

# ବିଷ ପିଇ ଚାଷୀ ଆତ୍ମହତ୍ୟା

## ଥାନାରେ ଅଭିଯୋଗ କଲେ ମୃତକଙ୍କ ଭାଇ

ଭବାନୀପାଟଣା/ଟିଟିଲାଗଡ଼, ୧୩।୮ (ଉତ୍ତମ କୁମାର ଦାଶ/ଶରତ ଚନ୍ଦ୍ର ମିଶ୍ର)

ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମରୁ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଧାନଫସଲ କ୍ଷତି ଓ ଗ୍ରୁପ ଋଣ ଶୁଝି ନ ପାରି ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଦୁର୍ଗା ଚରଣ ଭୋଇ(୪୭)। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାନଫସଲ କ୍ଷତି ହେବା ସହ ଗ୍ରୁପ ଋଣ ଟଙ୍କା ଶୁଝି ନ ପାରିବାରୁ ଦୁର୍ଗା ମାନସିକ ଚାପରେ ଆସି ବୁଧବାର ପୂର୍ବାହ୍ନରେ ଘାସ ମରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସିନ୍ଧେକେଲା ଓ ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଭାସ୍କର ଭୋଇ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ବଡ଼ଭାଇ ଫସଲ କ୍ଷତି ଓ ଗ୍ରୁପ ଟଙ୍କା ଶୁଝି ନ ପାରିବାରୁ ମାନସିକ ଚାପରେ ବିଷ ପିଇ ଆତ୍ମହତ୍ୟା କରିଥିବା ଦର୍ଶାଇଛନ୍ତି। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମେଡିକାଲ ପକ୍ଷରୁ ଜଣାପଡ଼ିଛି। ମୃତ ଚାଷୀଙ୍କ ୧୧ ବର୍ଷର ପୁତ୍ର ଓ ୬ ବର୍ଷର କନ୍ୟା ସନ୍ତାନ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।



ମୃତ ଚାଷୀ ଦୁର୍ଗା ଚରଣ ଭୋଇ।

# ଗଞ୍ଜେଇ କାରବାର, ୨ ମହିଳା ଗିରଫ

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲାରେ ବ୍ରାଉନସୁଗାର, ଗଞ୍ଜେଇ ଓ ଦେଶୀବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ହେଁ ବେପାରୀମାନେ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ମହିଳାମାନେ ବ୍ରାଉନସୁଗାର ଓ ଗଞ୍ଜେଇ ବେପାରରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୨ ମହିଳା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ଯଶୋଦା ବେହେରା ଓ ଅଞ୍ଜଳି ବେହେରା। ଏ ସମ୍ପର୍କରେ ଅବକାରୀ ଥାନାରେ ଏକ ମାମଲା (ନଂ. ୧୮୩/୨୫-୨୬) ରୁଜୁ ହୋଇ ମହିଳାଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

ଅଭିଯୁକ୍ତ ମହିଳାଦ୍ୱୟ ଅନୁଗୁଳରୁ ବସ୍ ଯୋଗେ ଗଞ୍ଜେଇ ଆଣି ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଛକଠାରେ ଓହ୍ଲାଇଥିଲେ। ସେଠାରେ ଅନ୍ୟ ଏକ ବସ୍‌ରେ ରୂପସା ଆସିବା ପାଇଁ ଅପେକ୍ଷା କରିଥିଲେ। ଖବର ପାଇ ଜିଲ୍ଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ହରିହର ସିଂ, ଏସ୍‌ଆଇ ଭବେଶ ଦାସ, ଏଏସ୍‌ଆଇ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରି ମହିଳାଦ୍ୱୟଙ୍କୁ ଗିରଫ କରିଥିଲେ।

# ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ ‘ଶକ୍ତିଶ୍ରୀ ସେଫ୍ କ୍ୟାମ୍ପେନ’

ଭୁବନେଶ୍ୱର, ୧୩।୮ (ସୁଚିସ୍ମିତା ସାହୁ)

ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନୂଆ ପ୍ରୟାସ ଆରମ୍ଭ କରିଛି। ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ‘ଶକ୍ତିଶ୍ରୀ ସେଫ କ୍ୟାମ୍ପେନ’ କରାଯିବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ କିପରି ଠିକ୍ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ସେଥିପାଇଁ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ ସମସ୍ତଙ୍କୁ ସହଯୋଗ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଛନ୍ତି, ତାଙ୍କୁ ସବୁ ପରିସ୍ଥିତିରେ ବୁଝାଶୁଝା କରିବାକୁ ପଡିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପିତାମାତା ଓ ଶିକ୍ଷକଙ୍କ ପାଇଁ ଅନୁକୂଳ ପରିବେଶସୃଷ୍ଟିକରାଯିବବୋଲିମନ୍ତ୍ରୀକହିଛନ୍ତି।

# ୮୦%ଙ୍କୁ ସିଧାସଳଖ, ୨୦% ଗ୍ରୁପ୍-ଡି’ରୁ ନିଯୁକ୍ତି

## ଅମଲା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଓଡ଼ିଶା ଅମଲା ସେବକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୪ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ମିନିଷ୍ଟେରିଆଲ ସର୍ଭିସେସ୍(କମର୍ସିଆଲ ଟ୍ୟାକ୍ସେସ୍ ଆଣ୍ଡ ଜିଏସ୍‌ଟି ରେଞ୍ଜ୍ ଆଣ୍ଡ ସବ୍‌ଅର୍ଡିନେଟ୍ ଅଫିସେସ୍) ନିୟମ-୨୦୨୫କୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ ଯେ, ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସ୍‌ଟି ସଙ୍ଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିୟର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ମାଧ୍ୟମରେ ଏବଂ ୨୦ପ୍ରତିଶତ ଗ୍ରୁପ୍-ଡି’ କର୍ମଚାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ।

ମୁଖ୍ୟ ସଚିବ ପୁଣି କହିଥିଲେ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ଥିବା ବାଣିଜ୍ୟକର ଓ ଜିଏସ୍‌ଟି ସଂଗଠନ ପାଇଁ ଏକ ନୂତନ ନିଯୁକ୍ତି ନିୟମାବଳୀ ଗଠନ କରାଯାଇଛି। ଏହି ନିୟମାବଳୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ୍ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ନିଯୁକ୍ତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ନୂତନ ନିୟମାବଳୀ ଅନୁସାରେ, ରାଜ୍ୟର ବିଭିନ୍ନ ବିଭାଗ ଅଧୀନରେ ଥିବା ଜିଲ୍ଲା ଅମଲାସ୍ତରୀୟ କ୍ୟାଡର ପାଇଁ ଏକକ ଦରମା ଗଠନ ନୀତି ପ୍ରଣୟନ କରାଯାଇଛି। ଏହି ନୀତି ଅନୁସାରେ, ଏଣିକି କୌଣସି ସାଧାରଣ କ୍ୟାଡର ରହିବ ନାହିଁ। ପ୍ରତ୍ୟେକ ବିଭାଗ ନିଜ ନିଜ ଅଧୀନରେ ଥିବା ଜିଲ୍ଲା ଅମଲାସ୍ତରୀୟ କ୍ୟାଡର ପାଇଁ ପୃଥକ୍ ନିଯୁକ୍ତି ନିୟମାବଳୀ ପ୍ରଣୟନ କରିବେ, ଯାହା ନିଯୁକ୍ତି ପ୍ରଣାଳୀ ଓ ସେବାସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ଏହି ନୂତନ ନିୟମାବଳୀ ଅନୁସାରେ ଗଠିତ କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟ(ସ୍ତର-୪), ସିନିୟର ଆସିଷ୍ଟାଣ୍ଟ(ସ୍ତର-୮), ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ସ୍ତର-୯), ସେକ୍ସନ ଅଫିସର(ସ୍ତର-୧୦), ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର(ସ୍ତର-୧୧) ପଦବୀ ରହିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ସଂଗ୍ରହାଳୟ କ୍ୟାଡର ପ୍ରଚଳନକୁ କ୍ୟାବିନେଟ୍‌ର ଅନୁମୋଦନ

ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ନିମନ୍ତେ କ୍ୟାଡର ନିୟମାବଳୀ ପ୍ରଚଳନକୁ ବୁଧବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ସଂଗ୍ରହାଳୟ ଗୁଡିକର ସୁପରିଚାଳନା ଓ ସମନ୍ୱୟ ଲାଗି ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ୨୦୨୩ରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅବସରରେ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ଲାଗି କ୍ୟାଡ୍‌ର ନିୟମାବଳୀ ପ୍ରଚଳନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ସ୍ୱୀକୃତି ପାଇଛି। ଏହାଦ୍ୱାରା ରାଜ୍ୟରେ ଥିବା ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟ ସମସ୍ତ ସଂଗ୍ରହାଳୟ ଗୁଡିକର ସୁସମନ୍ୱୟ ଓ ସୁପରିଚାଳନା ହୋଇପାରିବ ସେ କହିଥିଲେ।

# କେନାଲରେ ବୁଡ଼ି ଜଣେ ମୃତ

ପବିତ୍ରନଗର, ୧୩।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ବାମ କେନାଲର କୁଲେଇ ଗ୍ରାମଠାରେ ବୁଧବାର ଗାଧୋଇବା ବେଳେ ପାଣିରେ ବୁଡ଼ି ହରିଆ ଦେହୁରୀ (୬୦)ଙ୍କ ମୃତ୍ୟୁ ହୋଇଛି। ହରିଆ ଅପରାହ୍ନ ସାଢ଼େ ୧ଟାରେ ଗାଧୋଇବା ପାଇଁ ଯାଇଥିଲେ। ହେଲେ ପାଣିର ସ୍ରୋତ ଅଧିକ ଥିବାରୁ ସେ ବୁଡ଼ି ଯାଇଥିଲେ। ପାଖରେ ଥିବା ଲୋକେ ଖୋଜାଖୋଜି କରି ଅପରାହ୍ନ ପ୍ରାୟ ୩ଟାରେ ତାଙ୍କୁ ଉଦ୍ଧାର କରିଥିଲେ। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି। ଏ ନେଇ ସମଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ହେଉଛନ୍ତି ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ। ୧୦୦ ବର୍ଷ ଧରି କଟକର ସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ଜ୍ୱଳିତକରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରମପୂଜ୍ୟ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ କେବଳ ଜଣେ ମହାନ୍ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନ ଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ ‘ଜୀବନକୁ ଭଗବାନ୍‌ଙ୍କ ସେବାରେ ନିୟୋଜିତ କରିବା’-ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗଦର୍ଶନ କରିଆସୁଛି। ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗ୍ରତ କରିନାହିଁ ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିଙ୍କୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଛନ୍ତି।

# ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦିଏ ବର୍ଷା

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମେଘ ଉତ୍ସବ ‘ଶ୍ରାବଣୀ’

ଭୁବନେଶ୍ୱର, ୧୩।୮ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ମେଘ ଉତ୍ସବ ‘ଶ୍ରାବଣୀ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସାହିତ୍ୟରେ ବର୍ଷାଋତୁର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ମହାକବି କାଳିଦାସଙ୍କଠାରୁ ଆରମ୍ଭ କରି ସମସାମୟିକ ସାହିତ୍ୟିକମାନଙ୍କୁ ବର୍ଷା ସବୁବେଳେ ମୁଗ୍ଧ କରି ଜୀବନ ଧାରାର ଏକ ପ୍ରବାହ ସଦୃଶ ସାହିତ୍ୟ ସୃଷ୍ଟି କରିବାରେ ପ୍ରେରଣା ଦେଇଆସିଛି ବୋଲି ସେ କହିଥିଲେ।




‘ଶ୍ରାବଣୀ’ରେ ଯୋଗଦେଇଥିବା ଅତିଥି।

ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗାଳ୍ପିକ ପ୍ରଫେସର ତରୁଣ କୁମାର ସାହୁ ଓଡ଼ିଆ ସାହିତ୍ୟରେ ମେଘ ଓ ବର୍ଷାର ବର୍ଣ୍ଣନା ସମ୍ପର୍କିତ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଅମରେଶ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ବର୍ଷାର ବର୍ଣ୍ଣନାକୁ ନେଇ ସମୃଦ୍ଧ ଓ ବୁଦ୍ଧିମନ୍ତ ବୋଲି କହିବା ସହ ଓଡ଼ିଆ କବିତା ଓ ବର୍ଷା କେଉଁଭଳି ଭାବରେ ପରସ୍ପର ପରିପୂରକ ତାହାର ଚମତ୍କାର ଉଦାହରଣ ରଖିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରି ମେଘକୁ ସୃଜନଶୀଳତାର ପ୍ରତୀକ ଭାବେ ଅଭିହିତ କରିବା ସହ ଛାତ୍ରୀଛାତ୍ରଙ୍କ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଅନାମିକା ଅଧିକାରୀ ମେଘ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ମେଘ ଉପରେ ଆଧାରିତ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ତବଲା ବାଦନ କରିଥିଲେ। କବିତା ପାଠୋତ୍ସବରେ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପୂର୍ଣ୍ଣ ଅଭ୍ୟାସ ପରେଡ୍

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସକାଳ ୭ଟାରୁ ୧୧ଟା ୩୦ ଯାଏ ସେଠାରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ତିଙ୍କ ନେତୃତ୍ୱରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡରେ ପ୍ରାୟ ୫୦ଟି କଣ୍ଟିଜେଣ୍ଟ୍ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୧୨୦ ଇନ୍‌ଫ୍ୟାନଟ୍ରି ବାଟାଲିୟନ, ଆଇଟିବିପି, ସିଆର୍‌ପିଏଫ୍, ବିଏସ୍‌ଏଫ, ରେଳ ସୁରକ୍ଷା ବଳ ସହ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ, ଏନ୍‌ସିସି ଏବଂ ସ୍କାଉଟଗାଇଡ ଆଦି ରହିଛନ୍ତି। ଚଳିତବର୍ଷ ଆନ୍ଧ୍ର ପ୍ରଦେଶର ସଶସ୍ତ୍ର ବଳ ପରେଡରେ ଭାଗ ନେଇଛନ୍ତି। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ର ମଧ୍ୟ ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ପୂର୍ଣ୍ଣ ଅଭ୍ୟାସ ପରେଡରେ ବିଭିନ୍ନ କଣ୍ଟିଜେଣ୍ଟ ପ୍ରଦର୍ଶନ କରିବା ସହ କମାଣ୍ଡାଣ୍ଟ ଅନନ୍ୟା ମଧ୍ୟ ଦୃଢ଼ ନେତୃତ୍ୱ ନେଇଥିଲେ।

ଅପରପକ୍ଷରେ ସ୍ୱାଧୀନତା ଦିବସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଗାନ୍ଧୀମାର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିପାଇଁ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫ଜଣ ଡିସିପି ପାହ୍ୟା ଅଫିସର, ୫ଜଣ ଅତିରିକ୍ତ ଡିସିପି, ୮ଜଣ ଏସିପି, ୨୧ ଇନ୍ସପେକ୍ଟର ଓ ୧୦୦ ଜଣ ଏସ୍‌ଆଇ/ଏଏସ୍‌ଆଇ ରହିବେ। ଗାନ୍ଧୀମାର୍ଗର ଚତୁଃପାର୍ଶ୍ୱରେ ଥିବା ଛକଗୁଡ଼ିକରେ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ସ୍ୱାଧୀନତା ଦିବସ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ମଙ୍ଗଳବାରଠାରୁ ରାତ୍ରିକାଳୀନ ବ୍ଲକିଂ ଓ ଚେକିଂ ଜୋରଦାର ହୋଇଛି। ଏହି ଉତ୍ସବ ଆୟୋଜନ ସଫଳ ଭାବେ ହେବ ବୋଲି ମୀନା ଆଶାବ୍ୟକ୍ତ କରିଛନ୍ତି।

**ସୁରକ୍ଷାରେ ୨୧ ପ୍ଲାଟୁନ୍ ଫୋର୍ସ**

- ପରେଡର ନେତୃତ୍ୱ ନେବେ ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ତି
- ସହରରେ କଡ଼ା ସୁରକ୍ଷା, ତଦାରଖ କଲେ ପୋଲିସ ଡିଜି

# ସୁରକ୍ଷା ଜରୁରୀ

**ଆଜି ଲିଜାର୍ଡ ଡେ’**

ପ୍ରତିବର୍ଷ ଅଗଷ୍ଟ ୧୪ରେ ‘ବିଶ୍ୱ ଲିଜାର୍ଡ ଡେ’ ପାଳନ କରାଯାଇଆସୁଛି। ପରିସଂସ୍ଥାର ସନ୍ତୁଳନରେ ଏମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। କୀଟ ନିୟନ୍ତ୍ରକ ଭାବେ ମଧ୍ୟ ଏମାନେ ବିବେଚିତ ହୁଅନ୍ତି। ସମଗ୍ର ବିଶ୍ୱରେ ପ୍ରାୟ ୬ ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାଆନ୍ତି। ଗୋଧିଠାରୁ ଆରମ୍ଭକରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିର। କିନ୍ତୁ ବିଭିନ୍ନ କାରଣରୁ ଏବେ ଅଧିକାଂଶ ସଙ୍କଟରେ ଅଛନ୍ତି। ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ଦିନକୁ ଦିନ ବଢ଼ିଚାଲିଛି। ପୁଣି ଛୋଟ ବଡ଼ ଜଙ୍ଗଲ କଟା ତଥା ପୋଡ଼ି ଆଦି କେତେକ କାରଣରୁ ଏମାନଙ୍କ ବାସସ୍ଥାନ ହ୍ରାସ ପାଇ ବିପଦସଙ୍କୁଳ ହୋଇଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଏବେ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଅସଲ ଲକ୍ଷ୍ୟ।

ଉକ୍ତ ଲିଜାର୍ଡ ପ୍ରଜାତିର ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଅନ୍ତର୍ଭୁକ୍ତ। ଏମାନଙ୍କୁ ଶିକାର କରିବା କିମ୍ବା ଘରେ ଆଣି ପୋଷିବା ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସଂପୂର୍ଣ୍ଣ ମନା। ଏହାକୁ ଉଲ୍ଲଂଘନ କଲେ ୭ବର୍ଷ ଜେଲ କିମ୍ବା ୧ ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ଓଡ଼ିଶାରେ ଦେଖାଯାଉଥିବା ଲିଜାର୍ଡ ଗୁଡିକ ହେଉଛି ଚେମେଲେଓନ ବା ବହୁରୂପୀ ଏଣ୍ଡୁଅ, ଲେଓପାର୍ଡ ଗେକୋ ବା କାଳକୂଟ, ଇଣ୍ଡିଆନ ଗୋଲଡେନ ଗେକୋ, ବେଙ୍ଗଲ ମନିଟର, ୟେଲୋ ମନିଟର ଏବଂ ୱାଟର ମନିଟର। ସେହିପରି ଓଡ଼ିଶାରେ ପ୍ରାୟ ୩ଟି ପ୍ରଜାତିର ମନିଟର ଲିଜାର୍ଡ ବା ଗୋଧି ଦେଖାଯାଆନ୍ତି। ବେଙ୍ଗଲ ମନିଟର ଏବଂ ୟେଲୋ ମନିଟର ପ୍ରାୟ ସବୁଆଡେ ଦେଖା ଯାଉଥିବାବେଳେ କେବଳ ଭିତରକନିକାରେ ୱାଟର ମନିଟର ଦେଖାଯାଆନ୍ତି। ତେବେ ଚମଡା ଏବଂ ମାଂସ ପାଇଁ ଶିକାର ଦ୍ୱାରା ଏହି ଗୋଧିମାନଙ୍କର ଜୀବନ ସଙ୍କଟାପନ୍ନ ହୋଇ ପଡିଥିଲା। ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ଯଦିଓ ଗୋଧି ଶିକାର କମିଛି, କିନ୍ତୁ ଏବେ ମଧ୍ୟ ରାଜ୍ୟରେ ଅନେକ ଜିଲାରେ ଗୋଧି ଶିକାର ଚାଲିଛି। ଖଞ୍ଜଣି ବାଦ୍ୟ ଯନ୍ତ୍ର ତିଆରିରେ ଏହି ଗୋଧି ଚମଡା ହିଁ ବ୍ୟବହାର ହୋଇଥାଏ। ଖଞ୍ଜଣି ବ୍ୟବହାର ବନ୍ଦ ନହେଲେ ଗୋଧି ଶିକାର ବନ୍ଦ ହେବା କଷ୍ଟକର ବୋଲି ବନ୍ୟପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।

ରିପୋର୍ଟ: ବନ୍ଦନା ସେଠୀ



“ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ଭାରତରେ ଆର୍ଯ୍ୟ



ଦେବଦତ୍ତ ପଟ୍ଟନାୟକ

ବିଭିନ୍ନ କାହାଣୀକୁ ବ୍ୟବହାର କରି ଇଂରେଜମାନେ ଦୀର୍ଘଦିନ ଧରି ଉପନିବେଶବାଦକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିଥିଲେ। ୧୮୫୭ ବିଦ୍ରୋହ ପୂର୍ବରୁ ସେମାନେ କହିଥିଲେ ଯେ, ଇଂରେଜମାନେ ମୁସଲମାନ ଶାସକଙ୍କ ଦମନରୁ ହିନ୍ଦୁଧର୍ମକୁ ରକ୍ଷା କରୁଛନ୍ତି। ଏହା ସହ ମିଛ ପ୍ରଚାର କରୁଥିଲେ ଯେ, ଆଫଗାନିସ୍ତାନରେ କମ୍ପାନୀର ସ୍ୱାର୍ଥ ପାଇଁ ସେମାନେ ଭାରତୀୟ ସୈନ୍ୟଙ୍କୁ ବ୍ୟବହାର କରୁନାହାନ୍ତି, ବରଂ ହଜାର ବର୍ଷ ପୂର୍ବରୁ ଗଜନୀର ମହମ୍ମଦ ଚୋରି କରି ନେଇଯାଇଥିବା ସୋମନାଥ ମନ୍ଦିରର କବାଟଗୁଡ଼ିକୁ ପାଇବା ଲାଗି ସେମାନଙ୍କୁ କାମରେ ଲଗାଉଛନ୍ତି। ୧୮୫୭ ବିଦ୍ରୋହ ପରେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟତାବାଦ ଅଧିକ ଦାନା ବାନ୍ଧିଥିଲା। ସେହି ସମୟରେ ଇଂରେଜମାନେ କହିଥିଲେ, ବ୍ରାହ୍ମଣମାନେ ଜାତି, ସତୀ ଏବଂ ବାଲ୍ୟବିବାହ ଭଳି କୁତ୍ସିତ ପରମ୍ପରାଗୁଡ଼ିକୁ ସମାଜ ଉପରେ ଲଦି ଦେଇଥିବାବେଳେ ସେମାନେ ହିଁ ଭାରତକୁ ସଭ୍ୟତା ଆଣିଛନ୍ତି। ଏଭଳି ପ୍ରଚାର ଯୋଗୁ ବେଙ୍ଗଲୀ ବୁଦ୍ଧିଜୀବୀମାନେ ଇଂଲିଶ୍ ଓ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ହିନ୍ଦୁପ୍ରଥାକୁ ବିରୋଧ କରିବା ସହ ସମାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ସଂସ୍କାର ଅଭିଯାନ ଚଳାଇଥିଲେ। ସଂସ୍କାର ଅଭିଯାନ ରୂଢ଼ିବାଦୀଙ୍କୁ କ୍ରୋଧିତ କରିଥିଲା। ୧୮୯୪ରେ ଚନ୍ଦ୍ରନାଥ ବସୁ ‘ହିନ୍ଦୁତ୍ୱ’ ଶବ୍ଦ ଉଚ୍ଚାରଣ ସହ ଦୃଢ଼ତାର ସହ କହିଥିଲେ ଯେ, ବେଦର ସିଦ୍ଧାନ୍ତ ଓ ବାଣୀ ଅନୁଯାୟୀ ହିନ୍ଦୁମାନେ ଆର୍ଯ୍ୟ ବା ସଭ୍ୟ ଏବଂ ହିନ୍ଦୁଙ୍କ ପରମ୍ପରାଗୁଡ଼ିକରେ କୌଣସି ସଂସ୍କାରର ଆବଶ୍ୟକତା ନାହିଁ।

୧୮୬୦ ଦଶକରେ, ‘ଆର୍ଯ୍ୟ ଜାତି’ ଶବ୍ଦ ୟୁରୋପୀୟ ବୁଦ୍ଧିଜୀବୀଙ୍କ ପରିସରରେ ସୃଷ୍ଟି ହୋଇଥିଲା ଏବଂ ଏହା ମ୍ୟାକ୍ସ ମୁଲର ପାଇଁ ସମ୍ଭବ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ଆର୍ଯ୍ୟ ଶବ୍ଦ କେବଳ ଭାରତ-ଇରାନୀୟଙ୍କ ପାଇଁ ବ୍ୟବହାର ହେଉଥିଲା। ପରେ ଯେତେବେଳେ ଭାଷାବିତ୍‌ମାନେ ଲାଟିନ୍ ଓ ସଂସ୍କୃତ ମଧ୍ୟରେ ସମ୍ପର୍କ ଥିବା ଦେଖିଥିଲେ, ସେତେବେଳେ ଆର୍ଯ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କ ଅଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅର୍ଥାତ୍ ଭାରତକୁ ଶାସନ କରୁଥିବା ଇଂରେଜମାନେ ଭାରତୀୟଙ୍କ ଦୂର ସମ୍ପର୍କୀୟ। ଏହାକୁ ନେଇ ଭାରତୀୟ ପ୍ରତିଷ୍ଠିତ କୁଳୀନ ବର୍ଗ ଭାବିଥିଲେ ଯେ, ସେମାନଙ୍କ ଶାସକଙ୍କ ସହିତ ସେମାନଙ୍କର ସମ୍ପର୍କ ଅଛି, ଯାହା ପାଇଁ ସେମାନେ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଧୀରେ ଧୀରେ ଏହି କାହାଣୀର ରଣନୀତିକ ବାସ୍ତବତା ସାମ୍ନାକୁ ଆସିଲା ଏବଂ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହାକୁ ଲକ୍ଷ୍ୟ କରି ଭାରତରେ ଇଂରେଜମାନେ ତିଷ୍ଠି ରହିବା ପାଇଁ ଆଉ ଏକ ନୂଆ କାହାଣୀ ରଚିବା ଆରମ୍ଭ କରିଦେଲେ। ସେମାନେ କହିଥିଲେ, ଅନେକ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମେ ବ୍ରାହ୍ମଣ ଭାବେ ଭାରତରେ ପ୍ରବେଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜ ଭାବେ ଏବେ ପ୍ରବେଶ କରିଛନ୍ତି।



ଲୋକମାନ୍ୟ ତିଳକ ବେଦର ବାକ୍ୟ ବ୍ୟବହାର କରି ଆର୍ଯ୍ୟଙ୍କ ମୂଳ ଜନ୍ମ ସ୍ଥାନ ଉତ୍ତର ଗୋଲାର୍ଦ୍ଧ ବୋଲି ଦର୍ଶାଇଥିଲେ। ଭାରତୀୟଙ୍କୁ ଭାରତ ସମ୍ପର୍କିତ କାହାଣୀସବୁ କହୁଥିବା ବିଦେଶୀଙ୍କୁ ଦୟାନନ୍ଦ ସରସ୍ୱତୀ ଭଲ ପାଉ ନ ଥିଲେ। ସେ କହିଥିଲେ, ପ୍ରକୃତ ମଣିଷ ତ୍ରିବିଷ୍ଟପରୁ ଆସିଥିଲେ, ଯାହା ଏବେ ତିବ୍ବତରେ ଅଛି। ଆର୍ଯ୍ୟ କହିଲେ, ସଭ୍ୟ ମଣିଷଙ୍କୁ ବୁଝାଏ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ କହିଥିଲେ, ବେଦରେ କୌଣସି ବିଦେଶୀ ଦେଶ କଥା ଉଲ୍ଲେଖ ନାହିଁ, ଏହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଛି। ହରପ୍ପା ମଧ୍ୟ ଆବିଷ୍କୃତ ହୋଇ ନ ଥିଲା। ୧୯୨୦ ଦଶନ୍ଧିରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା। ଏହାର ପତନର କାରଣ ବୁଝାଇବାକୁ ଯାଇ ମର୍ଟିମେର ହ୍ୱିଲର ଆର୍ଯ୍ୟାନ ଇନଭାସନ ଥିଓରି (ଏଆଇଟି-ଅର୍ଥାତ୍ ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ସିଦ୍ଧାନ୍ତ) ସାମ୍ନାକୁ ଆଣିଥିଲେ। ଏଥିରେ କୁହାଯାଇଥିଲା ଯେ, ଆର୍ଯ୍ୟମାନେ ସ୍ଥାନୀୟ ଲୋକଙ୍କୁ କ୍ରୀତଦାସ କରି ରଖୁଥିଲେ ଏବଂ ସେମାନଙ୍କୁ ଶୂଦ୍ର କରିଥିଲେ। ଅର୍ଥାତ୍ ସେମାନେ ଆକ୍ରମଣକାରୀ ଥିଲେ। ଏହି ସିଦ୍ଧାନ୍ତ ସ୍ୱାଧୀନତା ସଂଗ୍ରାମରେ କମ୍ପନ ସୃଷ୍ଟି କରିଥିଲା। ନୈତିକ ଦୃଷ୍ଟିରୁ କୁଳୀନ ହିନ୍ଦୁମାନେ, ବିଶେଷକରି ମୂଳବାସିନ୍ଦା ବ୍ରାହ୍ମଣଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। ବିଆର୍ ଆମ୍ବେଡକର ଏହି ଚିନ୍ତାଧାରାକୁ ଗ୍ରହଣ କରିନେଇଥିଲେ, ଯେଭଳି ନୂଆ କରି ସାମ୍ନାକୁ ଆସିଥିବା ମୁସଲମାନ ଲବି କରିଥିଲା।

ଏହି ସମୟରେ ବୁଦ୍ଧଙ୍କ ବିଷୟରେ ୟୁରୋପୀୟମାନେ ଜାଣିସାରିଥିଲେ ଏବଂ ସେମାନେ ତାଙ୍କୁ ‘ଏସିଆର ଆଲୋକ’ ଭାବେ ଦେଖୁଥିଲେ। ବୌଦ୍ଧଧର୍ମର ‘ସମସ୍ତେ ସମାନ’ ବିଚାରଧାରା ହିନ୍ଦୁଧର୍ମର ଜାତି ବ୍ୟବସ୍ଥାର ବିପରୀତ ମନେହେଉଥିଲା। ପ୍ରାଚ୍ୟର ବିଦ୍ୱାନ୍‌ମାନେ ଏହି ବିପରୀତ ବିଚାରଧାରାକୁ ତୀବ୍ର କରିଥିଲେ। ୟୁରୋପୀୟମାନେ ଯୁକ୍ତି ବାଢ଼ିଥିଲେ ଯେ, ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଧୀରେ ଧୀରେ ହଟାଇ ଦେଇଛନ୍ତି। ବୌଦ୍ଧଧର୍ମ ହିନ୍ଦୁଧର୍ମକୁ ଦୁର୍ବଳ କରିଦେଉଛି ଏବଂ ଏହାର ଶାନ୍ତିବାଦ ସହ ଅହିଂସା ନୀତି ପାଇଁ ଆମେ ଆମ ମିଲିଟାରି ଶକ୍ତି ହରାଇଛୁ ବୋଲି ସଭର୍‌କର ବିଶ୍ୱାସ କରୁଥିଲେ। ଏହିସବୁ ସିଦ୍ଧାନ୍ତଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ପରିବର୍ତ୍ତନଶୀଳ ଏବଂ ଇତିହାସ ଦୃଷ୍ଟିକୋଣରୁ ଭୁଲ୍। ତଥାପି ସେହିସବୁ ସିଦ୍ଧାନ୍ତଗୁଡ଼ିକ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଗଢ଼ିଛି। ଏହି ସମୟରେ ଦଳିତ ସାହିତ୍ୟରେ ବ୍ରାହ୍ମଣଙ୍କ ବିରୋଧରେ ଯୁକ୍ତି ଏବଂ ୧୯୯୦ ଦଶନ୍ଧିରେ ୟୁରୋପୀୟଙ୍କ ଦ୍ୱାରା ଉପସ୍ଥାପିତ ‘ଆଉଟ ଅଫ୍ ଇଣ୍ଡିଆନ୍ ଥିଓରି’(ଓଆଇଟି), ଅର୍ଥାତ୍ ଭାରତୀୟ ଉପମହାଦେଶର ମୂଳବାସିନ୍ଦା ଆର୍ଯ୍ୟଙ୍କୁ ନେଇ ୟୁରୋପୀୟଙ୍କ ସଂଶୟାତ୍ମକ ତଥ୍ୟର ଉତ୍ଥାନ ଏବଂ ହିନ୍ଦୁତ୍ୱକୁ କୋଏନରାଡ ଏଲିଷ୍ଟ ଓ ଡାଭିଡ ଫ୍ରାୱିଲେଙ୍କ ଭଳି ଆମେରିକୀୟଙ୍କ ସମର୍ଥନ ସାମ୍ନାକୁ ଆସିଥିଲା। ଭାରତ ମାନବ ସଭ୍ୟତାର କେନ୍ଦ୍ର ନୁହେଁ ବୋଲି ଦର୍ଶାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ।

ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପ୍ରତିଷ୍ଠାତା ଥିଲେ ଏବଂ ସେମାନେ ଭାରତରୁ ୟୁରୋପକୁ ଯାଇଥିଲେ ବୋଲି ସେମାନେ ସ୍ୱୀକାର କରୁ ନ ଥିଲେ। ଏବେ ଯେଉଁମାନେ ଏହି ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ସେମାନେ ଉପହସିତ ଏପରିକି ହିଂସାର ଶିକାର ହେଉଛନ୍ତି।

ନାଜି ଜର୍ମାନୀର ଉତ୍ଥାନରେ ଆର୍ଯ୍ୟଙ୍କ ସହ ୟୁରୋପୀୟଙ୍କ ନିବିଡ଼ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସମ୍ପ୍ରତି ଆର୍ଯ୍ୟଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଚାଲିଛି। ପ୍ରତ୍ନତତ୍ତ୍ୱବିତ୍, ଭାଷାବିତ୍ ଏବଂ ଆନୁବଂଶିକ ବୈଜ୍ଞାନିକମାନେ ଏବେ ଦୃଢ଼ ନିଶ୍ଚିତ ଯେ, ଆର୍ଯ୍ୟମାନେ ଭାରତକୁ ଇରାନ ବାଟ ଦେଇ ପାଖାପାଖି ଖ୍ରୀଷ୍ଟପୂର୍ବ ୧୫୦୦ରେ ଆସିଥିଲେ। ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁ ହରପ୍ପା ସଭ୍ୟତା ପତନ ପରେ ଏବଂ ଖ୍ରୀଷ୍ଟପୂର୍ବ ୧୮୦୦ରେ ରଥ ଆବିଷ୍କାର ହେବା ପରେ ସେମାନେ ଆସିଥିଲେ। ଯେଉଁ ଅଞ୍ଚଳରୁ ସେମାନେ ଆସିଥିଲେ, ତାହାକୁ ଏବେ କାଜାକସ୍ତାନ କୁହାଯାଉଛି। ଏହା ଏକ ଆକ୍ରମଣ ନ ଥିଲା, ବରଂ ଥିଲା ପ୍ରାୟ ପୁରୁଷମାନଙ୍କର ଏକ ପ୍ରବାସନ ବା ସ୍ଥାନାନ୍ତର, ଯାହା ଅନେକ ଶତାବ୍ଦୀ ଧରି ଜାରି ରହିଥିଲା। ପ୍ରବାସନ ସମୟରେ ଆଫଗାନିସ୍ତାନ ନିକଟରେ ସେମାନେ ଏକ ପ୍ରକାର ଉତ୍ତେଜନାବର୍ଦ୍ଧକ ଔଷଧୀୟ ଗଛ ଇଫେଡ୍ରା (ସୋମ) ଦେଖିଥିଲେ। ଏହା ମଧ୍ୟ ସେମାନଙ୍କ ସଙ୍ଗୀତର ଏକ ଅଂଶ ଥିଲା। କିନ୍ତୁ ସେମାନେ ଗଙ୍ଗା ନିକଟରେ ପହଞ୍ଚିଲା ବେଳକୁ ଏହାର ବିକଳ୍ପ ପାଇଯାଇଥିଲେ। ଘୋଡ଼ା, ରଥ ତିଆରି କୌଶଳ, ଏକ ଦକ୍ଷ ସେନା ଏବଂ ଏକ ଯାଯାବର ଜୀବନଶୈଳୀ ସହ ଆର୍ଯ୍ୟମାନେ ଭାରତକୁ ଏକ ଭାଷା ମଧ୍ୟ ଆଣିଥିଲେ। ଗାଙ୍ଗେୟ ସମତଳ ଅଞ୍ଚଳରେ ଏହି ଭାଷାର କ୍ରମବିକାଶ ଘଟିଥିଲା, ଯାହାକୁ ଏବେ କୁହାଯାଉଛି ବୈଦିକ ସଂସ୍କୃତ। ଧର୍ମ ଶବ୍ଦର ମୂଳ ଅକ୍ଷର ‘ଧ’। ଏହା ପୂର୍ବରୁ ଦକ୍ଷିଣ ଏସିଆ ବାହାରେ ଥିବା କୌଣସି ଆର୍ଯ୍ୟ ଭାଷା (ଇଣ୍ଡୋ ୟୁରୋପୀୟ)ରେ ଦେଖିବାକୁ ମିଳେ ନାହିଁ। ଏହି ବୈଦିକ ଭାଷା ଏବଂ ଏହା ସହ ଜଡ଼ିତ ପୁରୋହିତ ସଂସ୍କୃତି ଅନେକ ହଜାର ବର୍ଷ ଧରି ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ସମଗ୍ର ଉପମହାଦେଶରେ ପ୍ରସାର ଲାଭ କରିଛି। ଏହି ଭାଷା ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଉଥିବା ସଙ୍ଗମ ସମୟରେ ତାମିଲ କବିଙ୍କର ଅତି ପ୍ରିୟ ଥିଲା।

-devduttofficial@gmail.com

# ଶାଶ୍ୱତ ସମ୍ପର୍କର ଅବକ୍ଷୟ



ଡ. ଚିନ୍ତାମଣି ପଣ୍ଡା

ଗୁରୁ-ଶିଷ୍ୟର ସମ୍ପର୍କ ଅତି ମାନବୀୟ ସ୍ତରର। ଏ ନୈସର୍ଗିକ ବନ୍ଧନଟି କାମନାରହିତ ସିନା କିନ୍ତୁ ଭାବାବେଗ ଭରା ସମ୍ବେଦନଶୀଳ। ତ୍ରେତୟା ଯୁଗର ଗୁରୁ ବଶିଷ୍ଠ, ବିଶ୍ୱାମିତ୍ରଙ୍କର ଅନୁଶାସନ ଯେତିକି କଠୋର, ଦ୍ୱାପରର ଗୁରୁ ସନ୍ଦିପନୀ ତଥା ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ ପରୀକ୍ଷା ସେତିକି ମାର୍ମିକ ତଥା ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୁରୁକୁଳୀୟ ପରମ୍ପରାରେ ଶିଷ୍ୟମାନେ ଯେ ଖାଲି ବିଦ୍ୱାନ ହେଉଥିଲେ ତା’ ନୁହେଁ ବରଂ ଚରିତ୍ରବାନ୍ ଓ ସର୍ବଗୁଣ ବିଶାରଦ ହୋଇପାରୁଥିଲେ। କଳିଯୁଗରେ ଶିକ୍ଷାଦାନ ବ୍ୟବସ୍ଥା ଜଙ୍ଗଲର ଗୁରୁକୁଳୀୟ ପରମ୍ପରାରୁ ଜନବସତି ଆଡ଼କୁ ମୁହାଁଇଲା ପରେ ଗ୍ରାମ୍ୟ ଆଖଡ଼ାଶାଳ ତଥା ଚାହାଳି ଘରମାନଙ୍କରେ ଆତ୍ମପ୍ରକାଶ କଲା। ତଥାପି ତଦାନିନ୍ତନ ଗୁରୁରୂପୀ ଅବଧାନମାନେ ଶିଷ୍ୟ ରୂପରେ ପାଇଥିବା ଛାତ୍ରମାନଙ୍କୁ କଡ଼ା ଅନୁଶାସନ ଭିତରେ ବାନ୍ଧିରଖୁଥିଲେ। କ୍ରମବିବର୍ତ୍ତନ ବାଦରେ ଗ୍ରାମ୍ୟ ଚାହାଳିର ରୂପରେଖ ବଦଳି ଚାଟଶାଳୀରେ ଓ ଇଂରେଜମାନଙ୍କ ଅମଳରେ ପ୍ରାଥମିକ ବିଦ୍ୟାଳୟର କାୟାକଳ୍ପ ଧାରଣ କଲା। ଅବଧାନ, ପଣ୍ଡିତମାନଙ୍କ ଜାଗାରେ ଶିକ୍ଷକମାନେ ଅଧ୍ୟାପନାର କର୍ଣ୍ଣଧାର ସାଜିଲେ। ଲର୍ଡ ଉଇଲିୟମ ବେଣ୍ଟିକ୍‌ଙ୍କ ସମୟରେ ବିଦ୍ୟାଳୟର ବିକାଶ ଘଟି ଉଚ୍ଚବିଦ୍ୟାଳୟ ଏବଂ ଲର୍ଡ କର୍ଜନଙ୍କ ସମୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହେଲା। ଧୀରେ ଧୀରେ ନାରୀ ଶିକ୍ଷାର ପ୍ରସାର ଘଟି ସ୍ୱାଧୀନୋତ୍ତର ଭାରତରେ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ନିଶ୍ଚିତ କରାଗଲା। ଶିକ୍ଷାର ବ୍ୟବସାୟୀକରଣ ପରେ ଅଧୁନା ନିଜ ଉଦ୍ୟୋଗରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାଦାନ କେନ୍ଦ୍ରଗୁଡ଼ିକ ପ୍ରତିଯୋଗିତା ଭିତ୍ତିରେ ଆତ୍ମପ୍ରକାଶ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁ-ଶିଷ୍ୟ ସମ୍ପର୍କଟି ମଧ୍ୟ ଅବକ୍ଷୟମୁଖୀ ହୋଇ ଛାତ୍ର-ଶିକ୍ଷକ ସମ୍ପର୍କକୁ ରୂପାନ୍ତରିତ ହୋଇଯାଇଛି। କିନ୍ତୁ ଚାହାଳି କିମ୍ବା ଚାଟଶାଳୀର କଡ଼ା ଅନୁଶାସନ ବିଦ୍ୟାଳୟର ଦଣ୍ଡମୁକ୍ତ ଅଞ୍ଚଳରେ ସମାଧି ନେଇଛି। ତତ୍କାଳୀନ ଚାଟଶାଳୀରେ ଅବଧାନଙ୍କ ବୟସ ତୁଳନାରେ ଛାତ୍ରୀଟିର ବୟସର ତାରତମ୍ୟ ଯଥେଷ୍ଟ ଅଧିକ ଥିବାରୁ କଡ଼ା ଅନୁଶାସନ ହେତୁରୁ ହେଉ କିମ୍ବା ବାତ୍ସଲ୍ୟ ମମତା ଦୃଷ୍ଟିରୁ, ସମ୍ପର୍କ କଳଙ୍କିତ ହେବାର ନିଜର ନାହିଁ। ଏହି ବୟସର ବ୍ୟବଧାନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଯଥେଷ୍ଟ ସଂକୀର୍ଣ୍ଣ। ପରିବର୍ତ୍ତିତ ପରିବେଶ ପରିସ୍ଥିତି ଦୃଷ୍ଟିରୁ ଛାତ୍ରୀ-ଶିକ୍ଷକ ସମ୍ପର୍କ ଘୁଣ ଖାଇ ଏକ ସାମାଜିକ ବ୍ୟାଧିରେ ପରିଣତହେବାକୁ ବସିଲାଣି। ଉପାନ୍ତରୁ ଉପକୂଳ ପ୍ରତିଟି ଟିକିନିଖି ଖବର ଲୋକଲୋଚନକୁ ଆସିବା ହେତୁରୁ ପ୍ରତିଦିନ ଏ ସମ୍ପର୍କର ଦୁରବସ୍ଥା ସମ୍ବନ୍ଧୀୟ ଘଟଣାମାନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ଥରେ ଭାବନ୍ତୁତ, ଏକ ଆବେଗ ଭରା ଐଶ୍ୱରୀକ ସମ୍ପର୍କରେ ପତନ ଘଟାଇ ଆମେ ତାକୁ ରସାତଳଗାମୀ କରିସାରିଲେଣି କିନା ? ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଦୀର୍ଘ ବର୍ଷ ଅଧ୍ୟାପନା କରିବା ଭିତରେ ଅନେକ ଉପଲବ୍ଧି ହାସଲ କରିଛି। ଏକଦା ଛାତ୍ରଟିଏ ବିଳମ୍ବରେ ଶ୍ରେଣୀଗୃହକୁ ଆସିବାରୁ ତାଗିଦା ପରିବର୍ତ୍ତେ କାରଣ ପଚାରନ୍ତେ ସେ ନିଃସଙ୍କୋଚରେ ଡେରିରେ ଉଠିଥିବା କଥା ପ୍ରକାଶ କଲା, ତହୁଁ ଅପତ୍ୟ ସ୍ନେହରେ କୌତୁହଳୀ ହୋଇ ଦନ୍ତ ମାର୍ଜନ କରିଛ କି ନା ପଚାରି ଦେବାରୁ ଭରା ଶ୍ରେଣୀରେ ଅତି ନିର୍ଭୀକ ଭାବରେ ନା କହି ଆସନରେ ବସିଲା। ବୁଝିବା କଥା, ଏହା ହେଉଛି ନିଛକ ଗୁରୁଭକ୍ତି। ଛାତ୍ର-ଶିକ୍ଷକ ସମ୍ପର୍କରେ ଆତ୍ମୀୟତା ବଢ଼ିଗଲେ ଯାଇ ପରସ୍ପର ପରସ୍ପରର ସୁବିଧା ଅସୁବିଧା ବାଣ୍ଟିପାରନ୍ତି। ଛାତ୍ର ବା ଛାତ୍ରୀଟିର ମନରେ ଏହି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମୟ ଦେଇ ତା’ର ଯଥେଷ୍ଟ ନିକଟତର ହେବାକୁ ପଡ଼େ, ଏହି ସମ୍ପର୍କଟି ମମତାର ଉତ୍କର୍ଷରେ ପହଞ୍ଚିଗଲେ ଛାତ୍ରୀଛାତ୍ରମାନେ ସମ୍ମୋହିତ ହେଲା ପରି ଶିକ୍ଷକ/ଶିକ୍ଷିକାଙ୍କର ବ୍ୟକ୍ତିତ୍ୱ ଆଗରେ ମୁଣ୍ଡ ନୁଆଁଇ ଥାନ୍ତି ଏବଂ ତାଙ୍କ ମନରେ ଭୟ ହେତୁରୁ ନୁହେଁ ଭାବାବେଗ ହେତୁରୁ ଗୁରୁଭକ୍ତିର ଉଦ୍ରେକ ହୁଏ। ଥରେ ଭକ୍ତି ଜାଗ୍ରତ ହେଲେ ସମସ୍ତ ନିର୍ଦ୍ଦେଶ ମାନି ବସ ଉଠ ବି ହୋଇପାରେ, କାରଣ ଛାତ୍ରୀଛାତ୍ରମାନେ ସାବାଳିକା ସାବାଳକ ହେଲେ ବି ଶିକ୍ଷକଙ୍କ ଆଗରେ ଶିଶୁ ସୁଲଭ। ଶାରୀରିକ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶିକ୍ଷାନବିସଙ୍କୁ ଦୁଷ୍କର୍ମ କରିବାକୁ ପଛାଉ ନାହାନ୍ତି। ଏହା ଶାଶ୍ୱତ ସମ୍ପର୍କର ଅବକ୍ଷୟ ନିଶ୍ଚୟ।

ମୋ:୮୧୪୪୦୬୬୦୧୬

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ରେହା କୋଠାରି ଓ ରିଶିକା ରେଡ୍ଡୀ। ଲକ୍‌ଡାଉନ ସମୟରେ ସମସ୍ତେ ଘରକୁ ସାମଗ୍ରୀ ମଗାଉଥିଲେ ଏବଂ ଏହା ଯୋଗୁ ଘରେ ପ୍ଲାଷ୍ଟିକ୍ କିମ୍ବା ଜରି ପ୍ୟାକେଜିଂ ବର୍ଜ୍ୟ ବଢ଼ିଯାଇଥିଲା। ଏହାକୁ ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ବିକଳ୍ପ ଖୋଜିବା ଲାଗି ସେମାନେ ଏକାଠି ଗବେଷଣା ଆରମ୍ଭ କରିଦେଇଥିଲେ। ରିଶିକାଙ୍କ ପରିବାର ପ୍ରିଣ୍ଟିଂ ବିଜନେସ୍ ସହ ଜଡ଼ିତ ଥିବା ହେତୁ ସେ ସହଜରେ ଗବେଷଣାରେ ସକ୍ଷମ ହୋଇପାରିଲେ। ଏବେ ସେମାନେ କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହିସବୁ ସାମଗ୍ରୀ ସହଜରେ ଓ କମ୍ ସମୟରେ ମାଟିରେ ମିଶିଯାଉଛି। ଏହି ଦୁଇ ମହିଳା ଉଦ୍ୟୋଗୀ ‘ଦି ମେଣ୍ଡ୍ ପ୍ୟାକେଜିଂ’ କମ୍ପାନୀ ପ୍ରତିଷ୍ଠାକରି ପ୍ୟାକେଜିଂ ସାମଗ୍ରୀ ତିଆରି କରୁଛନ୍ତି। ଏହି କମ୍ପାନୀକୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ଏବେ କମ୍ପାନୀରେ ୭୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ୨୮୦ ଜଣ ଭେଣ୍ଡରଙ୍କ ସହ କାମ କରି ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଅଗଷ୍ଟ ୧୯୭୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟ ସୁଖଲାଲ ହାଥୀ ହରିଆନାର ରାଜ୍ୟପାଳ ରୂପେ ଏବଂ ବିଦେଶ ତୁକାରାମ କୁଲକର୍ଣ୍ଣି ପଣ୍ଡିଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଛନ୍ତି।
- ପ୍ୟାରିସ୍‌ର ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୨ ପର୍ଯ୍ୟଟନକାରୀଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।
- ଗୋଷ୍ଠୀନିରପେକ୍ଷ ଶୀର୍ଷ ସମ୍ମିଳନୀରେ ରୁମାନିଆ, ପର୍ତ୍ତୁଗାଲ ଓ ଫିଲିପାଇନ୍ସ ଅତିଥି ଭାବେ ଯୋଗଦେଇପାରିବେ ବୋଲି ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ନିଷ୍ପତ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 7 | 3 |
| | | 3 | | | 6 | | 2 | |
| | | 8 | | | | | | |
| 7 | | | | | | 1 | | 6 |
| | | | 8 | 4 | | 7 | | |
| | | | 3 | | | | | |
| | | | 4 | 1 | | 3 | 5 | |
| 2 | | | 5 | 9 | | 4 | | |
| | 5 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 7 | 4 | 9 | 6 | 8 | 3 |
| 6 | 4 | 3 | 8 | 2 | 1 | 7 | 9 | 5 |
| 7 | 8 | 9 | 5 | 6 | 3 | 1 | 2 | 4 |
| 4 | 2 | 8 | 6 | 9 | 7 | 3 | 5 | 1 |
| 1 | 9 | 6 | 2 | 3 | 5 | 8 | 4 | 7 |
| 3 | 5 | 7 | 1 | 8 | 4 | 9 | 6 | 2 |
| 8 | 7 | 4 | 9 | 1 | 2 | 5 | 3 | 6 |
| 5 | 6 | 2 | 3 | 7 | 8 | 4 | 1 | 9 |
| 9 | 3 | 1 | 4 | 5 | 6 | 2 | 7 | 8 |

ଗତକାଲିର ଉତ୍ତର

# କପୋତ ଆଜି ଉଡ଼ନ୍ତା ମୂଷା



ଡ. ବିମଳ ଷଡ଼ଙ୍ଗୀ

ଏକନିଷ୍ଠ ପ୍ରେମ ଓ ଭରସାର ପ୍ରତୀକ, ସେବା, ସମର୍ପଣ ଓ ସାଥିରେ ରହିବାର ଚିହ୍ନ ଏବଂ ମାନବର ଦାମ୍ପତ୍ୟ ଜୀବନର ଆଦର୍ଶ ରୂପେ ବ୍ୟବହୃତ ହୁଏ ‘କପୋତ କପୋତୀ’। ସତରେ କେତେ ଶାନ୍ତ, କମନୀୟ ସେମାନଙ୍କର ଶବ୍ଦ, ରୂପ ଓ ଗୁଣ। କାହିଁ କେତେକାଳରୁ ମଣିଷର ସାଥୀ ସେମାନେ। ସେଇଥିପାଇଁ ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବରୁ ଏକ ଗୃହପାଳିତ ପକ୍ଷୀ ରୂପେ ସ୍ୱୀକୃତିପ୍ରାପ୍ତ ଶାନ୍ତି ଓ ମୈତ୍ରୀର ପ୍ରତୀକ କପୋତ ବା ପାରା। ତଥ୍ୟ ଅନୁସାରେ ୧୮୦୦ ମସିହାରୁ ଭାରତ ଓ ୟୁରୋପରେ ଡାକସେବାର ସେମାନେ ଥିଲେ ଏକ ମାଧ୍ୟମ। ତା’ ସହିତ ଯୁଦ୍ଧ ଓ ବିପଦ ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସଙ୍କେତ ନେବା ଆଣିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକଦା ବ୍ରିଟିଶ୍ ଦ୍ୱାରା ତାଲିମପ୍ରାପ୍ତ ଚେରଆମି ନାମକ ଏକ କପୋତକୁ ଯୁକ୍ତରାଷ୍ଟ୍ର ଆମେରିକାର ସେନା ସଙ୍କେତ ବାହକ ଭାବରେ ବ୍ୟବହାର କରିଥିଲା। ୧୯୧୮ ଅକ୍ଟୋବରରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଫ୍ରାନ୍ସର ଆର୍ଗୋନ ଜଙ୍ଗଲରେ ନିଜ ଛାତିରେ ଗୁଳି, ଗୋଟିଏ ଆଖି ନଷ୍ଟ ଏବଂ ଗୋଟିଏ ଗୋଡ଼ ହରାଇ ଘଞ୍ଚ ଜଙ୍ଗଲରେ ଲୁଚି ଲୁଚି ଯାଇ ପ୍ରାୟ ୧୯୪ ସୈନିକଙ୍କ ଜୀବନ ବଞ୍ଚାଇଥିଲା ସେହି କପୋତ । ଆଜି ସେହି ଶାନ୍ତ ସାହାଯ୍ୟକାରୀ କପୋତର ବଂଶଧରଙ୍କୁ ‘ଉଡ଼ନ୍ତା ମୂଷା’ ବୋଲି ଅଭିହିତ କରିବା ଖାଲି ଏକ ଅପମାନଜନକ ଶବ୍ଦ ନୁହେଁ, ବରଂ ସବୁଠାରୁ ବହୁଚର୍ଚ୍ଚିତ ଅପମାନ ମଧ୍ୟରୁ ଗୋଟିଏ। ଏପରି ଭାଷା କେବଳ ଅରୁଚିକର ନୁହେଁ ବରଂ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ନ ଥିବା କିଛି ବ୍ୟକ୍ତିଙ୍କ ଆଳାପ ଭଳି ମନେହୁଏ।

ସାମ୍ପ୍ରତିକ ସମୟରେ ଜଣାଶୁଣା ନୀଳରଙ୍ଗର କପୋତ ଯାହାକୁ ଠାକୁର ପାରା ମଧ୍ୟ କୁହାଯାଏ, ସେଗୁଡ଼ିକ ଆଜି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସାଧାରଣତଃ ଗ୍ରାମ ଓ ସହରାଞ୍ଚଳରେ ଥିବା କୋଠାଘରର ବାଲ୍‌କୋନି, କାନ୍ଥର ଖୋପ ଓ ଛାତ ଉପରେ ବାସ କରୁଥିବା ଏହି ଶାନ୍ତ ଓ ସୁନ୍ଦର ପକ୍ଷୀକୁ ବର୍ତ୍ତମାନ ଆସ୍ପର୍ଗିଲୋସିସ ନାମକ ଏକ ରୋଗର ବାହକ ଭାବରେ ବର୍ଣ୍ଣନା କରାଯାଇଛି। ଆସ୍ପର୍ଗିଲୋସିସ ହେଉଛି ଆସ୍ପର୍ଗିଲସ ଫ୍ୟୁମିଗାଟସର ଏକ କ୍ଷୁଦ୍ରତମ ବାୟୁଗତ ବୀଜାଣୁ ଉତ୍ପାଦନର କାରକ। ଯେତେବେଳେ ଏହି ବୀଜାଣୁଗୁଡ଼ିକ ବିଶେଷକରି ଦୁର୍ବଳ ପ୍ରତିରୋଧ କ୍ଷମତା ବା ପୂର୍ବରୁ ଫୁସଫୁସ ରୋଗଥିବା କିମ୍ବା ଧୂଳିମୟ ଦୂଷିତ ପରିବେଶରେ ଦୀର୍ଘ ସମୟ ଧରି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ ସେତେବେଳେ ସେମାନଙ୍କୁ ସହଜରେ ସଂକ୍ରମିତ କରିଥାଏ ଓ ଶ୍ୱାସକ୍ରିୟାଜନିତ ରୋଗ ସୃଷ୍ଟି କରିଥାଏ। ତଥାପି, ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସ୍ପରଗିଲସ ସର୍ବବ୍ୟାପୀ ଯାହା କମ୍ପୋଷ୍ଟଖତ, ଧୂଳି, ପୁରୁଣା କୋଠା ସାମଗ୍ରୀ, ଏୟାର-କଣ୍ଡିସନିଂ ସିଷ୍ଟମ,ପାଣିଲିକରୁ ସୃଷ୍ଟ କାନ୍ଥର ନଷ୍ଟ ହୋଇଥିବା ପ୍ଲାଷ୍ଟରିଂ, ବିଭିନ୍ନ ପକ୍ଷୀଙ୍କ ମଳ, ଗାଧୁଆ ଘରର ଓଦା ସନ୍ତସନ୍ତିଆ କୋଣ, ଅପରିଷ୍କାର ନଳୀ କିମ୍ବା ଅଣଦେଖା ହୋଇଥିବା ପୁରୁଣା ଉଦ୍ଭିଦର ଅବଶେଷ, ଅପରିଷ୍କାର ମାଟି ଏବଂ ଏପରିକି ମସଲା ଗୁଣ୍ଡରେ ମଧ୍ୟ ଏହା ରହିଥାଏ। ଏହା ଓଦା ଏବଂ ଉତ୍ତମ ବାୟୁ ଚଳାଚଳ ନ ଥିବା ଅଞ୍ଚଳରେ ସହଜରେ ବ୍ୟାପିଥାଏ। ବୀଜାଣୁଟି ଦୈନନ୍ଦିନ ଜୀବନର ନିଃଶ୍ୱାସ ନେବା ସମୟରେ ଏକ ଅଂଶ ଭାବରେ ପ୍ରବେଶ କରିଥିଲେ ମଧ୍ୟ ସାଧାରଣତଃ ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ କ୍ଷତିକାରକ ନୁହେଁ। ସେଥିପାଇଁ ପ୍ରାକୃତିକ ଭାବରେ ଘଟୁଥିବା ରୋଗଟିର ବିସ୍ତାର ପାଇଁ କେବଳ ପାରାଗୁଡ଼ିକୁ ଦାୟୀ କରିବା ବୈଜ୍ଞାନିକ ଭାବରେ ଭିତ୍ତିହୀନ। ପ୍ରକୃତ ସମସ୍ୟା ହେଉଛି ପରିବେଶଗତ ପରିଚ୍ଛନ୍ନତା। ପାରାମାନଙ୍କ ବା ଗୃହପାଳିତ ଅନ୍ୟ ପକ୍ଷୀମାନଙ୍କ ପକ୍ଷ ଝାଡ଼ିଦେଲେ ଯେଉଁ ଧୂଳିକଣା ବାହାରେ ସେଥିରେ ବି ଏହି ବୀଜାଣୁ ରହିପାରନ୍ତି। ତେବେ ପାରାମାନଙ୍କର ସଂଖ୍ୟା ସହରାଞ୍ଚଳଗୁଡ଼ିକରେ ଅତିମାତ୍ରାରେ ବୃଦ୍ଧିପାଇବା କେବଳ ମନୁଷ୍ୟକୃତ। ଆମର ମନେରଖିବା ଉଚିତ ଯେ ୧୯୭୦ ପୂର୍ବରୁ ଭାରତରେ କୋଠାଘର କହିଲେ କେବଳ ମଠ, ମନ୍ଦିର, ଧର୍ମଶାଳା, ସରକାରୀ ଅଫିସ, କିଛି ଧନିକ ଶ୍ରେଣୀ ଇତ୍ୟାଦି ମଧ୍ୟରେ ସୀମିତ ଥିଲା। ପାରାଗୁଡ଼ିକ ପ୍ରାୟତଃ ମନ୍ଦିରଗୁଡ଼ିକରେ ଅଧିକ ଦେଖାଯାଉଥିଲେ ଓ ସେଠାରେ ସହଜରେ ଖାଦ୍ୟ ମିଳୁଥିଲା। ମାତ୍ର କାଳକ୍ରମେ ସହର ଓ ଗ୍ରାମାଞ୍ଚଳରେ କୋଠାଘରଗୁଡ଼ିକର ବୃଦ୍ଧି ସହିତ ଆମର ଅଧିକ ଧର୍ମ ବିଶ୍ୱାସ ଏବଂ ପାରାମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଯୋଗୁ ପାରା ବା କପୋତମାନଙ୍କୁ ମନ୍ଦିର ପାଖରୁ ଆମ ନିକଟକୁ ଟାଣି ଆଣିଲା। ସେମାନଙ୍କୁ ନିୟମିତ ଖାଦ୍ୟ ଓ ଦାନା ମିଳିବାଦ୍ୱାରା ମଣିଷମାନଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇଲା ଓ କ୍ରମଶଃ ସେମାନେ ମନ୍ଦିର ଛାଡ଼ି କୋଠାଘରଗୁଡ଼ିକୁ ସୁରକ୍ଷିତ ବାସସ୍ଥାନ ଭାବି ରହିଲେ ଓ ସେମାନଙ୍କ ବଂଶ ବୃଦ୍ଧିପାଇଲା। ତେଣୁ ସେମାନଙ୍କ ବଂଶବୃଦ୍ଧି ପାଇଁ ଆମେ ଦାୟୀ, ସେମାନେ ନୁହନ୍ତି। ଆମେ ଅଜାଣତରେ ସେମାନଙ୍କୁ ରହିବା, ଖାଦ୍ୟ ଯୋଗାଇବା, ବସା ନିର୍ମାଣ କରିବା ଏବଂ ସଂଖ୍ୟା ବୃଦ୍ଧି କରିବାକୁ ନିମନ୍ତ୍ରଣ କରିଛୁ। ବର୍ତ୍ତମାନ ବୁଲିପଡ଼ି ସେମାନଙ୍କୁ ଗାଳିଦେବା କେବଳ ବିଡ଼ମ୍ବନାପୂର୍ଣ୍ଣ ନୁହେଁ, ଏକ ଘୋର ଅନ୍ୟାୟ କାରଣ ସେମାନେ ତ ପକ୍ଷୀ।



ଘୃଣା ବିନା ଏହି ସମସ୍ୟାର ସମାଧାନ ମଧ୍ୟ ଆମ ହାତରେ ଅଛି। ଯଦି କପୋତ ବା ପାରାଙ୍କ ଅତ୍ୟଧିକ ସଂଖ୍ୟା ପ୍ରକୃତରେ ଏକ ଚିନ୍ତାର ବିଷୟ, ତେବେ ଏହାକୁ ପରିଚାଳନା କରିବାର ମାନବୀୟ ଏବଂ ପ୍ରଭାବଶାଳୀ ଉପାୟ ଅଛି। ପ୍ରଥମ ଏବଂ ସର୍ବୋପରି, ସେମାନଙ୍କୁ ଖାଇବାକୁ ଦେବା ବନ୍ଦ କରିବାକୁ ପଡ଼ିବ। ଯେତେବେଳେ ଖାଦ୍ୟର ଉତ୍ସ ବନ୍ଦହୋଇଯିବ, କପୋତ ବା ପାରାମାନେ ଅନ୍ୟତ୍ର ଖାଦ୍ୟ ଖୋଜିବାକୁ ଚାଲିଯିବେ। ଦ୍ୱିତୀୟତଃ, ଘର ଏବଂ କୋଠାଗୁଡ଼ିକୁ ବିଭିନ୍ନ ପ୍ରକାରର ଜାଲି ଦ୍ୱାରା ପ୍ରତିରୋଧ କରିବା ଏକ ଜରୁରୀ ପଦକ୍ଷେପ। ଜାଲି କିମ୍ବା ଗଡ଼ାଣିଆ ସ୍ଥାନ ସ୍ଥାପନ କରିବା ଯାହା ଫଳରେ ସେମାନେ ନୂଆ ବସା କରିପାରିବେ ନାହିଁ। ବାଲକୋନି, କାନ୍ଥରେ ଥିବା ଗାତ, ଲିଫ୍ଟର ଫାଟ ଏବଂ ଅନ୍ୟାନ୍ୟ ସ୍ଥାନକୁ ସିଲ୍ କରିବା ଦ୍ୱାରା ସମ୍ଭାବ୍ୟ ବାସସ୍ଥାନର ପ୍ରବେଶକୁ ରୋକାଯାଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପଗୁଡ଼ିକେ ସକ୍ରିୟ ହେବା ଉଚିତ, ପ୍ରତିକ୍ରିୟାଶୀଳ ନୁହେଁ।

ଇଣ୍ଟରନେଟ୍ ଯୁଗରେ ଫେସବୁକ, ହ୍ୱାଟ୍ସଆପ, ଲିଙ୍କଡଇନ,ଟୁଇଟର ଇତ୍ୟାଦି କପୋତ ବା ପାରାଗୁଡ଼ିକର ଡାକ ଓ ତା’ର ସେବା ଓ ସଙ୍କେତ ବାହକ ସେବାକୁ ଇତିହାସର ଗର୍ଭକୁ ଠେଲିଦେଇଛି ଓ ସେମାନଙ୍କୁ ବାର୍ତ୍ତାବାହକ ଏବଂ ଯୁଦ୍ଧ ନାୟକରୁ ସୁବିଧାଜନକ ଭାବରେ ଦୋଷଦେଇ ଅବୈଜ୍ଞାନିକ ଭାବରେ ଉଡନ୍ତା ମୂଷା ନାମରେ ଅପମାନିତ କରିଚାଲିଛି। ଏହା ମଣିଷର ସାର୍ଥପର, ଅବୈଜ୍ଞାନିକ ଓ ଅମାନବିକ ଗୁଣର ଖୋଲା ପରିଚୟକୁ ସ୍ପଷ୍ଟ ଭାବରେ ସୂଚିତ କରୁଛି। ଏଣୁ ଠିକ୍ ତଥ୍ୟ ଉପସ୍ଥାପନ କରିବାର ମାଧ୍ୟମ କେବଳ ବୈଜ୍ଞାନିକ ଦୃଷ୍ଟିକୋଣର ବିଚାର ଦ୍ୱାରା ହିଁ ସମ୍ଭବ। ବିପଦରେ ସହାୟ ହୋଇଥିବା ବନ୍ଧୁକୁ ଅପମାନ କଲେ ତାକୁ କୃତଘ୍ନ ବା ବିଶ୍ୱାସଘାତକ କୁହାଯିବ, ମଣିଷ ନୁହେଁ।

ମୋ:୯୪୩୭୧୨୩୮୯୨

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଜାଖାନା ସଂଶୋଧନ ପ୍ରହସନ ହେବ କି

ମହାଶୟ,

ବହୁ ବ୍ୟକ୍ତିଙ୍କ ଦୀର୍ଘବର୍ଷର ଦେହାନ୍ତ ପରେ ବି ସେମାନଙ୍କ ନାମ ଜମି ରେକର୍ଡରେ ଗଡ଼ିଚାଲିଛି ଏବଂ ଏଥିପାଇଁ ପିଢ଼ି ପରେ ପିଢ଼ି ଡକ୍ୟୁମେଣ୍ଟ ପାଇଁ ବହୁ ହୀନସ୍ତା ହେଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାର କଲମ୍-୨ (ପ୍ରଜାଖାନା ସଂଶାଧନ) ଜରିଆରେ ରେକର୍ଡ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇ ରାଜସ୍ୱ କର୍ମକର୍ତ୍ତା ଲୋକଙ୍କ ଘରେ ପହଞ୍ଚି ସେବା ଯୋଗାଇଦେବା ବିଷୟ କୁହାଯାଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଯେଉଁମାନଙ୍କ ନାମରେ ଭୂଲିପି ନାହିଁ ସେମାନେ ମୃତ୍ୟୁ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ସହ ଆବଶ୍ୟକ ସ୍ଥଳେ ସତ୍ୟପାଠ ଓ ଦଲିଲ ନକଲ ଦାଖଲକରି ତହସିଲକୁ ନ୍ୟାୟ ମାଗିଲେ ରେକର୍ଡ ସଂଶୋଧିତ ହେବ ବୋଲି ପ୍ରଚାର ଚାଲିଛି। ତେବେ ପ୍ରଜାଖାନା ସଂଶୋଧନରେ କେବଳ ଜମାନବନ୍ଦୀ(ଖତିୟାନ ସଂଖ୍ୟା) ନମ୍ବର ଅନୁସାରେ ଅଭିଯୋଗ ଦେବାକୁ କହିଲାବେଳେ ପ୍ରାପ୍ତିସ୍ୱୀକାର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି।

– ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାବର ବଉଦେ ଲୁଚାଏ ତା’ ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଦେଶୀମଦ ଜବତ, ଜଣେ କୋର୍ଟଚାଲାଣ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଦେଶୀମଦ କାରବାର ଅଭିଯୋଗରେ ବେଲଗୁଣ୍ଠା ପୋଲିସ ବୁଧବାର ଜଣଙ୍କୁ କୋର୍ଟଚାଲାଣ କରିଛି। ମଙ୍ଗଳବାର ରାତିରେ ବେଲଗୁଣ୍ଠା ଥାନା ଏଏସ୍ଆଇ ପ୍ରମୋଦ ଚାଟି ନିଜ ଟିମ୍ ସହିତ ପାଟ୍ରୋଲିଂ କରିବା ବେଳେ ଓିସିପିଲ୍ଲା ଛକ ନିକଟରେ ଦେଶୀମଦ ବିକ୍ରି ହେଉଥିବା ଖବର ପାଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ଘୁ.ମୁଆଗାଆଁ ଜଳିତ ସାହିର କାଳିଆ ନାଇକ (୩୨) ନିଜ ଘର ବାଡ଼ିପଟେ ଦେଶୀମଦ ବିକ୍ରି କରୁଥିବା ଜାଣିବାକୁ ପାଇଥିଲା। ପୋଲିସ ସେଠାରୁ କାଳିଆକୁ ଗିରଫ କରିବା ସହିତ ମଦ ଜବତ କରିଥିଲା। ଏନେଇ ୪୦୫/୨୫ ରେ ଏକ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତ କାଳିଆକୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର କହିଛନ୍ତି।

# ଭିଜିଲାନ୍ସ ଜାଲରେ ୨ ସରକାରୀ କର୍ମଚାରୀ

## ଚୁକ୍ତିଭିତ୍ତିକ ନିଯୁକ୍ତିପତ୍ର ଦେବାକୁ ନେଉଥିଲେ ୨୫ ହଜାର




ଗିରଫ ପିଅନ ନିରଞ୍ଜନ ନାୟକ ଓ କିରାଣି ଜଗଦୀଶ ପଟ୍ଟନାୟକ।

ପାରଳାଖେମୁଣ୍ଡି,୧୩।୮ (ଗିରିଧାରୀ ପରିଛା): ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ କିରାଣି ଓ ଜଣେ ପିଅନ ବୁଧବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ସେମାନେ ହେଲେ କିରାଣି ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ। ସିଡିଏମ୍ଓଙ୍କ କାର୍ଯ୍ୟାଳୟରେ ଉଭୟେ କାର୍ଯ୍ୟ କରନ୍ତି। ସ୍ୱାସ୍ଥ୍ୟ ବିଭାଗର ନବନିଯୁକ୍ତ ଡାକ୍ତରଙ୍କୁ ତାଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିପତ୍ର ଦେବାପାଇଁ ଉଭୟେ ୨୫ହଜାର ଟଙ୍କା ଦାବି କରିଥିଲେ। କିରାଣିଙ୍କ ଟେବୁଲ ଡ୍ରରୁ ଆଉ ୫ ଲକ୍ଷ ୧୯ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଥିବା ଜଣାପଡିଛି।

ଖବରରୁ ଜଣାପଡିଛି, ସିଡିଏମ୍ଓଙ୍କ କାର୍ଯ୍ୟାଳୟରୁ ନିଜ ଚୁକ୍ତିଭିତ୍ତିକ ନିଯୁକ୍ତିପତ୍ର ନେବାକୁ ନିଯୁକ୍ତି ପାଇଥିବା ଜଣେ ଯୁବଡାକ୍ତର ନିକଟରେ ଆସିଥିଲେ। ଦାୟିତ୍ୱରେ ଥିବା କିରାଣିଙ୍କୁ ନିଯୁକ୍ତିପତ୍ର ମାଗିଥିଲେ। ଏହି ସମୟରେ ଜଗଦୀଶ ଓ ନିରଞ୍ଜନ ତାଙ୍କୁ ୨୫ ହଜାର ଟଙ୍କା ମାଗିଥିଲେ। ଡାକ୍ତର ଜଣକ ଏଥିରେ ଅସନ୍ତୁଷ୍ଟ ହୋଇ ଫେରିଆସି ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଭିଜିଲାନ୍ସ ଯୋଜନା ପ୍ରସ୍ତୁତ କରିଥିଲା। ଅଭିଯୋଗକାରୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଅଭିଯୁକ୍ତ କିରାଣି ଜଗଦୀଶ ଏବଂ ପିଅନ ନିରଞ୍ଜନଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ଚଢାଉ କରି ଧରିଥିଲେ। ଲାଞ୍ଚ ନେଉଥିବା ଟଙ୍କା ଜବତ କରିବା ସହ ଉଭୟଙ୍କୁ ଗିରଫ କରାଯାଇଛି। ପରେ ଅପରାହ୍ଣରେ ଜଗଦୀଶଙ୍କ ସରକାରୀ ବାସଭବନ ଓ ପିଅନ ନିରଞ୍ଜନଙ୍କ ଗୋସାଣୀ ବ୍ଲକ ମଣ୍ଡଳଦେବୀସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଖବର ଲେଖା ହେବା ଯାଏ ରାତି ସାଢେ ୮ଟା ସୁଦ୍ଧା ଜାରି ରହିଥିଲା। ଡିଏସ୍ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଜେନ୍ଦ୍ର ନାୟକ, ଡି. ବାସୁଦେବ ରାଓ ଇନ୍ସପେକ୍ଟରଙ୍କ ସହ ଏକ ୧୨ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଛନ୍ତି। ଚଢାଉ ସରିବା ପରେ ଉଭୟ କର୍ମଚାରୀଙ୍କ ସମ୍ପତ୍ତିର ମୂଲ୍ୟ ଜଣା ପଡିବ ବୋଲି ଜଣେ ଭିଜିଲାନ୍ସ ଅଧିକାରୀ କହିଛନ୍ତି।

# ଅଙ୍ଗଦାନ ସର୍ବୋତ୍ତମ ଦାନ

ପାରଳାଖେମୁଣ୍ଡି,୧୩।୮ (ଗିରିଧାରୀ ପରିଛା)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୌଜନ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ସିଧା ପ୍ରସାରଣ ମାଧ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ହାଲରେ ରାଜ୍ୟସ୍ତରୀୟ ବିଶ୍ୱ ଅଙ୍ଗ ଦାନ ଦିବସ ପାଳିତ ହୋଇଛି। ଏଥିରେ ଅତିଥି ରୂପେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହମଦ ମୁବାରକ ଅଲ୍ଲୀ ଉପସ୍ଥିତ ରହି ଅଙ୍ଗଦାନ ମହତ ଦାନ ବୋଲି କହିଥିଲେ। ଜିଲାର ପୂର୍ବରୁ ଅଙ୍ଗଦାନ କରୁଥିବା ପାରଳାଖେମୁଣ୍ଡି ସେରୀ ସାହିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ତେଲି ଗୋଡ଼ସାହିର ସ୍ୱର୍ଗତ କେ.ନରେଶ ପଟ୍ଟନାୟକ, ପାଟିକୋଠା ଗ୍ରାମର ସ୍ୱର୍ଗତ ପଣ୍ଡାଇ ଶବର ଓ ରାୟଗଡ ବ୍ଲକ ସାନଗୁଣ୍ଡି ଗ୍ରାମର ସ୍ୱର୍ଗତ ଅରୁଣ ଭୂୟାଁ ଅଙ୍ଗଦାନ କରି ଅନ୍ୟଙ୍କୁ ନୂଆ ଜୀବନ ଦେଇଥିବାରୁ ତାଙ୍କ ପରିଜନଙ୍କୁ ସୁରଜ ପୁରସ୍କାର -୨୦୨୫ରେ ସମ୍ବର୍ଦ୍ଧିତ କରାଯାଇ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଜଗନ୍ନାଥ ପାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦ ଘଟିକା**ରେ ଖୋଲାଯିବ । **କ୍ର.ସଂ; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି (୧) ଇ-କେଜିପି-ସାଉଥ୍-୪୫-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ୍ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଖଡ୍ଗପୁର-ଲକ୍ଷ୍ମଣନାଥ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ସେତୁ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୫୭ ଗୋଟି ସେତୁ) । ₹୮୩,୭୨,୧୯,୬୮୪.୨୩; ₹୪୩,୩୬,୧୦୦.୦୦; **(୨) ଇ-କେଜିପି-ସାଉଥ୍-୪୬-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ୍ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଲକ୍ଷ୍ମଣନାଥ ରୋଡ୍-ନୂଆଗାଁ ମୟୂରଭଞ୍ଜ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିଜ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୪୯ ଗୋଟି ସେତୁ) । ₹୮୦,୯୬,୫୩,୭୫୬.୧୪; ₹୪୧,୯୮,୩୦୦.୦୦; **(୩) ଇ-କେଜିପି-ସାଉଥ୍-୪୭-୨୦୨୫;** ଏଡିଇଏନ୍/ବିଏଲ୍ଏସ୍‌ଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ନୂଆଗାଁ ମୟୂରଭଞ୍ଜ ରୋଡ୍-ଭଦ୍ରକ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିଜ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୭୪ ଗୋଟି ସେତୁ) । ₹୭୮,୩୩,୮୭,୧୩୫.୬୪; ₹୪୦,୬୬,୯୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ ୧ରୁ ୩ ପାଇଁ); **ଖୋଲାଯିବା ତାରିଖ:** ତା୦୩।୦୯।୨୦୨୫ରିଖ (କ୍ର.ସଂ. ୧ରୁ ୩ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୩୬ ମାସ (କ୍ର.ସଂ. ୧ରୁ ୩ ପାଇଁ); **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୩ ପାଇଁ ତା୨୦।୦୮।୨୦୨୫ରିଖରୁ ତା୦୩।୦୯।୨୦୨୫ରିଖ **୧୫.୦୦ ଘଟିକା** ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-517)



**GOVERNMENT OF ODISHA** No.B-353

**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**

Mail ID : sepwdsbp@rediffmail.com

**e-Procurement**

BID IDENTIFICATION NO. CCENC (R AND B) / 05 / 2025-26
No. 2688 Dtd.29.07.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work** as detailed in the DTCN from the eligible class of contractors.
2. No. of works : **14 (Fourteen) (Road Works)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special" Class**
5. Date & Time of available in website & receipt of Bids from **18.08.2025** to **17.00 hours of 03.09.2025.**
6. Date of opening of Technical Bid **04.09.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

OIPR-34035/11/0033/2526 — Sd./- Chief Construction Engineer, Northern (R&B) Circle, Sambalpur


# ଭଞ୍ଜନଗରରେ ଜମିଲା ତ୍ରିରଙ୍ଗା ଯାତ୍ରା



ଭଞ୍ଜନଗର,୧୩।୮ (ବାବୁଲା ପ୍ରଧାନ): ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଚାଲିଛି। ଏଥିରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି। ତ୍ରିରଙ୍ଗା ଯାତ୍ରା ପାଇଁ ସରକାର ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହିକ୍ରମରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବୁଧବାର ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। କଲେଜରୁ ଏକ ବିରାଟ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ୧୦୦ ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଏନ୍‌ସିସି ଆର୍ମି ୱିଙ୍ଗ, ନାଭାଲ ୱିଙ୍ଗ, ଜାତୀୟ ସେବା ଯୋଜନା ଶାଖା ୧ ଓ ୨, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସମେତ ସମସ୍ତ ବିଭାଗର ଛାତ୍ରୀ ଛାତ୍ରମାନେ ଭାଗ ନେଇଥିଲେ। ଅତିରିକ୍ତ ଉପ ଜିଲାପାଳ ସୁମନ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। ଏହି ସମୟରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ରଥ, ହର ପ୍ରସାଦ ଶତପଥୀ, ରବିନ୍ଦ୍ର ମିଶ୍ର,ଅଧ୍ୟାପକ ସନାତନ ବେହେରା, ଦୁର୍ଗା ପ୍ରସାଦ ସାହୁ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ, ଏନ୍‌ସିସି ଆର୍ମି ସିଟିଓ ଅର୍ପଣ ପ୍ରଧାନ, ଏନ୍ଏସଏସ ଶାଖା ୧ ଯୋଜନା ଅଧିକାରୀ ବି ପ୍ରଧାନ, ବୁଧିନାଥ ବେହେରା, ଆର୍ ହରିଶ , ଅଧ୍ୟାପିକା ତୃପ୍ତିମୟି ଦାସ,ସୁନିତା ରାଣୀ ଖଣ୍ଡୁଆଳ, ଏନ ଏସ ଏସ ଯୋଜନା ଅଧିକାରିଣୀ ସସ୍ମିତା ଦାସ,ସ୍ମରଣିକା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-08-2025

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ MEMU କାର ସେଡ୍, ଖୋର୍ଦ୍ଧା ରୋଡ୍ ଠାରେ ନନ୍-କୋର୍ କାର୍ଯ୍ୟକଳାପ ଗୁଡ଼ିକର ବହିଃସ୍ରୋତ ।

**ବିଜ୍ଞାପିତ ମୂଲ୍ୟ (₹) :** 7,00,69,678.92, EMD (₹) : 5,00,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.14.08.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2025 ରିଖ 1600 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-469/Q/25-26


## କାର୍ ଧକ୍କାରେ ଜଣେ ଗୁରୁତର, ରାସ୍ତାରୋକୋ

ଦିଗପହଣ୍ଡି,୧୩।୮ (ଅଶେଷ ନାଥ ମିଶ୍ର) ଖେମୁଣ୍ଡି କାଲୁଆ ଛକଠାରେ ବୁଧବାର ଅପରାହ୍ଣରେ କାର ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଦିଗପହଣ୍ଡି ଥାନା ସିଦ୍ଧେଶ୍ୱର ପଞ୍ଚାୟତ ଗୋପାଳପୁର ଗ୍ରାମର ଜଗନ ସ୍ୱାଇଁ (୨୩)। ଦୁର୍ଘଟଣା ପରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଜଗନ ବାଇକ୍ (ନଂ.ଓଡି ୦୭ ଏକେ ୨୮୩୯) ଯୋଗେ ମା' ସୁଦକ୍ଷା ସ୍ୱାଇଁଙ୍କୁ ଆଣିବାକୁ ଗଣିଆନାଳ ଛକକୁ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁର ଅଞ୍ଚଳର ୩ ଯୁବକ କାର୍ (ନଂ ଓଆର୍ ୦୭ ଜେଡ୍ ୪୨୩୨)ରେ ମା' ବାଙ୍କେଶ୍ୱରୀଙ୍କ ପୀଠକୁ ଦ୍ରୁତ ଗତିରେ ଯାଉଥିଲେ। ଖେମୁଣ୍ଡି କାଲୁଆ ଛକଠାରେ ଜଗନଙ୍କ ବାଇକ୍‌କୁ ଉକ୍ତ କାର୍ ଧକ୍କା ଦେଇଥିଲେ। ଫଳରେ ଜଗନ୍ ବିଲକୁ ଛିଟିକି ପଡ଼ିଥିଲେ।। ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲ ପଠାଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପକ୍ଷରେ ଉତ୍ତ୍ୟକ୍ତ ଲୋକେ କାର୍‌ରେ ଥିବା ସମ୍ପୃକ୍ତ ୩ ଯୁବକଙ୍କୁ କାବୁ କରି ଦିଗପହଣ୍ଡି ପୋଲିସ ଜିମା ଦେଇ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦିଗପହଣ୍ଡି ପୋଲିସ ଓ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିଛି।

## ନିଶାମୁକ୍ତ ଭାରତ ଅଭିଯାନରେ ଶପଥ ଗ୍ରହଣ

ପାରଳାଖେମୁଣ୍ଡି,୧୩।୮ (ଗିରିଧାରୀ ପରିଛା)

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ଜିଲା ପ୍ରଶାସନର ସହଯୋଗରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନରେ ଏକ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ନିଶାମୁକ୍ତ ସମାଜ ଗଠନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ଜିଲାପାଳ ମଧୁମିତା ମୁଖ୍ୟଅତିଥି,ସମ୍ମାନିତ ଅତିଥି ଭାବେ ଏସ୍‌ପି ଜତିନ୍ଦ୍ର ପଣ୍ଡା, ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ସାହୁ, ଉପଜିଲାପାଳ ଅନୁପ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ଡକ୍ଟର ନିର୍ଦ୍ଦେଶକ (ପ୍ରଶାସନ) ଡକ୍ଟର ଦୁର୍ଗା ପ୍ରସାଦ ପାଢୀ, ଡକ୍ଟର ଏସ.ପି. ନନ୍ଦ, ଡିନ (ପ୍ରଶାସନ) ଏବଂ ଡକ୍ଟର ରିତେଶ କୁମାର ଉପସ୍ଥିତ ଥିଲେ। ଜିଲାପାଳଙ୍କ ନେତୃତ୍ୱରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଡିନ, ଛାତ୍ର ଏବଂ କର୍ମଚାରୀମାନେ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥପାଠ କରିଥିଲେ।


**ଯୁକୋ ବ୍ୟାଙ୍କ** — ଆଞ୍ଚଳିକ କାର୍ଯ୍ୟାଳୟ, ଯୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ଯୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୬.୦୮.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଫିରିଙ୍ଗିଆ ଶାଖା, ପୋ: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ କର୍ଣ୍ଣ, ମୋ.: ୮୨୮୦୦୮୮୮୧୨** | | |
| ୧. | **ଚନ୍ଦ୍ରମଣୀ ଦିଗାଲ,** ସା: ବପଙ୍ଗା, ବାଲନ୍ଦାପଡା, ଗୋଛାପଡା, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୦୪ | ଟ.୧୨,୦୦୦/- + ସୁଧ ଏବଂ ଦେୟ | ୬.୪୦ |
| ୨. | **ଆଲୋକ ସାହାଣୀ,** ସା: ତେଲପାଲି, ସରୁକୁଇ, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୩୫ | ଟ.୨୭,୦୦୦/- + ସୁଧ ଏବଂ ଦେୟ | ୮.୮୦ |
| ୩. | **ଜ୍ଞାନ ରଞ୍ଜନ ବିଶୋଇ,** ସା: ଡିଣ୍ଡିରା ଗାଁ, ଫିରିଙ୍ଗିଆ - ୭୬୨୦୧୧ / ୧୦୩୬୦୬୧୦୦୨୦୦୩୬ | ଟ.୪୪,୦୦୦/- + ସୁଧ ଏବଂ ଦେୟ | ୧୭.୦୯ |
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | **ପ୍ରକାଶ ଚନ୍ଦ୍ର ବିଶ୍ୱାଳ,** ସା: ସାରଡା, କୋଣାର୍କ - ୭୫୨୧୧୧ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୨୧୦୦୬୯୫୮** | | |
| ୧. | **ସମ୍ଭୁନାଥ ଗୋଛାୟତ,** ସା: ତାରିଣୀ ନଗର, ସାଲିଆ ସାହି, ଭୁବନେଶ୍ୱର - ୭୫୧୦୧୩ / ୧୮୩୯୦୬୧୦୦୧୫୯୪୦ | ଟ.୯୩,୦୦୦/- + ସୁଧ ଏବଂ ଦେୟ | ୨୬.୩୫ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୮.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ଯୁକୋ ବ୍ୟାଙ୍କ



**जमशेदपुर अधिसूचित क्षेत्र समिति का कार्यालय, जमशेदपुर**
New Kalimati Road, Sakchi-831001, E-mail ID-jnacjsr@gmail.com

पत्रांक–2266 — **–ःशुद्धि पत्रः–** — दिनांक–12.08.2025

जमशेदपुर अधिसूचित क्षेत्र समिति के द्वारा आमंत्रित ई0 निविदा आमंत्रण सूचना सं0–10 / 2025–26 जिसका PR No. 358963 Urban Development (25-26):D में अपरिहार्य तकनीकी कारणों से निम्नवत संशोधित किया जाता है :–

| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) | |
|---|---|---|---|
| क्र0 सं0 | विवरणी | पूर्व में प्रकाशित | संशोधित |
| 2 | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 | Construction cost :- ₹ 3,02,32,094.00 Operation & Maintenance cost :- ₹ 31,17,705.00 Total cost :- ₹ 3,33,49,799.00 |
| 5 (a) | Time of Completion | 1Year | 1 year including one month of trial run. |
| (b) | Defect Liability Period | 1Year | Defect liability period 1 years after satisfactory completion of project. |
| (c) | O&M Period | 1Year | 1 year after satisfactory completion of project. |
| 6 | Date/Time of publication of tender on website | 11.08.2025 at 05:00 Pm | 21.08.2025 at 05:00 Pm |
| 7 | Document downloading Start date | 11.08.2025 at 05:00 Pm | 21.08.2025 at 05:00 Pm |
| 8 | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall | 25.08.2025 at 03:00 Pm, JNAC Conference Hall |
| 9 | Bid Submission Start date | 18.08.2025 at 05:00 Pm | 28.08.2025 at 11:00 Am |
| 10 | Bid Submission end date | 25.08.2025 at 05:00 Pm | 08.09.2025 at 05:00 Pm |
| 11 | Bid Opening date | 26.08.2025 (Online) 03:00PM | 09.09.2025 (Online) 03:00PM |

शेष सभी नियम एवं शर्तें यथावत रहेगी।

उप नगर आयुक्त, जमशेदपुर अधिसूचित क्षेत्र समिति, जमशेदपुर

PR 359493 Urban Development(25-26)#D



**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**KHARUNG WATER RESOURCES DIVISION BILASPUR, DISTT.-BILASPUR(C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
(FIRST CALL)

**NIT No.: 05,06,07/SAC/2025-26** **Dated:12.08.2025**

Online Tenders are invited for the following works upto 02.09.2025 at 17.30 Hour

01.Name of Work:- RENOVATION/REPAIR OF C.C. LINING STRENGTHENING & RECONSTRUCTION OF STRUCTURE AND CANAL BANKS OF POUNSARA DISTRIBUTARY, BAIMA MINOR AND BAIMA SUB MINOR OF RBC KHARUNG TANK SCHEME.
**Tender System No.173531, Probable Amount of Contract: Rs.283.49 Lakhs**

**02. Name of Work:** REPAIR/RENOVATION OF C.C.LINING IN BETWEEN RD 41130 M. TO 46160 M, RECONSTRUCTION OF FOOT BRIDGE AT RD 42030 M, CROSS DRAINAGE AT RD 67320 M. AND 05 NOS. OF FALL OF LBC MAIN CANAL OF KHARUNG TANK SCHEME.
**Tender System No.173539, Probable Amount of Contract:- Rs.256.64 Lakhs**

**03. Name of Work:** REPAIR & MAINTENANCE OF C.C. LINING OF KHAIRKHUNDI MINOR IN BETWEEN RD 0 M. TO RD 720 M, SARWANDEORI MINOR IN BETWEEN RD 0 M. TO RD 1300 M, LAKHRAM MINOR IN BETWEEN RD 0 M. TO RD 1780 M, LAKHRAM SUB MINOR IN BETWEEN RD 0 M. TO RD 1240 M, SINGHRI SUB MINOR IN BETWEEN RD 0 M. TO RD 440 M, PARSADA DISTRIBUTARY IN BETWEEN RD 0 M. TO RD 5710 M & MINOR CANALS OF RBC OF KHARUNG TANK SCHEME.
**Tender System No.173541, Probable Amount of Contract:- Rs.214.37 Lakhs (Probable Amount of Contract based on SOR 01.05.2025)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 19.08.2025, at 17.31 Hours. (IST) onwards.**

**NOTE:** 1- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

G- 252602796/10 — **Sd./- EXECUTIVE ENGINEER, KHARUNG W.R. DIVISION, BILASPUR (C.G.)**



**पीएम श्री जवाहर नवोदय विद्यालय, बोद्ध**
(नवोदय विद्यालय समिति की एक इकाई)
शिक्षा मंत्रालय, स्कूली शिक्षा एंव साक्षरता विभाग, भारत सरकार
गांव : पालझार, पोस्ट ऑफिस : सालकी, जिला : बोद्ध, राज्य : ओडिशा, पिन कोड : ७६२०२६

**PM SHRI JAWAHAR NAVODAYA VIDYALAYA, BOUDH**
(A unit of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Village : Paljhar, PO : Salki, Distt : Boudh, State : Odisha, Pin : 762026
Email : jnvboudh@gmail.com School Code : 19060 CBSE Affl. No. 1540023 UDISE No : 21220107102
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO. - 21BBNJ00254CIDE

F. No. - 5-5/2025/PM SHRI/JNVBDH/1238 — Date : 13.08.2025

**NOTIFICATION FOR WALK-IN-INTERVIEW**

A walk-in-interview will be conducted on 22nd August - 2025 at 10.00 AM at PM SHRI School, Jawahar Navodaya Vidyalaya, Paljhar, Dist. - Boudh (Odisha) for the following temporary engagement of Teacher/Experts for 2025-26 under PM SHRI Project for short-term duration.

| Sl. No. | Position | No. of Posts | Essential Qualification | Monthly Remuneration | Duty Modalities |
|---|---|---|---|---|---|
| 01. | Yoga Trainer | 01 | Graduate with 1 year Post Graduate Diploma in Yoga OR Post Graduate with Diploma/Certificate in Yoga OR Bachelor's Degree in Yoga | **Rs.1,042/-** per session (Maximum **Rs.12,500/-** per months for 8 months. | 03 Session in a week for 08 months. |
| 02. | Sports Coach | 01 | B.P. Ed, M.P. Ed, specialization in Judo/ Taekwondo/Wrestling/ Kabaddi/Basketball/ Athletics/Kho-Kho/ Volleyball | **Rs.1,250/-** per session (Maximum **Rs.20,000/-** per months for 5 months. | 04 Session in a week for 05 months. |
| 03. | Dance Expert | 01 | Certificate/Diploma in any of the Indian Classical/Folk Dance forms. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 04. | Music Expert | 01 | Skilled in instruments like Keyboard/Congo/Flute/ Harmonium/Tablas/Dholak. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 05. | Self Defence Trainer (Female) | 01 | A female graduate with an experience of coaching self-defense, Priority will be given on the basis of experience. | **Rs.1,042/-** per session (Maximum **Rs.12,500/-** per months for 8 months. | Training program should be conducted 03 Session in a week for 08 months. |

1. The maximum age limit is 50 Years.
2. The engagement is purely on temporary basis. Not TA/DA is payable for attending the walk in-interview. Willing candidates are requested to attend the interview with biodata & original testimonials with one set of self-attested copy & 01 passport size photograph, interested candidates are requested to attend the interview on 22nd August 2025 at 10.00 AM.
3. For further inquiries kindly contact the school office / Principal between 09.00 AM to 01.00 PM (Contact Number-9621270889)

**Sd./- PRINCIPAL, PM SHRI JNV, Paljhar, Boudh (O)**



**FORM NO. 14**
**[See Regulation 33(2)]**
by Publication.

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
**C/71, Sector-7, CDA, Cuttack-753014, Odisha**
**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/97/2021** **Dt.29.07.2025**

**ODISHA GRAMEEN BANK**
**Versus**
**PRASANNA KUMAR MAJHI & OTHERS**

To,
**CD1(a) Dutia Majhi,** W/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(b) Sameer Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(c) Madhab Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(d) Nilamani Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(e) Netrananda Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(f) Geeta Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(g) Puja Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(h) Liza Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(i) Padmini Majhi,** D/o- Late Prasanna Kumar Majhi, At/PO: Kusanpuri, Via: Barpali, Dist.: Baragarh, PIN: 768029.
**CD 2 Alekh Majhi,** S/o- Upendra Majhi, At: Ichhapur, PO: Kandapala, Baragarh, Odisha-768045.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/418/2016** an amount of **Rs.12,62,542.00 (Rupees Twelve Lakhs Sixty Two Thousands Five Hundred Forty Two Only)** along with pendentellite and future interest @ 10% Simple Interest Yearly w.e.f. **21.03.2016** till realization and costs of **Rs.15,000/- (Rupees Fifteen Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03.10.2025** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **29.07.2025.**

**Sd/- Saroj Kumar Biswal, Recovery Officer, DEBTS RECOVERY TRIBUNAL, CUTTACK**

## ଆନ୍ଧ୍ର ଚୋର ଗ୍ୟାଙ୍ଗକୁ ଧରିଲା ଜରଡା ପୋଲିସ

ପାତ୍ରପୁର,(ଉମା ଚରଣ ନେପାକ): ଜରଡା, କେ ନୁଆଗାଁ ଓ ଗୋଳନ୍ଥରା ଥାନା ଅଞ୍ଚଳରେ ବହୁ ଦିନ ଧରି ବିଭିନ୍ନ ସ୍ଥାନରେ ଚୋରି ଡକାୟତି କରୁଥିବା ଆନ୍ଧ୍ରର ଏକ ଡ଼କାୟତି ଗ୍ୟାଙ୍ଗକୁ ଜରଡା ପୋଲିସ ଧରିଛି। ଆନ୍ଧ୍ର ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଅଞ୍ଚଳର ୫ଜଣ ଓ ବି. ନୁଆଗାଁ ପଞ୍ଚାୟତ ସବରଦାଇପେଟା ଗାଁର ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଚୁନା ସାସମଲ କହିଛନ୍ତି। ଏହି ଚୋର ଦଳ ଗତ କିଛିଦିନ ଉପରୋକ୍ତ ଅଞ୍ଚଳରେ ଚୋରି ଡକାୟତି କରିବା ସହ ମହିଳାଙ୍କ ବେକରୁ ଚେନ ଲୁଟ କରୁଥିଲେ। ସୋମବାର ରାତିରେ ବାଦପୁର ଅଞ୍ଚଳରେ ଚୋରି କରିବାକୁ ବୁଲୁଥିବା ବେଳେ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ।

# ବିଶେଷଜ୍ଞ ଡାକ୍ତର ନ ଥିବାରୁ ବଢୁଛି ଜନ ଅସନ୍ତୋଷ

## ସବୁ ବିଶେଷଜ୍ଞ ଡାକ୍ତରଙ୍କୁ ଏଠାରୁ ବଦଳି କରି ଆଉ ନିଯୁକ୍ତି ଦେଉନାହାନ୍ତି ସରକାର

ଜି.ଉଦୟଗିରି, ୧୩।୮ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ସହରରେ ଥିବା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ମଧ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ପୂର୍ବରୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ପଦବୀ ରହିଥିଲା। ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଲୋକେ ସବୁ ସୁବିଧା ପାଇ ପାରୁଥିଲେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୁରୁତ୍ୱ ସରକାର ଅନୁଭବ କରି ଏହି ହସ୍ପିଟାଲକୁ ରେଫେରାଲ ୟୁନିଟ ଘୋଷଣା କରିବା ସହ ଏଠାରେ ଏକ ନିଶ୍ଚେତକ ବିଭାଗ ପଦବୀ ସୃଷ୍ଟି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହସ୍ପିଟାଲରୁ



ଜି.ଉଦୟଗିରି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ରେଫେରାଲ ୟୁନିଟ ସହ ନିଶ୍ଚେତକ ବିଭାଗ ପଦବୀ ଉଠାଇ ଦେଇଥିଲେ। ଫଳରେ ଏଠାକାର ରୋଗୀମାନେ ଆଉ ଉଚ୍ଚମାନର ଚିକିତ୍ସା ସୁବିଧା ପାଇପାରିଲେ ନାହିଁ। ପରେ ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞଙ୍କୁ ରିଲିଭର ନ ଥାଇ ଅନ୍ୟତ୍ର ବଦଳି କରିଦେଲେ। ଯାହାଦ୍ୱାରା ଦୀର୍ଘ ବର୍ଷ ହେବ ଏହି ପଦବୀଗୁଡିକ ଖାଲି ପଡ଼ିଛି। ଅଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ପଦବୀ ପୂରଣ ପାଇଁ ଅନେକ ଥର ଜି.ଉଦୟଗିରି ବନ୍ଦ ଡାକରା ଦେଇ ଆନ୍ଦୋଳନ କରାଯାଇଥିଲା। ବହୁ ବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଧାୟକ, ଏମ୍‌ପି, ସ୍ୱାସ୍ଥ୍ୟ ମନ୍ତ୍ରୀ, ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ରୂପେ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗର୍ଭବତୀ ମହିଳାଙ୍କ ଚିକିତ୍ସା ଓ ପ୍ରସବ ପାଇଁ ଆବଶ୍ୟକ ଭିତ୍ତିଭୂମି ଏଠାରେ ଥିବା ସତ୍ତ୍ୱେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନ ଥିବା ହେତୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଜି.ଉଦୟଗିରି ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଓ ଅନେକ ରକ୍ତ ଶିକୁଳି ରୋଗୀ ଥିଲେ ମଧ ଭେଷଜ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଜି.ଉଦୟଗିରି ଡାକ୍ତରଖାନାରେ ତୁରନ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସାଇନ୍‌ବୋର୍ଡରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର, ୧୩।୮ (ସୀମାଞ୍ଚଳ ମିଶ୍ର) ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ତାରାତାରିଣୀ ମୁଖ୍ୟରାସ୍ତାର ଭାଟକୁମରଡ଼ା ବାଇଧର ମନ୍ଦିର ନିକଟରେ ରାସ୍ତାପାର୍ଶ୍ୱରେ ଥିବା ସାଇନବୋର୍ଡରେ ପିଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଶାଶନ ଆମ୍ବଗାଁର କାହ୍ନୁ ପରିଡ଼ା। ଖବରପାଇ ପୁରୁଷୋତ୍ତମପୁର ଥାନା ଏସ୍‌ଆଇ ଆଦିତ୍ୟ ନାରାୟଣ ପାତ୍ର ଘଟଣାସ୍ଥଳରେ ପହଞ୍ଚି କାହ୍ନୁଙ୍କୁ ଉଦ୍ଧାରକରି ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ନଂ. ୬୩୪/୨୫ରେ ମାମଲା ରୁଜୁହୋଇଛି। ମଙ୍ଗଳବାର ରାତିରେ କାହ୍ନୁ ବାଇକ୍‌ରେ ଯାଉଥିବାବେଳେ ଭାରସାମ୍ୟ ହରାଇ ସାଇନବୋର୍ଡକୁ ଧକ୍କାଦେଇ ରାସ୍ତାପାର୍ଶ୍ୱ କେନାଲ ମଧ୍ୟରେ ପଡିରହିଥିଲେ। ସକାଳୁ ଲୋକେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ସହ ବାଇକ୍‌କୁ ଜବତ କରିଥିଲା।

### ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଗଞ୍ଜାମ, ୧୩।୮ (ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ତାରିଣୀପଲ୍ଲି ଗ୍ରାମରେ ବାବା ମୁକ୍ତେଶ୍ୱର ଦିବାରାତ୍ରି ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ତାରିଣୀପଲ୍ଲୀ ଗ୍ରାମ ସଭାପତି ଚୈତନ୍ୟ ରେଣ୍ଡୀ ସମାଜିକକର୍ମୀ ନିରାକାର ମହାରଣା, ରମେଶ ଚନ୍ଦ୍ର ଗୌଡ, ରବୀନ୍ଦ୍ର ସାହୁ ଓ ଶିକ୍ଷାବିତ୍ ରବୀନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବୋଇରାଣୀ ଦଳକୁ ପରାସ୍ତ କରି ପୁରୁଷୋତ୍ତମପୁର ଦଳ ବିଜୟୀ ହୋଇଥିଲା। ବିଜେତା ଦଳକୁ ୮୮୮୮ ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୫୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

### ୧୦ କେଜି ଗଞ୍ଜେଇ ଜବତ

ମୋହନା, ୧୩।୮ (ମନ୍ମଥ ମିଶ)– ଅଡ଼ବା ଥାନା ପୋଲିସ ଚୋରାଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୧୦ କିଲୋ ୨୦୦ ଗ୍ରାମ। ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ଅଡ଼ବା ଥାନା ଏସ୍‌ଆଇ ପଙ୍କଜ ଦାସ ଓ କର୍ମଚାରୀ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। କିଛି ଦୂରରୁ ଦ୍ରୁତ ଗତିରେ ଏକ ବାଇକ୍ (ନଂ. ଓଆର୦୭ୟୁ-୦୭୯୦) ଆସୁଥିବା ଦେଖି ଅଟକିବାକୁ ପୋଲିସ ଚାଳକଙ୍କୁ ଇସାରା ଦେଇଥିଲା। ମାତ୍ରଚାଳକ ବାଇକ୍ ନ ରଖି ଚାଲି ଯାଇଥିଲେ। କିଛି ଦୂର ଯାଇ ସେ ବାଇକ୍ ରଖି ଫେରାର ହୋଇ ଯାଇଥିଲେ। ପୋଲିସ ବାଇକ୍ ପାଖରେ ପହଞ୍ଚି ଯାଞ୍ଚକରି ଗଞ୍ଜେଇ ଜବତ କରିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

### ଫାଇଲେରିଆ ଔଷଧ ସେବନ

ଆସିକା, ୧୩।୮ (ସୁରେନ୍ଦ୍ର ନାଥ ସାହୁ) ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ବୁଧବାର ଫାଇଲେରିଆ ନିରାକରଣ ଅଭିଯାନରେ ଛାତ୍ରୀଛାତ୍ରଙ୍କୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମହାବିଦ୍ୟାଳୟରେ ଅଧକ୍ଷ ଡ. ସନ୍ତୋଷ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭୬ଜଣ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ କର୍ମଚାରୀ ଏହି ଔଷଧ ସେବନ କରିଥିଲେ। କାର୍ଯ୍ୟକ୍ରମକୁ ଚିତ୍ରସେନ ବେହେରା ଓ ରାଜେଶ ସାହୁ ପରିଚାଳନା କରିଥିଲେ। ସେହିଭଳି ମହିଳା ମହାବିଦ୍ୟାଳୟରେ ଅଧକ୍ଷ ଡ. ସରୋଜ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଏହି ବଟିକା ସେବନ କରିଥିଲେ।

# ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚଞ୍ଚକତା ଅଭିଯୋଗ

ଦାରିଙ୍ଗବାଡ଼ି, ୧୩।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ସ୍ୱାଧୀନତା ଦିବସ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ସାମୂହିକ ପ୍ୟାରେଡ ସମେତ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ତେବେ ଏହି ପ୍ରତିଯୋଗିତାରେ ଯେଉଁମାନେ ପରିଚାଳନା ଦାୟିତ୍ୱରେ ରହିଛନ୍ତି ସେମାନଙ୍କ ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି ହେଉ କିମ୍ବା ଚଞ୍ଚକତା ଏଥିରେ କୃତି ଛାତ୍ରୀଛାତ୍ର ମାନେ ନିରାଶ ହେଉଛନ୍ତି। ଚୟନରେ ଚଞ୍ଚକତା କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ଚୟନ ବଦଳରେ ଅନ୍ୟଙ୍କୁ କୃତିତ୍ୱ ଘୋଷଣା କରିବା ପାଇଁ ବିଭିନ୍ନ ଚଞ୍ଚକତା ଉପାୟ କରାଯାଉଥିବା ଦାରିଙ୍ଗବାଡିର ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ ପକ୍ଷରୁ ଜାତୀୟ ଦିବସ ପାଳନ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପ୍ରଥମେ କ୍ଲଷ୍ଟରସ୍ତରରେ ଛାତ୍ରୀଛାତ୍ରଙ୍କୁ

### ବିଡ଼ିଓଙ୍କ ତଦନ୍ତ ଆରମ୍ଭ

ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପଡୁଛି। ସେଠି କୃତିତ୍ୱ ଅର୍ଜନ ପରେ ବ୍ଲକସ୍ତରରେ ପୁଣି ପ୍ରତିଯୋଗିତା ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପରିଚାଳନା କରାଯାଉଛି। କିନ୍ତୁ ଯେଉଁମାନେ କ୍ଲଷ୍ଟରସ୍ତରରେ ଅଂଶ ଗ୍ରହଣ କରିନାହାନ୍ତି। ସେଭଳି କିଛି ଛାତ୍ରୀଛାତ୍ରଙ୍କୁ ଜାତୀୟ ଦିବସ ପାଳନ କମିଟିର ପରିଚାଳନା କମିଟି ସିଧା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସୁଯୋଗ ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକାଧିକ ଅଭିଯୋଗ ବିଗତ ବର୍ଷ ଗୁଡିକରେ ମଧ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଥିଲେ ମଧ ପ୍ରକୃତ କୃତି ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚଞ୍ଚକତା ଓ ପରିଚୟ ଚିହ୍ନାମୁହଁକୁ ଏଥିରେ କୃତିତ୍ୱ କରାଯାଇ ସ୍ୱାଧୀନତା ଦିବସରେ ପୁରସ୍କାର ଓ ମାନପତ୍ର ଦିଆଯିବା ବ୍ୟବସ୍ଥାକୁ ବ୍ରିଗେଡ ସ୍କୁଲ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ୨ ଅଙ୍ଗନୱାଡ଼ି କେନ୍ଦ୍ରକୁ ସହାୟିକା ଭରସା

ଖଜୁରିପଡ଼ା, ୧୩।୮ (ବିଦୁର ବେହେରା): କୋମଳ ମତି ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ଓ ସୁଷମ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରିଛନ୍ତି। ଶିଶୁଙ୍କ ଶିକ୍ଷା ସ୍ୱାସ୍ଥ୍ୟର ଯତ୍ନ ଓ ଦାୟିତ୍ୱ ନିର୍ବାହ କରିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ଏବଂ ସହାୟିକା ନିଯୁକ୍ତି ପାଇଛନ୍ତି। କିନ୍ତୁ କର୍ମୀ ନ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ଶିଶୁଙ୍କୁ ଶିକ୍ଷା କିପରି ଦିଆଯାଉଛି ତାହାକୁ ନେଇ ସରପଞ୍ଚ ପ୍ରଶ୍ନ ଉଠାଇଛନ୍ତି। ସହାୟିକା ଭରସାରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି ବୋଲି ଖଜୁରିପଡ଼ା ବ୍ଲକ୍ ଟିଟ୍ରାପଙ୍ଗା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ କହିଛନ୍ତି। ଅଭିଯୋଗ ପ୍ରକାରେ କଲାଡ଼ି (କ) ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ୪ ବର୍ଷ ହେବ ପଦୋନ୍ନତି ହୋଇ ଯିବା ପରେ ସେହି ସ୍ଥାନରେ ଆଉ କର୍ମୀ ନିଯୁକ୍ତି ଦିଆଯାଇନାହିଁ। ଫଳରେ ସହାୟିକା ଅଞ୍ଜଳି କହଁର ଶିଶୁଙ୍କ ଯତ୍ନ ନେବା ପୁଷ୍ଟିକର ଖାଦ୍ୟ ରୋଷେଇ କରି ପରଷିବା




ପାଠ ପଢ଼ାଇବା ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରତିଟି କାର୍ଯ୍ୟ ସମ୍ପାଦନା କରିବା ମୁସ୍କିଲ ହେଉଛି। ସେହି ପରି ଘୋଡ଼ା ପଥର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ମଧ ୪ ବର୍ଷ ହେବ ପଦୋନ୍ନତି ହୋଇ ଯିବା ପରେ ସେହି ଅଙ୍ଗନୱାଡ଼ି କେନ୍ଦ୍ର ମଧ ସହାୟିକା ଭଗବତୀ ବେହେରାଙ୍କ ଭରସାରେ ଚାଲିଛି। ଗୋଟେ ପ୍ରକାର କାମଚଳା ଭାବେ ସିନା ୨ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ହେଲେ ଶିଶୁ ମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଗତି କରୁଥିବା ଅନୁମେୟ ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି କରିବାକୁ ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ ଅନୁରୋଧ କରିଛନ୍ତି। ଏନେଇ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ କ୍ରୀଷ୍ଟା କୁମାରୀ ବେହେରାଙ୍କୁ ପଚାରିବାରୁ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଚାଲୁ ରହିଥିବାରୁ କର୍ମୀ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରି ପାରୁ ନାହିଁ। କର୍ମୀ ନିଯୁକ୍ତି କରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ଆମେ ଚିଠି ଲେଖିଛୁ ସେ ବୋଲି କହିଛନ୍ତି।

## ୨୦ରେ ବ୍ଲକ୍ ଉପାଧକ୍ଷ ନିର୍ବାଚନ

ଜଗନ୍ନାଥ ପ୍ରସାଦ, ୧୩।୮ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧକ୍ଷ ପଦବୀ ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ସମୟ ଧାର୍ଯ୍ୟ କରିଛନ୍ତି। କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଆସନ୍ତା ଅଗଷ୍ଟ ୨୦ରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ୧୧ଟା ମଧ୍ୟରେ ପ୍ରାର୍ଥି ପତ୍ର ଦାଖଲ ଓ ପ୍ରାର୍ଥୀପତ୍ର ଯାଞ୍ଚ ପାଇଁ ପୂର୍ବାହ୍ନ ୧୧. ୩୦ ସମୟ ରହିଛି। ପ୍ରାର୍ଥୀଙ୍କ ଦ୍ୱାରା ପାର୍ଥିତ୍ୱ ଓ ନାମାଙ୍କନ ପତ୍ର ପ୍ରତ୍ୟାହାର ସମୟ ମଧାହ୍ନ ୧୨ଟା ସମୟ ରହିଥିବା ପ୍ରକାତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏ ନେଇ ଫର୍ମ ସଂଖ୍ୟା ୧୬ ଅନୁଯାୟୀ ୧୨ ତାରିଖରେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ଉପନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ବୁଗୁଡ଼ା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ରହିଥିବା ବେଳେ ଏହା ଜଗନ୍ନାଥ ପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ପୂର୍ବ ସୂଚନା ପ୍ରକାରେ ରଞ୍ଜିତ କୁମାର ପାତ୍ର ଜୁନ୍ ୧୬ରେ ଚିଠି ନମ୍ବର ୫୭୮୬ ପ୍ରକାରେ ଇସ୍ତଫା ପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟରେ ହାତାହାତି ପ୍ରଦାନ କରିଥିଲେ। ଏନେଇ ଜିଲାପାଳ ଛତ୍ରପୁରଙ୍କ ଚିଠି ନମ୍ବର ୧୪୬୬ ପ୍ରକାରେ ଉପଜିଲାପାଳ, ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଚିଠି କରିଥିଲେ। ୨ଟା ଯାଏ ଭୋଟ ଗ୍ରହଣ କରାଯିବା ପରେ ଗଣତି ପ୍ରକ୍ରିୟା ସହ ଫଳାଫଳ ଘୋଷଣା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଗଞ୍ଜାମ ଜିଲାପାଳଙ୍କୁ ସୂଚନା ଅବଗତ କରାଯିବା ନେଇ ପ୍ରକ୍ରିୟା ରହିଥିବା ସୂଚନା ମିଳିଛି।

# କିଷାନ କଂଗ୍ରେସର ସାଙ୍ଗଠନିକ ବୈଠକ

ଆସିକା, ୧୩।୮ (ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) କମିଟି ପକ୍ଷରୁ ସୋମବାର ଆସିକା ଖମ୍ବେଶ୍ୱରୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ କିଷାନ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲାଯୁବନେତା ଦେବକାନ୍ତ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କିଷାନ କଂଗ୍ରେସର ସଭାପତି ଅଭୟ ସାହୁ, କଂଗ୍ରେସ ନେତା ସୁନାରାମ ସାବତ, ହରିକୃଷ୍ଣ ରଥ, ଚିତ୍ରସେନ ବେହେରା, ଦୀପକ କୁମାର ଭୂୟାଁ, ବିନାୟକ ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଚାଷୀଙ୍କ ସମସ୍ତ ବଳକା ଧାନ ସରକାର ସିଧା ସଳଖ ଚାଷୀଠାରୁ କିଣିବା, କୃଷକ ବୀମାକୁ ଠିକ ଭାବେ କାର୍ଯ୍ୟକାରୀ କରିବା, ଚାଷ ପରିବାରର ସମସ୍ତ ସଦସ୍ୟଙ୍କୁ ସ୍ଥାୟୀ ବୀମା ଭୁକ୍ତ କରିବା ଓ କୃଷକ ମାନଙ୍କୁ ୫୫ ବର୍ଷ ପରେ ୧୦ ହଜାର ଟଙ୍କା ଲେଖାଏଁ ପେନସନ ଦେବା ଲାଗି ବୈଠକରେ ଦାବି କରାଯାଇଥିଲା। ରାଜ୍ୟ ସରକାର ଏହି ଦାବିକୁ ପୂରଣ ନ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚାଇ ଦିଆଯାଇଥିଲା।

# ସେନାବାହିନୀ ଯବାନଙ୍କୁ ସମ୍ବର୍ଦ୍ଧନା



ଫୁଲବାଣୀ, ୧୩।୮ (ରାକେଶ କୁମାର ରାଉତ) ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଉପଲକ୍ଷେ ବୁଧବାର ସେନାବାହିନୀର ଯବାନ ମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯବାନଙ୍କ ଦେଶ ମାତୃକା ସେବାରେ ଥିବା ଅବଦାନ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସେନା ବାହିନୀର ଯବାନ ଓ ସୁରକ୍ଷା କର୍ମଚାରୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ରକ୍ଷା ବନ୍ଧନ ଦିନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ରାକ୍ଷୀକୁ ଛାତ୍ରୀମାନେ ସେନା ବାହିନୀର ଯବାନ ଓ ସୁରକ୍ଷା କର୍ମଚାରୀମାନଙ୍କୁ ବାନ୍ଧିଥିଲେ। ଭରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ ସେଠୀ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ବିଏସ୍‌ଏଫ୍ ଅଧିକାରୀ ବିଭୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ରିଜର୍ଭ ଇନ୍‌ସପେକ୍ଟର ବୀର ସିଂ ସବର, ଜିଲା କ୍ରୀଡା ଅଧିକାରୀ ସମୀର ନାୟକ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ ପାତ୍ର, ସରଜେଣ୍ଟ ବିବେକାନନ୍ଦ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୁବର୍ଣ୍ଣଗିରି ସରପଞ୍ଚଙ୍କ ପଦ ରଦ୍ଦ କରିବାକୁ ଦାବି

ଫୁଲବାଣୀ, ୧୩।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ୍ ସୁବର୍ଣ୍ଣଗିରି ସରପଞ୍ଚଙ୍କ ନାମରେ ସାଂଘାତିକ ଅଭିଯୋଗ ଆସିଛି। ନିର୍ବାଚନ ନିୟମ ଅନୁସାରେ ତାଙ୍କର ୨ରୁ ଅଧିକ ସନ୍ତାନ ଅଛନ୍ତି। ମୋଟ ସନ୍ତାନ ହେଉଛନ୍ତି ୪ ଜଣ। ଯାହାକୁ ସେ ସତ୍ୟପାଠରେ ଲୁଚାଇ ନିର୍ବାଚନ ଜିତିଛନ୍ତି। ଖାଲି ଏତିକି ନୁହେଁ, ପଞ୍ଚାୟତରେ ସେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରୁ ନାହାନ୍ତି। ପଞ୍ଚାୟତକୁ ଆସୁଥିବା ଟଙ୍କାକୁ ନିଜେ ଆତ୍ମସାତ କରୁଛନ୍ତି। ତେଣୁ ଏହି ଘଟଣାର ତୁରନ୍ତ ତଦନ୍ତ କରି, ତାଙ୍କ ପଦବୀ ରଦ୍ଦ କରିବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସରପଞ୍ଚ ସୋମନାଥ ପ୍ରଧାନ ପାଖାପାଖି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଘର ନିର୍ମାଣ କରିଛନ୍ତି। କିନ୍ତୁ ରାସନ କାର୍ଡ ତାଙ୍କ ପାଖରେ ରହିଛି। ଏହି କାର୍ଡରେ ସ୍ତ୍ରୀ ଏବଂ ୩ଟି ସନ୍ତାନଙ୍କ ନାମ ଉଲ୍ଲେଖ ରହିଛି। ସାନ ପିଲାର ନାମ ଏଥିରେ ନ ଥିଲେ ହେଁ ସେ ଏକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ସରପଞ୍ଚ ପଞ୍ଚାୟତରେ ଗରୀବ ଲୋକଙ୍କ କଥା ଶୁଣୁ ନାହାନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

ବହୁ ବର୍ଷ ହେଲା ଉନ୍ନତିମୂଳକ କାର୍ଯ୍ୟ ହେଉନାହିଁ। ଅର୍ଥ ଆତ୍ମସାତ କରାଯାଉଛି। ତାଙ୍କ ପଦବୀ କାହିଁ ରଦ୍ଦ ହେବନାହିଁ ବୋଲି ପୂର୍ବତନ ସମିତି ସଭ୍ୟ ସଲମନ ବଡମାଝି ପ୍ରକାଶ କରିଛନ୍ତି। ମୁଁ ଗରିବ ଶ୍ରେଣୀର। ମୋର ରାସନ କାର୍ଡ ଅଛି। ହେଲେ ମୋତେ ଆବାସ ଗୃହ ଦେଉ ନାହାନ୍ତି କି ସହଯୋଗ କରୁନାହାନ୍ତି। ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କୁଟିଗୁଡା ଗ୍ରାମର ମିତା ପାଲଟାସିଂ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ଫୋନ ଯୋଗେ ଯୋଗାଯୋଗ କରା ଯାଇଥିଲା। ହେଲେ ଫୋନ ନ ଲାଗିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସାପ କାମୁଡ଼ା ପ୍ରତି ସାବଧାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, ୧୩।୮ (କାଳିଚରଣ ଦାଶ)

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରୋହିତ୍ୟରେ ସାପ କାମୁଡ଼ା ପ୍ରତି ସାବଧାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରତି ସେକ୍ଟରରୁ ୫ ଜଣ ଲେଖାଏ ହିସାବରେ ବୁଗୁଡ଼ା ଅଞ୍ଚଳର ୧୦ଟି ସେକ୍ଟରରୁ ଅଙ୍ଗନୱାଡିକର୍ମୀମାନେ ଯୋଗ ଦେଇଥିଲେ। ସାପ କାମୁଡ଼ା ପ୍ରତି କିପରି ସତର୍କତା ଅବଲମ୍ବନ କରାଯାଇପାରିବ ଏବଂ ସାପ କାମୁଡ଼ାର ଶିକାର ହେଲେ କ'ଣ କରାଯିବା ଉଚିତ ଓ ଅନୁଚିତ ସେନେଇ ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଯାଇଥିଲା।

## ଆଠଗଡ଼ ପାଟଣାରେ ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୧୩।୮ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଆଠଗଡ଼ ପାଟଣାଠାରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ମାଧମରେ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଠଗଡ଼ ପାଟଣାରେ ପିତଳୁଡି ରୋଡ଼ ଠାରୁ କାଳୀମନ୍ଦିର ପର୍ଯ୍ୟନ୍ତ ପେଭର ରୋଡ଼, କାଳୀ ମନ୍ଦିର ପଛପଟେ କଲ୍ୟାଣ ମଣ୍ଡପ ଓ ନାରାୟଣୀ ସାଇନ୍ସ କଲେଜ ଟଏଲେଟ ନିର୍ମାଣ କରାଯିବ। ଭିତ୍ତିପ୍ରସ୍ତର ବେଳେ ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ,ଏଇ ରମେଶ ଲେଙ୍କା, ଜେଇ ସବ୍ୟସାଚୀ ଗନ୍ତାୟତ, ପିଇଓ ରବୀନ୍ଦ୍ର ବିଷୋୟୀ, କଲେଜ ଅଧକ୍ଷ ପ୍ରଣବ ପଣ୍ଡା, ପ୍ରାକ୍ତନ ବ୍ଲକ ଅଧକ୍ଷ ପିତାମ୍ବର ସେଠୀ, ରାମପ୍ରସାଦ ମହାରଣା, ଜିତେନ୍ଦ୍ର ତରାଇ, ଅଶୋକ କୁମାର ଜେନା, ହରି ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ର ବିଜେଡି ପକ୍ଷରୁ ଶୋଭାଯାତ୍ରା, ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଶୋଭାଯାତ୍ରାରେ ସାମିଲ ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ଏବଂ ସଭ୍ୟମାନେ।

ଦିଗପହଣ୍ଡି, ୧୩।୮ (ଅଶେଷ ନାଥ ମିଶ୍ର) ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଯୋଗୁ ଦିନକୁ ଦିନ ନାରୀ ନିର୍ଯ୍ୟାତନା, ଗଣଦୁଷ୍କର୍ମ ପ୍ରତିବାଦରେ ବୁଧବାର ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ବିଜୁଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ଛାତ୍ର ବିଜେଡ଼ି ଗଞ୍ଜାମ ଜିଲା ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଜିଲା ଉପସଭାପତି ଗଣେଶ ରେଡ୍ଡୀ, ରାଜ୍ୟ ସମ୍ପାଦକ ସୁନୀଲ ମହାକୁଡ, ଜିଲା ସାଧାରଣ ସମ୍ପାଦକ ପିଙ୍କୁ ଘଡେଇ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ନୀଳମାଧବ ଗୌଡ, ଛାତ୍ର ବିଜେଡ଼ି ବ୍ଲକ ସଭାପତି ବିପ୍ଳବ ମିଶ୍ର, ନଗର ବିଜେଡ଼ି ସଭାପତି ତାରାପ୍ରସାଦ ପଟ୍ଟନାୟକ, କର୍ମକର୍ତ୍ତା ସୁଶୀଲ ବିଷୋୟୀ, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଶିବଲକ୍ଷ୍ମୀ ପଟ୍ଟନାୟକ, ସୁନୀଲ ବିଷୋୟୀ, ଜଗନ୍ନାଥ ପ୍ରଧାନ, ହରିଶ୍ଚନ୍ଦ୍ର ପାତ୍ର, ସମୀର ସ୍ୱାଇଁ, ନିଗମ ପଣ୍ଡା, କୃଷ୍ଣଚନ୍ଦ୍ର ସେଠୀ, ରାମେଶ୍ୱର ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ର ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ରାଜ୍ୟରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ରହିଥିବା ବେଳେ ସରକାର କିଭଳି ନିରବଦ୍ରଷ୍ଟା ସାଜିଥିବା ଏବଂ ଅପରାଧୀଙ୍କ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ର ବିଜେଡ଼ି ପକ୍ଷରୁ ରାଜ୍ୟ ପୋଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ ଥାନା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ଶତାଧିକ ଛାତ୍ର ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

# ତାମ୍ପରା ହ୍ରଦର ସୌନ୍ଦର୍ଯ୍ୟକରଣ ବୃଦ୍ଧି ହେବ

**ଛତ୍ରପୁର, ୧୩।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):** ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ଏବଂ ପୋତାଗଡ ପର୍ଯ୍ୟଟନ ସ୍ଥଳକୁ ବୁଧବାର ଜିଲାପାଳ ଭି. କୀର୍ତ୍ତିଭାସନ ପରିଦର୍ଶନ କରି ଏହାର ସ୍ଥିତି ସମୀକ୍ଷା କରିଛନ୍ତି। ତାମ୍ପରା ହ୍ରଦ ଦିନକୁ ଦିନ ସଙ୍କୁଚିତ ହେଉଥିବା ବେଳେ କେତେକ ସ୍ଥାନରେ କେନାଲ ଗୁଡିକର ପୁନରୁଦ୍ଧାର କରିବା ପାଇଁ ଚିହ୍ନଟ କରାଯାଇଛି। ସେଥିପାଇଁ ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଏକ ଟିମ ଗଠନ କରାଯାଇଛି। ପ୍ରଥମେ ଟିମ ସେଠାକୁ ଯାଇ କେନାଲଗୁଡିକୁ ଚିହ୍ନଟ କରିବେ। ପରବର୍ତ୍ତୀ ସମୟରେ ସେଗୁଡିକର ପୁନରୁଦ୍ଧାର କରାଯିବ। ଓଡ଼ିଶାର ବୃହତ୍ ମଧୁର ଜଳ ହ୍ରଦ ତାମ୍ପରାର ପ୍ରାକୃତିକ


ଜିଲ୍ଲାପାଳଙ୍କ ସହ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି।

ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବା ପାଇଁ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘଦିନ ଧରି କାଠପୋଲ ଓ ଗ୍ରିଲ ସହ ବିଭିନ୍ନ ସାମଗ୍ରୀ ଭାଙ୍ଗିରୁଜି ପଡ଼ିଥିବା ବେଳେ ସେଗୁଡିକ କିଭଳି ପୁନରୁଦ୍ଧାର କରାଯିବ ଏବଂ ପୁଣି ଟୁରିଜିମ ସେକ୍ଟର ବୃଦ୍ଧି ପାଇବା ସହ ପର୍ଯ୍ୟଟନଙ୍କୁ ଆକୃଷ୍ଟ ସେ ନେଇ ଜିଲାପାଳ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପୋତାଗଡର ମଧ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପୂର୍ବରୁ ଏକ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। କେତେଜଣ ଏକ୍ସପର୍ଟଙ୍କ ମତାମତ ନିଆଯାଇ ତାହାର ଉନ୍ନତି କରିବା ପାଇଁ ମଧ ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ଥିବା ପାରାଭାଡି ଓ ବିଭିନ୍ନ ଐତିହ୍ୟର ମଧ ପୁନରୁଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଗଞ୍ଜାମ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଗଞ୍ଜାମ ଏନ୍‌ଏସି କାର୍ଯ ନିର୍ବାହୀ ଅଧିକାରୀ ଅପୂର୍ଣ୍ଣ ଡ଼ାଙ୍ଗୁଆଙ୍କ ଗଞ୍ଜାମ ଜିଲା ପରିଷଦର ପ୍ରୋଗ୍ରାମ କୋ- ଅର୍ଡିନେଟର ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକ, ଜଳ ସେଚନ, କ୍ଷୁଦ୍ର ଜଳସେଚନ, ଡ୍ରେନେଜ ଏବଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ହତ୍ୟା ମାମଲାରେ ନିର୍ଦ୍ଦୋଷ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)ଗଞ୍ଜାମ ଜିଲା ଦୌରା ଜଜ ବୁଧବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଶେରଗଡ ଥାନା ଅନ୍ତର୍ଗତ ନାରାୟଣପୁରର ସନାତନ ଗୌଡ଼(୨୦)। ପାଟପୁର ଥାନା ସାମନ୍ତରାପୁର ଗ୍ରାମର ନେଲାରୀ ଗୌଡ଼ଙ୍କୁ ୨୦୨୪ ଏପ୍ରିଲ ୧୮ ତାରିଖ ରାତିରେ ତାଙ୍କ ଶାଳକ ସନାତନ କାଠ ଫାଳିଆରେ ପିଟି ହତ୍ୟା କରିଥିବା ମୃତକଙ୍କ ଭାଇ ମିଟୁ ଗୌଡ଼ ଥାନାରେ ଅଭିଯୋଗ କରିଥିଲେ। ସନାତନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।୮ ସାକ୍ଷୀଙ୍କ ବୟାନରୁ ପ୍ରମାଣ ନ ମିଳିବାରୁ ଜଜ୍ ନିର୍ଦ୍ଦେଶ ସାବ୍ୟସ୍ତ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ବଢୁଛନ୍ତି ୟୁଜର୍ସ, ମିଳୁନି ଉଚିତ ସେବା

ବ୍ରହ୍ମପୁର,୧୩।୮(ସ୍ମୃତି ରଞ୍ଜନ ମହାଲିକ)

ଇଣ୍ଟରନେଟ ୟୁଜର୍ସ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷ କରି ଯୁବ ପିଢି ଏହା ଉପରେ ନିର୍ଭରଶୀଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏକ ଘରୋଇ ସଂସ୍ଥା ଜରିଆରେ ସହରରେ ମାଗଣା ୱାଇଫାଇ ସେବା ପ୍ରଦାନ କରାଯାଇଛି। କିନ୍ତୁ ଉଚିତ ସେବା ନ ମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୮ ଅଗଷ୍ଟ ୩୧ ତାରିଖରେ ନିଗମର ୧୫୧ତମ ବର୍ଷ ପୂର୍ତ୍ତି ଅବସରରେ ସହରବାସୀଙ୍କୁ ମାଗଣା ୱାଇଫାଇ ସେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପରେ ଏକ ଘରୋଇ ସଂସ୍ଥାକୁ ୧ କୋଟି ଟଙ୍କା ଟେଣ୍ଡର ପ୍ରଦାନ କରାଯାଇଥିଲା। ପରେ ୱାଇଫାଇ ସେବା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସହରର ବିଭିନ୍ନ ସ୍ଥାନରେ ୨୭ ୱାଇଫାଇ ଆସେଶ ପଏଣ୍ଟ୍ ରଖାଯାଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଟାଉନ ହଲ, ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ରେଷ୍ଟୁରାଣ୍ଟ ଛକ ଓ ଗାନ୍ଧି ପାର୍କ ହୋଇ ବିଏମସି କାର୍ଯ୍ୟାଳୟ ପରିସରରେ ଆସେଶ ପଏଣ୍ଟ ରହିଥିଲା। ତତସହିତ ବିଜୁ ପଟ୍ଟନାୟକ ପାର୍କ ଓ ସ୍ପୋର୍ଟସ ଏରେନାରେ ମଧ୍ୟ ଆସେଶ ପଏଣ୍ଟ୍ ରହିଥିଲା। ପ୍ରତ୍ୟେକ ପଏଣ୍ଟର ୧୦୦ ମିଟର ପରିଧି ମଧ୍ୟରେ ମାଗଣା ୱାଇଫାଇ ଉପଲବ୍ଧ ରହିଲା। ସହରବାସୀ ନିଜ ମୋବାଇଲ ନଂରେ ଓଟିପି ଜରିଆରେ ସାଇନ ଇନ୍ କରିବା ପରେ ସେବା ଉପଭୋଗ କରିପାରିଲେ। ପ୍ରତ୍ୟେକ ଆସେଶ ପଏଣ୍ଟ ଅଧିନରେ ୨ ହଜାର ଲୋକ ଇଣ୍ଟରନେଟ୍ ବ୍ୟବହାର କରିବା ସୁବିଧା ରହିଥିଲା। ୨୦ ଏମବି ସ୍ପିଡ ବିଶିଷ୍ଟ ଇଣ୍ଟରନେଟକୁ ପ୍ରତିଦିନ ୩୦୦ ଏମବି ବ୍ୟବହାର କରିବା ନେଇ ସୁବିଧା ରହିଛି। ଏହାଦ୍ୱାରା ଇ-ଲାଇବ୍ରେରୀରେ ପଢୁଥିବା ଛାତ୍ରୀଛାତ୍ର ମାଗଣା ଇଣ୍ଟରନେଟ ସୁବିଧା ପାଇପାରୁଛନ୍ତି। ଏଥିସହ ବିଇଏମସି ପରିସରରେ ୩୦୦ ଜଣ ଉକ୍ତ ସୁବିଧା ପାଉଛନ୍ତି ବୋଲି ବିଇଏମସି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ୱାଇଫାଇ ସେବା ମନ୍ଥର ଥିବା ଅଭିଯୋଗ ହୋଇଛି। ବିଇଏମସି କାର୍ଯ୍ୟାଳୟ ପରିସରରେ ମଧ୍ୟ ୱାଇଫାଇ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ବହୁ କର୍ମଚାରୀ ଅଭିଯୋଗ କରିଛନ୍ତି। ଫଳରେ ଅନେକ କାର୍ଯ୍ୟରେ ବାଧା ଉପୁଜୁଛି। ସହରରେ ବି ସେହି ଏକା ଅବସ୍ଥା। ପୂର୍ବରୁ ଯେଭଳି ଇଣ୍ଟରନେଟ ଆସୁଥିଲା ସେଭଳି ଆସୁ ନାହିଁ। ସାଇନ ଇନ କରିବା ପରେ ମଧ୍ୟ ସେବା ମିଳୁ ନାହିଁ। ଆସେସ ପଏଣ୍ଟରେ ମଧ୍ୟ ସର୍ଭର ଡାଉନ ରହୁଥିବା ଅଭିଯୋଗ ହୋଇଛି। ଜନଗହଳି ପୂର୍ଣ୍ଣ ପୁରୁଣା ବସ୍‌ଷ୍ଟାଣ୍ଡରେ ଆସେସ ପଏଣ୍ଟକୁ ହଟାଇ ଦିଆଯାଇଛି। ଫଳରେ ପ୍ରତିଦିନ ସହର ସମେତ ବିଭିନ୍ନ ଅଂଚଳରୁ ଆସୁଥିବା ବିଦ୍ୟାର୍ଥୀ ଓ ଯୁବ ପିଢି ଇଣ୍ଟରନେଟ ସୁବିଧାରୁ ବଂଚିତ ହେଉଛନ୍ତି। ବିଇଏମସି ପକ୍ଷରୁ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ୱାଇଫାଇ ସେବାର ରକ୍ଷଣାବେକ୍ଷଣ ପାଇଁ ୫୧ ଲକ୍ଷ ୫୦ ହଜାର ଓ ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ ସମ ପରିମାଣର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ନେଇ ବଜେଟ କରାଯାଇଛି। ଏନେଇ ବିଇଏମସି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଯୋଜନାବଦ୍ଧ କାମ ହେଉନଥିବାରୁ ସେବା ମିଳୁନାହିଁ। ଦିନକୁ ଦିନ ଇଣ୍ଟରନେଟ ବ୍ୟବହାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ତଦନୁଯାୟୀ ଇଣ୍ଟରନେଟ ସେବା ମଧ୍ୟ ଉନ୍ନତ ମାନର ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏ ନେଇ ୱାଇଫାଇ ସେବା ଦାୟିତ୍ୱରେ ଥିବା ବିଇଏମସିର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବପେକ୍ଷା ଇଣ୍ଟରନେଟ ବ୍ୟବହାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବ୍ୟବହାରୀଙ୍କ ଅନୁସାରେ ଇଣ୍ଟରନେଟ ପ୍ରଦାନ ପାଇଁ ଅଧିକ ବଜେଟର ଆବଶ୍ୟକତା ରହିଛି। ବିଇଏମସି ନିକଟରେ ଏଥିପାଇଁ ଅଧିକ ଅନୁଦାନ ନାହିଁ ବୋଲି ସେ କହିଛନ୍ତି।



ବିଇଏମସି ପରିସରସ୍ଥ ୱାଇଫାଇ ଆସେସ ପଏଣ୍ଟ।

## ସଂକ୍ଷେପରେ

### ରୋଗୀଙ୍କ ଅଳଙ୍କାର ଚୋରି

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ରୋଗୀଙ୍କ ବେକରୁ ସୁନା ଅଳଙ୍କାର ଚୋରି ହୋଇଛି । ରୋଗୀଙ୍କ କେୟାର ଟେକର ଉପରେ ସନ୍ଦେହ କରି ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଖୋଡାସିଂ ଭରତ ବିହାରରେ ରହୁଥିବା ଡ. ରାକେଶ କୁମାର ଲୁଦାନଙ୍କ ମା' ଅସୁସ୍ଥ ଥିବାରୁ ତାଙ୍କୁ ସହରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ସେବା କରିବାକୁ ଜଣେ କେୟାର ଟେକର ନିୟୋଜିତ ଥିଲେ । ହେଲେ ଚିକିତ୍ସା ଚାଲୁଥିବା ବେଳେ ରାକେଶଙ୍କ ମାଆଙ୍କ ବେକରେ ଥିବା ସୁନା ଚେନଟି ନଥିବା ଦେଖିଥିଲେ। ଖୋଜାଖୋଜି ପରେ ନମିଳିବାରୁ ରାକେଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ୨ ୱାରେଣ୍ଟି ଗିରଫ

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ପକ୍ଷରୁ ୱାରେଣ୍ଟ ଧରପଗଡ଼ ଅଭିଯାନ ବଳରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗାନ୍ଧୀନଗର ୫ମ ଲାଇନର ବିବେକ ପାଣିଗ୍ରାହୀ ଓରଫ ବାବୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ବାବୁ ପୂର୍ବରୁ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ । ପରବର୍ତ୍ତୀ ସମୟରେ ଜାମିନରେ ମୁକୁଳିଥିଲେ ମଧ୍ୟ ଅଦାଲତରେ ବିଚାରଣ ବେଳେ ହାଜର ହୋଇନଥିଲେ । ଜାମିନ ବିହୀନ ଗିରଫ ପରୱାନା ବଳରେ ତାଙ୍କୁ ଗିରଫ କରାଯାଇଛି। ସେହିପରି ବଡବଜାର ଥାନା ପୋଲିସ ସାଗର ଦାସଙ୍କୁ ଗିରଫ କରିଛି । ୨୦୧୮ରେ ଏକ ହତ୍ୟା ଉଦ୍ୟମ ମାମଲାରେ ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ବିଚାରଣା ବେଳେ ସେ କୋର୍ଟକୁ ସହଯୋଗ କରିନଥିଲେ। ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା।

### ଦୋକାନରୁ ସାମଗ୍ରୀ ବିକି ୪ଲକ୍ଷ ହଡ଼ପ

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗାନ୍ଧିନଗର ମୁଖ୍ୟରାସ୍ତାରେ ଥିବା ଏକ ଜୋତା ଦୋକାନର ସାମଗ୍ରୀ ବିକି ୪ ଲକ୍ଷ ଟଙ୍କା ହଡପ ହୋଇଛି। ଦୋକାନ ମାଲିକ ଶେଖ ରଫିକ ଏନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଦୋକାନର ଜଣେ କର୍ମଚାରୀ ଏଭଳି କରିଥିବା ସେ କହିଛନ୍ତି। ପୋଲିସ ନଂ. ୩୭୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଉକ୍ତ ମାଲିକଙ୍କ ଏକ ହୋଲସେଲ ଜୋତା ଦୋକାନ ରହିଛି। କିଛି ମାସ ପୂର୍ବେ ମାଲିକ ସେଠାରେ ଥିବା ବିଭିନ୍ନ ପ୍ରକାର ଜୋତାର ଷ୍ଟକ ସହ କିଣା ବିକାର ହିସାବ ଯାଞ୍ଚ କରିଥିଲେ। ସେତେବେଳେ ୪ଲକ୍ଷ ଟଙ୍କାର ହିସାବ ମିଳିନଥିଲା। କାମ କରୁଥିବା କର୍ମଚାରୀଙ୍କୁ ଏନେଇ ପଚାରିବାରୁ ପ୍ରଥମେ ସେ କିଛି ଜାଣିନଥିବା କହିଥିଲେ। ପରେ ସେ ପୋଲିସ ଥାନାରେ ଉକ୍ତ ଷ୍ଟକ ବଜାରରେ ବିକ୍ରି କରି ଆଣିଥିବା ୪ଲକ୍ଷ ଟଙ୍କା ହଡପ କରିଥିବା ରାଜି ହୋଇଥିଲେ। ଏନେଇ ଉକ୍ତ କର୍ମଚାରୀ ଓ ତାଙ୍କ ସ୍ତ୍ରୀ ସେ ସମସ୍ତ ଟଙ୍କା ଫେରାଇଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ନଫେରାଇ ଧମକଚମକ ଦେଇଥିଲେ। ଏଣୁ ମାଲିକ ଥାନାରେ ଅଭିଯୋଗ କରିଛନ୍ତି।

# ବର୍ଦ୍ଧିତ ଘର ଟିକସ ଆଦାୟ ବନ୍ଦ ଦାବି


ଆଇନଜୀବୀଙ୍କ ପକ୍ଷରୁ ଦାବି ପତ୍ର ପ୍ରଦାନ।

ବ୍ରହ୍ମପୁର,୧୩।୮(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ବର୍ଦ୍ଧିତ ଘର ଟିକସ ଆଦାୟ ବନ୍ଦ ପାଇଁ ବୁଧବାର ବହୁ ଆଇନଜୀବୀ କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ, ବ୍ରହ୍ମପୁର ପୌର ସଂସ୍ଥା ୨୦୦୮ରେ ପୌର ପରିଷଦ ଘୋଷିତ ହେଲା। ଏହାପରେ ଓଡିଶା ପୌର ପରିଷଦ ଆଇନ ୨୦୦୩ ଲାଗୁ ହୋଇଛି। ଓଡିଶା ପୌର ସଂସ୍ଥା ୧୯୫୦ ଅଚଳ ହୋଇଯାଇଛି। କିନ୍ତୁ ଆଜି ଯାଏଁ ବିଇଏମସି ପୁରୁଣା ଅଚଳ ଆଇନ ଅନୁଯାୟୀ ଘର ଟିକସ ଧାର୍ଯ୍ୟକୁ ବେଆଇନ ଭାବେ ଆଦାୟ କରୁଛନ୍ତି ବୋଲି ଆଇନଜୀବୀ ଅଭିଯୋଗ କରିଛନ୍ତି। ବିଇଏମସି ବର୍ଦ୍ଧିତ ଘର ଟିକସକୁ ପୌର ପରିଷଦ ଆଇନ ୨୦୦୩ ପ୍ରକାରେ ନିବୃତ୍ତ ରହିବା ପାଇଁ ଆଇନଜୀବୀ ଦାବି କରିଛନ୍ତି। ଏ ନେଇ ଆଇନଜୀବୀ ପୀତବାସ ପଣ୍ଡା ଏକ ରିଟ ପିଟିସନ ହାଇକୋର୍ଟରେ ଦାଖଲ କରିଛନ୍ତି। ହାଇକୋର୍ଟ ବର୍ଦ୍ଧିତ ଘର ଟିକସ ଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ବର୍ଦ୍ଧିତ ଘର ଟିକସ ଆଦାୟ ନ କରି ପୁରୁଣା ଦରରେ ଟିକସ ଆଦାୟ କରାଯିବା ପାଇଁ ଆଇନଜୀବୀ ଦାବି କରିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପଣ୍ଡାଙ୍କ ସମେତ ରଘୁନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ପଟ୍ଟନାୟକ, ଅଶୋକ ଶୁକ୍ଳ, ଚିନ୍ମୟ ହୋତା, ଚନ୍ଦ୍ରଶେଖର ଗୌଡ, ସୁପ୍ରଭା କୁମାରୀ ଦାଶ, ସୁନନ୍ଦା ସେଠୀ ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ସାମୁଦ୍ରିକ ଜୈବ ବିବିଧତା ଗବେଷଣା କ୍ଷେତ୍ର ପ୍ରଶସ୍ତ ହେବ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଚୁକ୍ତି ସ୍ୱାକ୍ଷର

ବ୍ରହ୍ମପୁର, ୧୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଆଇଆଇଟି ଭୁବନେଶ୍ୱର, ବ୍ରିକସ ଆଇଏଲଏସ ଭୁବନେଶ୍ୱର, ଫକୀର ମହୋନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଏନଆଇଟି ରାଉରକେଲା, ଆଇଜର ବ୍ରହ୍ମପୁର ଉପରେ ଏହାର ଦାୟିତ୍ୱ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ୫ ବର୍ଷ ପାଇଁ ଚୁକ୍ତି ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଏବଂ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ; ଆଇନ ବିଭାଗର ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ଉପସ୍ଥିତ ଥିଲେ। ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଏଥିପାଇଁ ୯.୯ କୋଟି ଟଙ୍କା ମଞ୍ଜୁର କରିଛି। ଏହା ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ, ସାଇନୋବ୍ୟାକ୍ଟେରିଆ, ଶୈବାଳ, ସାମୁଦ୍ରିକ ଶୈବାଳ ଏବଂ ପ୍ରାଣୀ ଜୈବ ବିବିଧତା ଏବଂ ସେମାନଙ୍କର ଜୈବପ୍ରଯୁକ୍ତି ପ୍ରୟୋଗ ଉପରେ ଏକ ଉନ୍ନତ ଗବେଷଣା ହୋଇପାରିବ। ଏନେଇ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ଏହାର ନାମ ଓଡ଼ିଶା ସାମୁଦ୍ରିକ ସାଇନୋବ୍ୟାକ୍ଟେରିଆ, ଶୈବାଳ ଏବଂ ପ୍ରାଣୀ ଗବେଷଣା କେନ୍ଦ୍ର (ଓଏମସିଏଏଆରସି) ରଖାଯାଇଛି। କୁଳପତି ପ୍ରଫେସର ଦାଶ କହିଛନ୍ତି ଯେ, ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ମେରାଇନ ବାୟୋ ଟେକନୋଲୋଜି କ୍ଷେତ୍ରରେ ଗବେଷଣା ପ୍ରଶସ୍ତ ହେବ। ଉଦ୍ଭିଦ ବିଜ୍ଞାନ,ସାମୁଦ୍ରିକ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର, ଗବେଷକ ଉନ୍ନତ ଗବେଷଣାର ଦକ୍ଷତା ହାସଲ କରିପାରିବେ। ନିଯୁକ୍ତି,ସ୍ଥାୟୀ ଜୀବିକା,ଶିଳ୍ପ ପ୍ରତିଷ୍ଠା ଆଦିରେ ସହାୟକ ହୋଇପାରିବେ ବୋଲି ସେ କହିଛନ୍ତି।



## ଭାରତର ପ୍ରମୁଖ ପ୍ରତିଷ୍ଠାନକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୩।୮(ସ୍ମୃତି ରଞ୍ଜନ ମହାଲିକ)

ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧିନରେ ଥିବା ସୁନାବେଡା ସ୍ଥିତ ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ ଓ ଆଣବିକ ଶକ୍ତି ବିଭାଗ ଅଧିନରେ ଥିବା ଛତ୍ରପୁର ସ୍ଥିତ ଇଣ୍ଡିଆ ରେୟାର ଆର୍ଥସ ଲିମିଟେଡ ପ୍ରତିଷ୍ଠାନକୁ ଟିପିଏସଓଡିଏଲ ନିରବିଚ୍ଛିନ୍ନ ଏବଂ ଗୁଣାତ୍ମକ ବିଜୁଳି ଯୋଗାଣ ହେଉଛି। ସେହିପରି ଛତ୍ରପୁର ସ୍ଥିତ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ଆଇଆରଏଲକୁ ଛତ୍ରପୁର ଗ୍ରୀଡ ଷ୍ଟେସନରୁ ସ୍ୱତନ୍ତ୍ର ୧୩୨ କେଭି ଲାଇନ ଯୋଗେ ନିରବିଚ୍ଛିନ୍ନ ବିଜୁଳି ଯୋଗାଣ ହେଉଛି। ଟିପିଏସଓଡିଏଲ ନିଜର ଅତ୍ୟାଧୁନିକ ବିଦ୍ୟୁତ ପରିଚାଳନା ବ୍ୟବସ୍ଥା ଦ୍ୱାରା ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ କରାଇପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଗୋପାଳପୁର କଲେଜ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ର ରାଲି କରୁଛନ୍ତି।

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜ ପକ୍ଷରୁ ବୁଧବାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କଲେଜର ବହୁ ଛାତ୍ରୀଛାତ୍ର ୧୦୦ମିଟରର ଜାତୀୟ ପତାକା ଧରି ପଦଯାତ୍ରା କରି ସ୍ୱାଧୀନତାର ମୂଲ୍ୟବୋଧ ସଂକ୍ରାନ୍ତରେ ଲୋକଙ୍କୁ ବୁଝାଇ ତ୍ରିରଙ୍ଗା ବାଣ୍ଟିଥିଲେ। ରାଷ୍ଟ୍ର ନିର୍ମାଣରେ ସମସ୍ତ ନାଗରିକଙ୍କ ଅଂଶୀଦାର ରହିବା ତଥା ଜାତୀୟ ପତାକାକୁ ସମ୍ମାନ ଦେବାକୁ କହିଥିଲେ। ଗୋପାଳପୁର ଥାନା ସମ୍ମୁଖରେ ଛାତ୍ରୀଙ୍କୁ ନେଇ ଏକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଡ଼ ରାମ ପ୍ରସାଦ ପଣ୍ଡାଙ୍କ ସମେତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। କଲେଜର ଏନଏସଏସ ସ୍ୱେଚ୍ଛାସେବୀ ଗୋପାଳପୁର ଥାନା ପରିସରରେ ଚାରା ରୋପଣ କରିଥିଲେ। ସେହି ସମୟରେ ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୫ ଘଣ୍ଟାରୁ ଉର୍ଦ୍ଧ୍ୱ ୭ ଗ୍ରାମର ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

ହିଞ୍ଜିଳିକାଟୁ, ୧୩।୮(ଦ୍ୱିତୀକୃଷ୍ଣ ପଣ୍ଡା)

ବକେୟା ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ଯାଇ ବିଦ୍ୟୁତ୍ କାଟି ହଟହଟା ହୋଇଛନ୍ତି ବିଭାଗୀୟ ଅଧିକାରୀ ଓ କର୍ମଚାରୀ। ଏଥିଯୋଗୁ ସିଙ୍କିରି ସମେତ ନିକଟବର୍ତ୍ତୀ ୭ଟି ଗ୍ରାମର ଉପଭୋକ୍ତା ବୁଧବାର ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ହିଞ୍ଜିଳିକାଟୁ ବ୍ଲକ ସିଙ୍କିରି ଗ୍ରାମର ରସିକ ବିହାରୀ ମନ୍ଦିରର ବିଦ୍ୟୁତ୍ ବିଲ ବାବଦକୁ ଲକ୍ଷାଧିକ ଟଙ୍କା ବକେୟା ରହିଛି। ବୁଧବାର ସକାଳେ ହିଞ୍ଜିଳିକାଟୁ ଟିପିଏସ୍‌ଓଡିଏଲର କର୍ମଚାରୀ ମନ୍ଦିରରେ ପହଞ୍ଚି ମନ୍ଦିରରୁ ବିଦ୍ୟୁତ୍ କାଟି ଦେଇଥିଲେ। ଏହାକୁ ମନ୍ଦିର ପରିଚାଳନା କମିଟି ବିରୋଧ କରିବା ସହ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ଏଥିରେ କର୍ମଚାରୀମାନେ ରାଜି ହୋଇ ନ ଥିଲେ। ଅନ୍ୟପକ୍ଷରେ ସଂପୃକ୍ତ ମନ୍ଦିର ପରିସରରେ ୫ଟି ବିଦ୍ୟୁତ୍ ଖୁଣ୍ଟ ଓ ଜାମ୍ଫର ସକାଶେ ୨ଟି ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ମନ୍ଦିର ପରିସରରେ ୭ଟି ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଅନ୍ୟ କୌଣସି ବ୍ୟବସ୍ଥା କରି ଅର୍ଥ ଉପାର୍ଜନ ହୋଇ ପାରୁନାହିଁ। ବିଦ୍ୟୁତ୍ ବିଭାଗ ମନ୍ଦିର ପରିସରରେ ଖୁଣ୍ଟ ପୋତିଥିଲେ ମଧ୍ୟ ଏଥିପାଇଁ କ୍ଷତିପୂରଣ ବାବଦକୁ ମନ୍ଦିରକୁ କୌଣସି ସହାୟତା ରାଶି ଦେଇନାହିଁ ବୋଲି ଆଲୋଚନା ବେଳେ ମନ୍ଦିର କମିଟି କର୍ମକର୍ତ୍ତା ଯୁକ୍ତି କରିଥିଲେ। ପରେ ମନ୍ଦିର କମିଟି କର୍ମକର୍ତ୍ତା ମନ୍ଦିର ପରିସରରେ ଥିବା ଜାମ୍ଫରରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଥିଲେ। ଫଳରେ ସିଙ୍କିରି ଗ୍ରାମ ସମେତ ନିକଟବର୍ତ୍ତୀ ୭ଟି ଗ୍ରାମର ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ। ସନ୍ଧ୍ୟାରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପହଞ୍ଚି ମନ୍ଦିର କମିଟି ସହ ଆଲୋଚନା କରିଥିଲେ। ଆଲୋଚନା ସଫଳ ହୋଇ ନ ଥିଲେ ମଧ୍ୟ ଶେଷରେ ବିଦ୍ୟୁତ୍ ସଂଯୋଗ କରି ଅଧିକାରୀ ଓ କର୍ମଚାରୀ ଫେରି ଯାଇଥିଲେ। ଏ ନେଇ ନିର୍ବାହୀ ଯନ୍ତ୍ରୀ. ଗୋପାଳ କୃଷ୍ଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ସଂପୃକ୍ତ ସ୍ଥାନରେ ଦୀର୍ଘ ବର୍ଷ ଧରି ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ସେତେବେଳେ ସେହି ସ୍ଥାନରେ ମନ୍ଦିର ନ ଥିଲା।

# ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଅଛି । ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ଶଶିଭୂଷଣରଥ ସରକାରୀ ମହିଳା କଲେଜର ସଂସ୍କୃତ ଅଧ୍ୟାପକ ସୁନୀଲ କୁମାର ପାଣିଗ୍ରାହୀ ଯୋଗଦେଇ ଭାରତୀୟ ଭାଷାର ଜନନୀ ଭାବେ ସଂସ୍କୃତ ଭାଷାର ମହତ୍ତ୍ୱ ରହିଛି ବୋଲି କହିଥିଲେ । ଇତିହାସ ବିଭାଗର ଅଧ୍ୟାପିକା ଡ.ମିନତୀ ସାହୁ ଭାରତୀୟ ଜ୍ଞାନ ପରମ୍ପରାର ବୈଦିକ ଯୁଗ ସମ୍ପର୍କରେ କହିଥିଲେ । ଇଂରାଜୀ ଅଧ୍ୟାପକ ବି.ମୁରଲୀ ଧର ସଂସ୍କୃତ ଭାଷାର ଅବଦାନ ରହିଛି ବୋଲି କହିଥିଲେ। ଏନେଇ ସଂସ୍କୃତ ଶ୍ଳୋକଗାନ, ପ୍ରଶ୍ନୋତ୍ତର ଏବଂ ହସ୍ତଲିଖନ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମର ସଂଯୋଜିକା ଡ.ସସ୍ମିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଉପସ୍ଥିତ ଛାତ୍ରୀଛାତ୍ର

ଗୋପାଳପୁର,୧୩।୮ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱ ବିଦ୍ୟାଳୟରେ ବୁଧବାର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ଡ.ସୁକାନ୍ତ କୁମାର ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ଉପସ୍ଥିତ ଥିଲେ। ଡ. ଆକାଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିସ୍ଥିତିକୁ ସମ୍ମୁଖୀନ ହେବା ନେଇ ନିଜକୁ ପ୍ରସ୍ତୁତ କରିବା, ଯୁଗପୋଯୋଗୀ ଶିକ୍ଷାଦାନର ଢାଞ୍ଚା ସହ ଛାତ୍ରୀଛାତ୍ରଙ୍କୁ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପ୍ରତିଷ୍ଠାତା ମହାପାତ୍ର ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସ୍ୱାଗତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଡିନ୍ କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ସୌନକ ବିଶ୍ୱାସ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରିସଂଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ କୁହାଯାଇଥିଲା। ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ କହିଥିଲେ, ଛାତ୍ରୀଛାତ୍ରମାନେ ମୂଲ୍ୟବୋଧ ବଜାୟ ରଖିଥିବାକୁ କହିଥିଲେ। ଏମବିଏ ଛାତ୍ରୀ ଗରିମା ପାଣିଗ୍ରାହୀ, ଏମ୍‌ସିଏ ଛାତ୍ରୀ ଏ. ଦୀପିକା ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷାଦାନ ସମ୍ପର୍କରେ ଅବଗତ କରାଇଥିଲେ। କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡ. ସୀମାଞ୍ଚଳ ପାଣିଗ୍ରାହୀ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ରାଜେଶ ପାଟଜୋଷୀ, ଡ. ସବ୍ୟସାଚୀ ରଥ, ଏମସିଏ ବ୍ୟାଚ୍ ସଂଯୋଜକ ଡ. ପ୍ରଦୀପ ଜେନା, ଏମବିଏ ବ୍ୟାଚ୍ ସଂଯୋଜକ ଡ. ଅମରନାଥ ପାଢ଼ୀ, ଡ. ଅମିତ ପଟ୍ଟନାୟକ, ଡ. ଦୁର୍ଯ୍ୟୋଧନ ସାହୁ, ଡ. ଭାସ୍କର ଭୋଳ, ଡ. ସୁବ୍ରତ ସାହୁ, ପ୍ରଫେସର. ସରୋଜ ପାଢ଼ୀ, ଟି କିରଣ ରେଡ୍ଡୀ, ପି. ପୁଷ୍ପା, ପ୍ରଫେସର ଅଚ୍ୟୁତାନନ୍ଦ ପରିଡା, ପ୍ରଫେସର ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଙ୍ଗଦାନ ଉପରୁ ଅନ୍ଧବିଶ୍ୱାସ ଦୂର କରିବାକୁ ଆହ୍ୱାନ

ବ୍ରହ୍ମପୁର,୧୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ମୃତ୍ୟୁ ପରେ ଶରୀରର ବିଭିନ୍ନ ଅଙ୍ଗକୁ ଇଚ୍ଛୁକ ପରିବାର ଦାନ କରନ୍ତି। କିଛି ଅଙ୍ଗ ଦ୍ୱାରା ଅନେକ ଲୋକଙ୍କ ଉପକାର ହେଉଥିବାବେଳେ ଆଉ କିଛି ଅଙ୍ଗକୁ ନେଇ ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ରମାନେ ପରୀକ୍ଷା ନିରୀକ୍ଷା କରିଥାନ୍ତି। ତେଣୁ ଅଙ୍ଗଦାନ ଏକ ମହତ୍ ଦାନ। କିନ୍ତୁ ଅଙ୍ଗଦାନ ପରେ ସଂସ୍କାର କାର୍ଯ୍ୟରେ ବାଧା ସୃଷ୍ଟି ହେବା ନେଇ ସମାଜରେ ଏକ ଅନ୍ଧବିଶ୍ୱାସ ମାଡି ଚାଲିଛି। ଏହାକୁ ଦୂରୀଭୂତ କରିବାକୁ ବୁଧବାର ବିଶ୍ୱ ଅଙ୍ଗଦାନ ଦିବସରେ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସ ହେଲପିଂ କ୍ଲବ ପକ୍ଷରୁ ମେଡିକାଲ କଲେଜ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଏମକେସିଜି ମେଡିକାଲ କଲେଜର ଆନାଟମି ବିଭାଗ ମୁଖ୍ୟ ଜାମି ସାଗର ପୃଷ୍ଟି ଉଦଘାଟନ କରିଥିଲେ। ପ୍ରାରମ୍ଭରେ କେ.ନନ୍ଦେଷୁ ସେନାପତି ତଥା ଉକ୍ତ ପ୍ରକଳ୍ପର ଅଧକ୍ଷ ଅଙ୍ଗଦାନ ଦିବସ ବିଷୟରେ ସୂଚନା ଦେଇଥିଲେ। ଡା. ପୃଷ୍ଟି ଅଙ୍ଗଦାନର ଆବଶ୍ୟକତାକୁ ନେଇ କହିଥିଲେ, ଶରୀରର ଅଙ୍ଗ ଅର୍ଥାତ ହାର୍ଟ, କିଡ୍‌ନୀ, ଫୁସଫୁସ, ଲିଭର, ପାନକ୍ରିୟାସ ସମସ୍ୟାରୁ ପ୍ରାୟ ୫ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତି। ମୃତ୍ୟୁପରେ ୧ ଲକ୍ଷ ଲୋକଙ୍କ ମଧ୍ୟରେ କେବଳ ୦.୬୨ ପ୍ରତିଶତ ଅଙ୍ଗଦାନ କରିଥାନ୍ତି। ଜୀବିତ ଅବସ୍ଥାରେ ଗୋଟିଏ କିଡନୀ, ଆଂଶିକ ଲିଭର ଓ ଫୁସଫୁସ, ଚର୍ମ ନିଜ ସମ୍ପର୍କୀୟଙ୍କୁ ଦାନ କରାଯାଇଥାଏ। ସେହିପରି ମସ୍ତିଷ୍କାଘାତରେ ମୃତ୍ୟୁ ପରେ ଚକ୍ଷୁ, ହୃତପିଣ୍ଡ, ଫୁସଫୁସ, କିଡନୀ, ଲିଭର, ପାନକ୍ରିୟାସ, ଅସ୍ଥି, ଚର୍ମ ଆଦି ଦାନ କରାଯାଇପାରେ। ଚକ୍ଷୁ ବା କର୍ଣ୍ଣିଆ ଦାନର ଉନ୍ନତି ଘଟିଛି । ଡାକ୍ତରୀ ପାଠ ପଢାପାଇଁ ପ୍ରତି ୧୦ଜଣ ଛାତ୍ରଙ୍କ ପାଇଁ ଏକ ମୃତଶରୀର ଆବଶ୍ୟକ। ରାଜ୍ୟରେ ନୂତନ ମେଡିକାଲ କଲେଜ ଗଢିଉଠିବା ଯୋଗୁ ବହୁ ମୃତ ଶରୀର ଦରକାର ପଡୁଛି। ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ, ମାନବବାଦୀ ହେତୁବାଦୀ ସଂଗଠନ ପରି ଅନ୍ୟ ସଂଗଠନ ଓ ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିତ୍ୱ ଯୋଗୁଁ ବ୍ରହ୍ମପୁର ମେଡିକାଲ କଲେଜ ଚକ୍ଷୁଦାନ ଓ ଶରୀର ଦାନ କ୍ଷେତ୍ରରେ ଓଡ଼ିଶାରେ ଶୀର୍ଷରେ ରହିଛି। ଶରୀର ହେଉଛି ଆତ୍ମାକୁ ଘୋଡାଇ ରଖିବାର ଏକ ଆବରଣ। ଆତ୍ମା ଯିବା ପରେ ଏହା ସମ୍ପୂର୍ଣ୍ଣ ଅଲୋଡା। ତେଣୁ କିଛି ଅଙ୍ଗକୁ ଦାନ କରିବାରେ ଅସୁବିଧା ନାହିଁ। କିଛି ଅଙ୍ଗ ଦାନ କରି ମରଶରୀରକୁ ନେଇ ସଂସ୍କାର କରିବାରେ କୌଣସି ଅସୁବିଧା ନାହିଁ। ଶରୀର ଦାନ ଦ୍ୱାରା ଅନ୍ୟ ଜଣେ ଶିଖିବ। ସେ ମଣିଷକୁ ବଞ୍ଚାଇବାର ପ୍ରୟାସ କରିବ। ତେଣୁ ଅନ୍ଧବିଶ୍ୱାସ ଦୂର କରି ସମସ୍ତେ ଅଙ୍ଗଦାନ କରିବାକୁ ଆଗଭର ହେବାକୁ ଡା.ପୃଷ୍ଟି ଆହ୍ୱାନ ଦେଇଥିଲେ। ସଚେତନତା ପଦଯାତ୍ରା ବେଳେ ଶରୀର ଦାନ ପାଇଁ ସଂକଳ୍ପପତ୍ର ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯାଇଥିଲା। କ୍ଲବ ସଭାପତି ସତ୍ୟକାମ ପାତ୍ର, କ୍ଲବର ଗଣ ମାଧ୍ୟମ ସଂଯୋଜକ ଜମ୍ମୁଲା ସୁରେଶ, ଇଂ. ପ୍ରଶାନ୍ତ ପାତ୍ର, ରୋଟାରୀ କ୍ଲବ ସଭାପତି ପି.କେ.ପଟ୍ଟନାୟକ ମାନବବାଦୀ ହେତୁବାଦୀ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଅଙ୍ଗଦାନ କରିବାକୁ ବକ୍ତବ୍ୟ ରଖିଥିଲେ। ସଂଗଠନର ସମ୍ପାଦକ ଏମ.ପ୍ରବୀଣ କୁମାର, ପୂର୍ବତନ ସଭାପତି ଜମ୍ମୁଲା ସୁରେଶ, ଏମ.ବିଦ୍ୟାସଗାର, ଜି.ମାଲେଶ୍ୱର ରାଓ, ଅନୀଲ କୁମାର ଚୌଧୁରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ମେଡିକାଲ କଲେଜ ଖେଳପଡିଆରୁ ବାହାରିଥିବା ସଚେତନତା ପଦଯାତ୍ରା।

# ପ୍ରେମିକ ସହ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା

■ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ ଗିରଫ
■ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହତ୍ୟାକାଣ୍ଡ

ସୁନ୍ଦରଗଡ଼,୧୩।୮
(ଜୟ ନାରାୟଣ ମେଣ୍ଢୁଲି)

ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଜଣେ ମହିଳା ତାଙ୍କ ପ୍ରେମିକ ଓ ସହଯୋଗୀଙ୍କ ସହିତ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ସୁନ୍ଦରଗଡ଼ ସହର ଶଙ୍କରାସ୍ଥିତ ହରିଓମ୍ କଲୋନିରେ ମଙ୍ଗଳବାର ରାତିରେ ଘଟିଛି। ମୃତକ ହେଲେ ଧ୍ରୁବ କେରକେଟା(୬୨)। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉର୍ମିଳା କେରକେଟା(୩୬), ତାଙ୍କ ପ୍ରେମିକ ସଦର ଥାନା ତସଲାଡିହି ଗ୍ରାମର ସୁବ୍ରତ ମାଝୀ(୨୪) ଏବଂ ସହଯୋଗୀ ବିମଳ ଦଣ୍ଡସେନା(୩୪)। ଖବରପାଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଢୁଲି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ସୁନ୍ଦରଗଡ଼ ଟାଉନ ଥାନାରେ ବିଏନ୍‌ଏସ୍ ଧାରା ୧୦୩(୧)/୩(୫)ରେ ଏକ ହତ୍ୟା ମାମଲା (ନଂ. ୩୪୯/୨୫) ରୁଜୁ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୁନ୍ଦରଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି।


ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ।

ଜେରାବେଳେ ଅଭିଯୁକ୍ତମାନେ ଧ୍ରୁବଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୩ରେ ଉର୍ମିଳା ସବ୍‌ଡେଗା ବ୍ଲକ ଜାଇସର ଗ୍ରାମର ଧ୍ରୁବଙ୍କୁ ବିବାହ କରିଥିଲେ। ଧ୍ରୁବ ଗତ ଦେଢବର୍ଷ ହେବ ସବଡେଗା ବ୍ଲକ ଅଫିସରେ ବଡବାବୁ ଭାବେ ଚାକିରିରୁ ଅବସର ନେବା ପରେ ଏକମାତ୍ର ପୁଅଙ୍କୁ ପାଠ ପଢାଇବା ସକାଶେ ସୁନ୍ଦରଗଡ଼ରେ ଭଡାରେ ରହୁଥିଲେ। ସେଠାରେ ଉର୍ମିଳା ଓ ସୁବ୍ରତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ଫୋନରେ ନିୟମିତ କଥାବାର୍ତ୍ତା ହେବା ସହ ରାତିରେ ଧ୍ରୁବ ନିଦ ବଟିକା ଖାଇ ଶୋଇଲା ପରେ ସୁବ୍ରତ ଆସି ଉର୍ମିଳାଙ୍କ ସହ ମିଳାମିଶା କରୁଥିଲେ। ଧ୍ରୁବ ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ଏହାପରେ ଉର୍ମିଳା ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଫୋନ୍‌କୁ ନେଇ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧ୍ରୁବ ଉର୍ମିଳାଙ୍କୁ ଫୋନ୍ ବ୍ୟବହାର କରିବା ପାଇଁ ମନା କରିବାରୁ ସେ ତାଙ୍କ ପ୍ରେମିକଙ୍କୁ ଏକଥା ଜଣାଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ରାତି ୧୨ଟା ପରେ ସୁବ୍ରତ ଓ ବିମଳ ବାଇକ୍ ଯୋଗେ ଉର୍ମିଳାଙ୍କ ଘରକୁ ଆସିଥିଲେ। ଧ୍ରୁବ ଶୋଇଥିବା ବେଳେ ଉର୍ମିଳା, ସୁବ୍ରତ ଓ ବିମଳ ମିଶି ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ହତ୍ୟା ପରେ ସୁବ୍ରତ ଓ ବିମଳ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଉର୍ମିଳା ଧ୍ରୁବଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ଏବଂ ନିଦ ବଟିକା ଖାଇ ଅସୁସ୍ଥ ଯୋଗୁ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ପରିବାର ଲୋକେ ସୁନ୍ଦରଗଡ ଆସି ଧ୍ରୁବଙ୍କ ବେକରେ ଦାଗ ଓ କ୍ଷତ ଚିହ୍ନ ଦେଖିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ମୃତକଙ୍କ ଭାଇ ସରୋଜ କେରକେଟା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଜେରା କରିବା ବେଳେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସବ୍ ଇନ୍ସପେକ୍ଟର ଭାବଗ୍ରାହୀ ଜେନା ରହିଛନ୍ତି।

# ପୁଣି ୪ ଅଭିଯୁକ୍ତ ଜେଲ ଗଲେ


୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

ରାଜନଗର,୧୩।୮
(ଭାସ୍କର ରାଉତରାୟ)

**ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହେବା ପରେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ ଛାତ୍ରୀଙ୍କ ପିଉସାଙ୍କ ସମେତ ୫ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ମଙ୍ଗଳବାର କେବଳ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଥିଲା। ଅନ୍ୟ ୪ ଜଣଙ୍କୁ ଛାଡ଼ିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ଆଡୁ ଚାପ ପଡ଼ିଥିଲା। ପୋଲିସ ମଧ ସେମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଇ ନ ଥିଲା। ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ(୨୦), ଦୀପକ କୁମାର ଦାଶ(୨୦), ସୌରଭ ଦାଶ(୨୫) ଓ ଆଲୋକ ସାହୁ(୧୯)। ରାଜନଗର ଥାନାରେ ଏ ନେଇ ଏକ ମାମଲା(ନଂ.୨୬୬/୨୦୨୫)ରୁଜୁ ହୋଇଛି। ସମସ୍ତଙ୍କ ଡାକ୍ତରୀମାଇନା କରାଇବା ପରେ ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶନିବାର ରାଖୀପୂର୍ଣ୍ଣିମା ଦିନ ନିଜ ପିଉସାଙ୍କ ସହ ଏହି ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ଓଉପଦାକୁ ଯାଉଥିଲେ। ହେଲେ ପିଉସା ଓଉପଦା ନେବା ପରିବର୍ତ୍ତେ କୁଦୁପୁର ମଶାଣିକୁ ପଡ଼ିଥିବା ମାଟିରାସ୍ତା ସଂଲଗ୍ନ ନିଛାଟିଆ ସ୍ଥାନକୁ ନେଇ ଝିଅାରୀକୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଝିଅାରୀ ଓ ପିଉସାଙ୍କ ଉଲଗ୍ନ ଫଟୋ ଉଠାଇଥିଲେ। ଏହାପରେ ଝିଅାରୀଙ୍କୁ ମିଳିତ ଭାବେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଯୁବକମାନେ ପୀଡ଼ିତାଙ୍କୁ ଟଣାଓଟରା କରିବା ସହିତ ମାଡ଼ ମାରି ବଳାତ୍କାର କରିଥିଲେ ବୋଲି ପିଉସା ନିଜେ ଏତଲାରେ ଦର୍ଶାଇଛନ୍ତି।

# ୩ ହଜାର ଲାଞ୍ଚ ନେଇ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ମୁନିଗୁଡ଼ା,୧୩।୮
(ନନ୍ଦ କିଶୋର ପଟ୍ଟନାୟକ)

ଜନ୍ମ ସାର୍ଟିଫିକେଟ ସଂଶୋଧନ ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ। ଜନ୍ମ ପ୍ରମାଣପତ୍ର ସଂଶୋଧନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବାବେଳେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ କୁଞ୍ଜବିହାରୀ ରାଉତଙ୍କୁ ଜୟପୁର ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ମଧ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ଦୁର୍ଗାପଙ୍ଗାର ଜଣେ ଗରିବ ଚାଷୀ ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ରରେ ସଂଶୋଧନ କରିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀ କୁଞ୍ଜବିହାରୀଙ୍କ ନିକଟକୁ ଯାଇଥିଲେ। ଏହି କାମ ପାଇଁ ସେ ୬ ହଜାର ଟଙ୍କା ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ ହଜାର ନେଇ ସାରିଥିବାବେଳେ ବାକି ଟଙ୍କା ଦେଲେ କାମ କରିବେ ବୋଲି କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଚାଷୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସକାଳେ ବାକି ୩ ହଜାର ଟଙ୍କା ଗ୍ରହଣ କରିବା ସମୟରେ ଜୟପୁର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଭିଜିଲାନ୍ସ ଟିମ୍ କୁଞ୍ଜବିହାରୀଙ୍କ ବିଷମକଟକସ୍ଥିତ ଡୁକୁମରୋଡ୍‌ରେ ଥିବା ଘରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡିଛି।

# ଘରୋଇ ମେସ୍‌ରେ ପିଜି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

କେନ୍ଦୁଝର,୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

**ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ**

ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ପୁଷ୍ପଲତା ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଏକ ଘରୋଇ ମେସ୍‌ରୁ ଜବତ କରାଯାଇଥିବାବେଳେ ବୁଧବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ କଲେଜରୋଡ୍‌ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରୁ ଆଉ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ନୂଆରମ୍ଭାସ ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଝିଅ ଶିବାନୀ ଜେନା(୨୨)। ଏସ୍‌ପି ନୀତିନ କୁଶଲ କର ଡାଗଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଶିବାନୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ(ଆନ୍ଥ୍ରୋପୋଲୋଜି) ବିଭାଗରେ ପିଜି ପ୍ରଥମ ବର୍ଷର ଛାତ୍ରୀଭାବେ ଅଧ୍ୟୟନ କରୁଥିଲେ। ସେ ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରେ ୬ ଜଣ ସହପାଠୀଙ୍କ ସହ ରହୁଥିଲେ। ବୁଧବାର ଅପରାହ୍ନରେ ଶିବାନୀ ରୁମ୍‌ରେ ଏକା ଥିବାବେଳେ ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା କୁହାଯାଉଛି। ସହପାଠୀ ଆସି ବାରମ୍ବାର ଫୋନ୍ କରିବା ପରେ ମଧ ସେ ଶୁଣି ନ ଥିଲେ। ପରେ ରୁମ୍‌ର ପଛପଟକୁ ଯାଇ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ଘର ମାଲିକଙ୍କୁ ଜଣାଇବା ସହ ୧୧୨କୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଖବରପାଇ ଛାତ୍ରୀଙ୍କ ମା'ବାପା ପହଞ୍ଚିଥିବା ପୋଲିସ କହିଛି। ଏସ୍‌ପି ନୀତିନ କୁଶଲକର କହିଛନ୍ତି, ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୭୪/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ମୃତ୍ୟୁ ହୋଇଛି, ତଦନ୍ତ ପରେ ଜଣାପଡ଼ିବ। ପ୍ରକାଶଯୋଗ୍ୟ, କିଛି ମାସ ପୂର୍ବେ ଏଭଳି ଏକ ଘରୋଇ ମେସ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ସ୍ଥାନ ଅଭାବରୁ ବହୁ ଛାତ୍ରୀ ଘରୋଇ ମେସ୍‌ରେ ରହିବାକୁ ବାଧ ହେଉଛନ୍ତି। ଏଣୁ ସେମାନେ ବିଭିନ୍ନ ପ୍ରକାରର ମାନସିକ ଚାପରେ ରହୁଥିବା କୁହାଯାଉଛି। ଏନେଇ ପଦକ୍ଷେପ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ ଦାବି ହେଉଛି।

# ମାଓବାଦୀ ଲିଙ୍କ୍, ଶିକ୍ଷକ ଗିରଫ

**୨୦୧୧ରୁ ମାମଲା ରୁଜୁ ହୋଇଥିଲା, ୨୦୨୫ରେ ଗିରଫ ହେଲେ**


ଗିରଫ ଶିକ୍ଷକ ପ୍ରତାପ କୁମାର ନାୟକ

ମୋହନା,୧୩।୮ (ମନ୍ମଥ ମିଶ୍ର)

ମାଓବାଦୀଙ୍କ ସହ ସମ୍ପୃକ୍ତି ଥିବା ଅଭିଯୋଗରେ ୨୦୧୧ରେ ହୋଇଥିବା ଏକ ମାମଲାରେ ଜଣେ ଶିକ୍ଷକ ଦୁଇଦିନ ତଳେ ଗିରଫ ହୋଇଛନ୍ତି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ନାୟକ। ସେ ୨୦୦୮ରେ ଏହି ପ୍ରାଥମିକ ବିଦ୍ୟାଳୟରେ ଏକ୍ସ-କ୍ୟାଡର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ।

ଅଡବା ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ପ୍ରତାପ ପୂର୍ବରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେତେବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ମାଓବାଦୀ ହିଂସାରେ ସେ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ୨୦୧୧ରେ ତାଙ୍କ ନାମରେ ନଂ. ୧୩୫/୧୧ରେ ଅଡବା ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଆଧାରରେ ପ୍ରତାପଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବୁଧବାର ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି, ଅଡବା, ମୋହନା, ଆର.ଉଦୟଗିରି ଥାନା ଅଞ୍ଚଳରେ ଆହୁରି ଅନେକ ଶିକ୍ଷକଙ୍କ ନାମରେ ମାଓବାଦୀଙ୍କ ସହ ସେମାନଙ୍କ ଲିଙ୍କ୍ ଥିବା, ଗଞ୍ଜେଇ ଚୋରା ଚାଲାଣରେ ଜଡିତ ରହିଥିବା ନେଇ ମାମଲା ରହିଛି। ସେମାନଙ୍କୁ ତୁରନ୍ତ ଥାନାରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କୁ ମଧ ପୋଲିସ ପକ୍ଷରୁ ଚିଠି କରାଯାଇଛି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ତେବେ ସେମାନେ ଯେଉଁଠି ଥିଲେ ମଧ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏନେଇ ମୋହନା ବିଇଓ ନରେନ୍ଦ୍ର ବେହେରା କହିଛନ୍ତି, ମୋ ପାଖକୁ କୌଣସି ଚିଠି ଏ ଯାବତ୍ ଆସିନାହିଁ। ଯଦି କୌଣସି ଶିକ୍ଷକଙ୍କ ନାମରେ ଥାନା ପକ୍ଷରୁ ଚିଠି ଆସେ ତେବେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସହ କାର୍।

ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ଟିମ୍ ବୁଧବାର ଆଠମଲ୍ଲିକସ୍ଥିତ ମହାନଦୀ ବ୍ରିଜ୍ ନିକଟରୁ ଏକ କାର୍ ଓ ଏଥିରେ ଚାଲାଣ ହେଉଥିବା ୫୪ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ କେନ୍ଦୁଝର ଜିଲା ତେଲକୋଇ ଥାନା ତୁମୁଣ୍ଡା ଗ୍ରାମର ପ୍ରଦୀପ ରଣାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ କାର୍ (ନଂ. ଓଡି୦୨ବିଡି-୫୬୫୬)ରେ ଫୁଲବାଣୀରୁ କେନ୍ଦୁଝର ଅଭିମୁଖେ ଗଞ୍ଜେଇ ଚାଲାଣ କରାଯାଉଥିବା ସମ୍ପର୍କରେ ଅବକାରୀ ଟିମ୍‌କୁ ସୂଚନା ମିଳିଥିଲା। ଏହାପରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ଉପନିରୀକ୍ଷକ ନିରଞ୍ଜନ ସାହୁ, ବଲବୀର ଗଡ଼ନାୟକ, ରୋଜାଲିନ ପଟ୍ଟନାୟକ, ଅମର ଦୀପ କୁଜୁର, ଶଙ୍କର୍ଷଣ ରାଉତ, ରଞ୍ଜିତ ସାହୁ ପ୍ରମୁଖ ପ୍ରମୁଖ ଚଢ଼ାଉ କରିଗଞ୍ଜେଇ ସହ କାର୍‌କୁଜବତ କରିଥିଲେ।

# ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା, ଯୁବକ ଗିରଫ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା କରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପର ସରୋଜ କୁଣ୍ଡୁ (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଯୁବତୀ ଏବଂ ସରୋଜଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସରୋଜ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ ଯୁବତୀ ଜଣକ ପ୍ରତ୍ୟାଖ୍ୟାନ କରିଦେବା ସହ ଦୂରେଇ ଯାଇଥିଲେ। ସେବେଠାରୁ ସରୋଜ ଉକ୍ତ ଯୁବତୀଙ୍କ ଉପରେ ନଜର ରଖିବା ସହ ସବୁବେଳେ ପିଛା କରି ହଇରାଣ କରୁଥିଲେ। ମଙ୍ଗଳବାର ସକାଳେ ଯୁବତୀ ରହୁଥିବା ତମାଣ୍ଡୋ ଫେଜ-୨ସ୍ଥିତ ଘରେ ସରୋଜ ବଳପୂର୍ବକ ପଶି ଗାଳିଗୁଲଜ ଓ ଟଣାଓଟରା କରିଥିଲେ। ବିବାହ ପାଇଁ ରାଜି ନ ହେଲେ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୬୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ରେଣ୍ଟୀ ବାହାଡ଼ାପଲ୍ଲୀରେ ପୁଣି ହତ୍ୟାକାଣ୍ଡ

ଖଲ୍ଲିକୋଟ/ରମ୍ଭା,୧୩।୮ (ପ୍ରଶାନ୍ତ କୁମାର ମିଶ୍ର/ ବନବାସୀ ସେଠୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ରେଣ୍ଟୀ ବାହାଡାପଲ୍ଲୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ବୁଧବାର ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଛି। ଅଭିମନ୍ୟୁ ବାଇକ୍ ଯୋଗେ ପରିବା ଆଣିବାକୁ ଯାଉଥିବାବେଳେ ରମ୍ଭା ରେଳଲାଇନ ଉତ୍ତର କ୍ୟାବିନଠାରୁ ଅଳ୍ପ ଦୂରରେ କେତେଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛନ୍ତି। ଖବରପାଇ ରମ୍ଭା ଥାନାଧିକାରୀ କୁମାର ମୁଦୁଲି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ରେଣ୍ଟୀ ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନଙ୍କୁ ଗତ ୨ ତାରିଖ ରାତିରେ ରମ୍ଭା ରେଳ ଷ୍ଟେଶନ ନିକଟରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ସେହି ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ସେହି ଗ୍ରାମର ୨ ଅଭିଯୁକ୍ତ ଜୟ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ଗିରଫ କରି ଜେଲ ପଠାଇଥିଲା। ମନୁଙ୍କ ଏକାଦଶାହରେ ଅଭିଯୁକ୍ତ ଜୟଙ୍କ ଭାଇ ଅଭିମନ୍ୟୁ ହତ୍ୟାର ଶିକାର ହୋଇଛନ୍ତି। ତେଣୁ ମନୁ ହତ୍ୟାକାଣ୍ଡ ସହ ଅଭିମନ୍ୟୁ ହତ୍ୟା ଘଟଣାର ଲିଙ୍କ ରହିଥିବା ପୋଲିସ ସନ୍ଦେହ କରୁଛି। ମୃତ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ନ୍ୟାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ରମ୍ଭା ଥାନାରେ ନଂ.୬୫୧/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମୁଦୁଲି କହିଛନ୍ତି।

# ୫୦୦ ବୋତଲ କଫ୍ ସିରପ୍ ଜବତ: ଜଣେ ଗିରଫ

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାଟପଦାପଡା ଠାରେ ବେଆଇନ ଭାବେ କଫ ସିରପ୍ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ହାଟପଦାପଡା ନିବାସୀ ରାଜକୁମାର ଓରଫ ରାଜା ଜେନା (୨୮)। ତାଙ୍କ ନିକଟରୁ ୫ ଶହ ବୋତଲ କଫ୍ ସିରପ୍ ଜବତ ହୋଇଛି। ବୁଧବାର ଅପରାହ୍ଣରେ ସ୍ଥାନୀୟ ଟାଉନ ଥାନାଠାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଟାଉନ ଥାନା ପୋଲିସ ହାଟପଦାପଡା ଠାରେ ଜଣେ ଯୁବକ ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ଖବର ପାଇଥିଲା। ପରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ କଫ୍ ସିରପ ଏବଂ ୪୦୦ ଟଙ୍କା ଜବତ କରିଥିଲେ। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉ ସମୟରେ ସେଠାରେ ଥିବା ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିଲେ । ତାଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଏସଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୫୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବଲାଙ୍ଗୀର ଟାଉନ ଥାନା ଏବଂ କଣ୍ଟାବାଞ୍ଜି ଥାନାରେ ଏକାଧିକ ମାମଲା ରହିଛି। ସହରରେ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ଏସ୍‌ଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଚଞ୍ଚଳ କୁମାର ମହାପାତ୍ର, ବି. ଦେହେରି, ଡି.କେ ଡାଙ୍ଗ, ଡି. କେ. ସେନାପତି ଓ ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ।


ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

ବଣାଇଁ,୧୩।୮ (ପ୍ରଦୀପ ତ୍ରିପାଠୀ)



■ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ
■ସୀମାରେ ହାଇ ଆଲର୍ଟ, ସର୍ଚ୍ଚ ଅପରେଶନ ଜାରି

ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ଅଧୀନ ଗୋଏଲକେରା ମଝିରେ ଥିବା ପୁଷେଇତା ଜଙ୍ଗଲରେ ବୁଧବାର ପୂର୍ବାହ୍ନରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ନିଲେଶ ମାଡକାମି ଓରଫ ବରୁଣ ଓରଫ ଅରୁଣ। ତାଙ୍କ ଘର ଛତିଶଗଡ଼ ରାଜ୍ୟ ସୁକୁମା ଜିଲା କୋଣ୍ଟା ଥାନା ଅଞ୍ଚଳରେ ବୋଲି ଚାଇଁବସା ପୋଲିସ ସ୍ପଷ୍ଟ କରିଛି । ମୃତଦେହ ନିକଟରୁ ଏକ ଏସ୍‌ଏଲ୍‌ଆର୍ (ସେଲ୍ଫ ଲୋଡେଡ ରାଇଫଲ) ସହିତ ଅଫୁଟା ଗୁଳି ଥିବା ମାଗାଜିନ ଓ ଏକ ବ୍ୟାଗରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁରକ୍ଷା ବାହିନୀ ଜବତ କରିଛି। ମୃତ ମାଓବାଦୀ ଛତିଶଗଡ଼ କ୍ୟାଡରର ଓ ସେ ପ୍ରାୟ ୫ବର୍ଷ ହେବ ଝାଡ଼ଖଣ୍ଡ ଅଞ୍ଚଳରେ ମାଓବାଦୀ ଛୋଟନାଗପୁର ଡିଭିଜନାଲ କମିଟି ଅଧୀନରେ ରହି ବିଭିନ୍ନ ମାଓବାଦୀ ହିଂସା ଘଟାଇବାରେ ସମ୍ପୃକ୍ତ ଥିଲେ। ଛତିଶଗଡ଼ ଛାଡିବା ପରେ ଓଡ଼ିଶା - ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଏରିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ଝାଡ଼ଖଣ୍ଡ ଗୋଏଲକେରା ଥାନା କେସ୍ ନଂ. ୫/୨୦୧୯ ଓ ୬/୨୦୨୦, ସୋଣୁଆଁ ଥାନା କେସ୍ ନଂ. ୨୫/୨୦୨୦, ଟଣ୍ଟୋ ଥାନା ଅଧୀନରେ ୩ଟି କେସ୍ ନଂ. ୧/୨୦୨୩, ୨୬/୨୦୨୩, ୩୦/୨୦୨୩ ତାଙ୍କ ନାଁରେ ରୁଜୁ ହୋଇଥିବା ଚାଇଁବସା ପୋଲିସ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛି ।

ଝାଡ଼ଖଣ୍ଡ ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପଶ୍ଚିମ ସିଂହ ଭୂମ ଚାଇଁବସାର କୋଲହାନ ଜଙ୍ଗଲରେ ୨୨ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ କରିଥିଲେ । ଏଥିରେ ମାଓବାଦୀ ସଙ୍ଗଠନର ଏରିଆ କମାଣ୍ଡର ରବି ସରଦାର, ଜୟକାନ୍ତ, ଅରୁଣ, ସନ୍ଦୀପ, ଶିବା, ରିସିଭ, ଅପଟନ, ସନତ, ଅମିତ ମୁଣ୍ଡା, ଭୁବନେଶ୍ୱର ଓରଫ ସାଲୁକା, ସୋମବାରିଙ୍କ ସମେତ ଅନ୍ୟ ମାଓବାଦୀ ସାମିଲ ହୋଇ ହିଂସା ଘଟାଇବା ନେଇ ଯୋଜନା କରୁଥିଲେ। ଚାଇଁବସା ପୋଲିସ ଓ ୨୦୯ ନମ୍ବର କୋବ୍ରା ବାଟାଲିୟନ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଅପ୍ରତ୍ୟାଶିତ ସୁରକ୍ଷା କର୍ମୀଙ୍କୁ ଦେଖି ପ୍ରଥମେ ମାଓବାଦୀ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଯବାବରେ କୋବ୍ରା ବାହିନୀର ଯବାନ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟ ପରେ ଆସନ୍ନ ପ୍ରାୟ ସ୍ୱାଧୀନତା ଦିବସରେ କିଛି ଅଘଟଣ ଆଶଙ୍କା ଓ ଓଡିଶା ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ମାଓବାଦୀମାନେ ପତାକା ଉତ୍ତୋଳନ ନ କରିବା ନେଇ ଦେଇଥିବା ଧମକକୁ ଦୃଷ୍ଟିରେ ରଖି ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ସୁରକ୍ଷା ବାହିନୀ ତରଫରୁ ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଛି ଏବଂ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି ।

# ଖଣି ଖନନ ପାଇଁ ପରିବେଶ ସୁରକ୍ଷାକୁ ଅଣଦେଖା

## ବାଲାପାଡୁ କ୍ୱାର୍ଜ ଖଣି ଖନନକୁ ଅଞ୍ଚଳବାସୀଙ୍କ ବିରୋଧ

ରାୟଗଡ଼ା,୧୩।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଇରୁକୁବାଡ଼ି ପଞ୍ଚାୟତ ଅନ୍ତର୍ଗତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ଅଞ୍ଚଳବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ବିରୋଧ କରିଛନ୍ତି। ଖଣି ଖନନ ହେଲେ ସେଠାରେ ରହିଥିବା ପ୍ରାକୃତିକ ପରିବେଶ ନଷ୍ଟହେବା ସହ ପାହାଡ଼ରୁ ବାହାରିଥିବା ଚିରସ୍ରୋତା ଝରଣା, ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ଲୋପପାଇଯିବା ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ଇରୁକୁବାଡ଼ିଠାରେ ରାୟଗଡ଼ା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଆଞ୍ଚଳିକ ଶାଖା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ହୋଇଥିଲା । ଜନଶୁଣାଣି ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଭାବିତ ଅଞ୍ଚଳ ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା କହିଛନ୍ତି।

ସୂଚନାଥାଉକି, ବାଲାପାଡୁ ପାହାଡ଼ର ୫୫.୩୯୪ ହେକ୍ଟର ଅଞ୍ଚଳରେ ରହିଥିବା କ୍ୱାର୍ଜ ଓ କ୍ୱାର୍ଜାଇଟ ଖନନ ପାଇଁ ବାଳକୃଷ୍ଣ ପାଢ଼ୀ ନାମକ ଜଣେ ବ୍ୟକ୍ତି ଲିଜ୍‌ରେ ନେଇଛନ୍ତି। ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ହୋଇଥିବା ଜନଶୁଣାଣିରେ ଗ୍ରୀନ୍ ସର୍କଲ, ଆଇଏନ୍‌ସି ନାମକ ଏକ ମାଇନିଂ କନ୍‌ସଲ୍‌ଟାଣ୍ଟ ଖଣି ଖନନ ଦ୍ୱାରା ପରିବେଶ ଓ ଏହା ଉପରେ ପ୍ରଭାବ ସନ୍ଦର୍ଭରେ ୨୦୨୨-୨୩ ମଧ୍ୟରେ ସର୍ଭେକରି ଏକ ରିପୋର୍ଟ ପ୍ରଦାନ କରିଛି । ଉକ୍ତ ରିପୋର୍ଟରେ ବାର୍ଷିକ ୫୪୫୦୦ସିଏମ୍ ଖଣି ଖନନ ପାଇଁ ଯୋଜନା ରହିଛି। ଏହି ଖଣି ଖନନ ଦ୍ୱାରା ପରିବେଶ ଉପରେ କୌଣସି କୁପ୍ରଭାବ ପଡ଼ିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।



ଜଙ୍ଗଲରେ ଭରି ରହିଥିବା ବାଲାପାଡୁ ପାହାଡ଼।

ଅନ୍ୟପକ୍ଷେ ଏଠାରେ ଖଣି ଖନନ ହେଲେ ସେଠାରେ ରହିଥିବା ଜଙ୍ଗଲ ନଷ୍ଟହେବା ଯୋଗୁ ଗ୍ରୀଷ୍ମଋତୁରେ ଅହେତୁକ ଗରମ ହେବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି ବାଲାପାଡୁ ଅଞ୍ଚଳରେ ବୋହିଯାଉଥିବା ବିଭିନ୍ନ ଚିରସ୍ରୋତା ଝରଣା ଆଗାମୀ ଦିନରେ ଲୋପପାଇଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଉକ୍ତ ଝରଣା ଯୋଗୁ ଅଞ୍ଚଳବାସୀ ଆମ୍ବ, ପଣସ, ସପୁରି, ଡେଙ୍ଗୁଳ ଆଦି ଚାଷକରି ନିଜ ଜୀବିକା ନିର୍ବାହ କରୁଥିବା କହିଛନ୍ତି। ରାୟଗଡ଼ା ଜିଲ୍ଲା ମୁଖ୍ୟ ଅବବାହିକା ବା ଜଳ ନିର୍ଭରଶୀଳ ନାଗାବଳୀ ଓ ଝଞ୍ଜାବତୀ ନଦୀ ସମେତ ବିଭିନ୍ନ ଚିରସ୍ରୋତା ଝରଣା ହୋଇଥିବା ବେଳେ ଉକ୍ତ ରିପୋର୍ଟର ପୃଷ୍ଠା ୪ରେ ଋଷିକୁଲ୍ୟା ନଦୀ ବୋଲି ଉଲ୍ଲେଖ ରହିଛି । ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲାରେ ଅବସ୍ଥିତ। ସେହିପରି ଉକ୍ତ ଅଞ୍ଚଳର ତାପମାତ୍ରା ଗ୍ରୀଷ୍ମଋତୁରେ ୪୫ ଡିଗ୍ରୀ ବୋଲି ରିପୋର୍ଟରେ ଲେଖାଯାଇଥିବା ବେଳେ ଘଞ୍ଚ ବୃକ୍ଷଲତା ଓ ପାହାଡ଼ ପାଇଁ ଗ୍ରୀଷ୍ମଋତୁରେ ମଧ୍ୟ ଲୋକେ ଥଣ୍ଡା ଅନୁଭବ କରନ୍ତି ବୋଲି କହିଛନ୍ତି । ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା ଘରଚଟିଆ, ମାଙ୍କଡ଼, ନେଉଳ, ଠେକୁଆ, ପାରା, କୋଇଲି ସମେତ ଜଳଚର ଜୀବଙ୍କ ମଧ୍ୟରେ ପଲିକିଟି, ହେମିପ୍ଲୁରା, କୋଲିଓପପ୍ଲାରା, ପ୍ଲୁନରିଆ, ହିରୁକିନା ଆଦି ରହିଛନ୍ତି। ଏଠାକାର ପାହାଡ଼ରୁ ଖଣି ଖନନ ହେଲେ ଜଙ୍ଗଲ ନଷ୍ଟହେବା ସହ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଦେଖାଦେଇଛି। ଏଥିସହ ବାଲାପାଡୁ ଖଣି ଅଞ୍ଚଳ ନିକଟରେ ବୋହୁଥିବା ଝରଣା ସମେତ ଭୂତଳ ଜଳ ପ୍ରଭାବିତ ହେବା, ପରିବେଶ ପ୍ରଦୂଷଣ ହେବା ସହ ଚାଷ ନଷ୍ଟହେବା ଆଶଙ୍କା ରହିଥିବା ଇରୁକୁବାଡ଼ିର ପୂର୍ବତନ ସମିତି ସଭ୍ୟ ମିନାରାଓ କରକରିଆ, ନାକିଟି ସମିତି ସଭ୍ୟ ଭୂଷଣ ବିଡ଼ିକା, ଇରୁକୁବାଡ଼ି ସମିତି ସଭ୍ୟ ଦୟାନିଧି କଣ୍ଡାଗରି, ସୁଧାକର କରକରା ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏ ନେଇ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

# ବ୍ଲକ୍ ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତକଲେ ସରକାର

ଭୁବନେଶ୍ୱର, ୧୩।୮(ସୁନିତ୍ ମିଶ୍ର)

- ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଫାଇଲରେ ଦରକାର ନାହିଁ ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ
- ଭୋଟଠାରୁ ବ୍ଲକ୍ ଚୋରି ଭଳି ପାପ ଏ ସରକାର କରିଛନ୍ତି: ବିଜେଡି
- ପଞ୍ଚାୟତସ୍ତରରେ ସରକାରୀ ଦଳର ସଂଖ୍ୟା କମ୍ ଥିବାରୁ ଏଭଳି ନିଷ୍ପତ୍ତି: କଂଗ୍ରେସ
- ଓଡ଼ିଶାର ବିକାଶ ପାଇଁ ଏଭଳି ନିର୍ଣ୍ଣୟ ନିଆଯାଇଛି: ମନ୍ତ୍ରୀ

ଏଣିକି ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ଉପରେ ଆଉ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଦରକାର ନାହିଁ। ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଯୋଉ କାମ ହେବ ସେହି ଫାଇଲ୍‌ରେ ବିଡିଓ ଦସ୍ତଖତରେ ହେଇଯିବ। ଏହିଭଳି ଭାବେ ବ୍ଲକ୍ ଅଧ୍ୟକ୍ଷଙ୍କ ପାୱାରକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଭଳି ନିଷ୍ପତ୍ତି ପରେ ଅନେକ ସ୍ଥାନରେ ବ୍ଲକ୍ ଅଧ୍ୟକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକର ଏଭଳି ଅର୍ଥନୈତିକ କ୍ଷମତାରେ ପରିବର୍ତ୍ତନ ଆସିବା ପରେ ରାଜନୀତି ମଧ୍ୟ ଜୋର୍ ଧରିଛି। ସୂଚନାଯୋଗ୍ୟ, ପୂର୍ବରୁ ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତର ଆବଶ୍ୟକତା ରହୁଥିଲା। ୨ ଲକ୍ଷରୁ କମ୍ ଟଙ୍କାର ଫାଇଲ୍ ବିଡିଓମାନଙ୍କ ଦସ୍ତଖତରେ ହେଇଯାଉଥିଲା। ଏଣିକି ୨୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ କେବେଳ ବ୍ଲକ ଅଧ୍ୟକ୍ଷମାନଙ୍କ କାଉଣ୍ଟର ଦସ୍ତଖତ ଦରକାର ହେବ। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ବିରୋଧୀ କଡା ଭାଷାରେ ସମାଲୋଚନା କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏହାର ଉତ୍ତର ରଖିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ୍‌ରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ଏମାନେ ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ କଲେ ଏହା ହତ୍ୟା ନା ଆତ୍ମହତ୍ୟା। ଏମାନେ ଭୋଟ୍ ଠାରୁ ବ୍ଲକ ଚୋରି ପର୍ଯ୍ୟନ୍ତ ଏମାନେ ଯେଉଁ ପାପ କରିଛନ୍ତି ତାକୁ ଧୋଇବା ଲାଗି ଏମାନଙ୍କ ପାଖରେ ସମୟ ନ ଥିବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ସି.ଏସ୍. ରାଜନ୍ ଏକ୍କା କହିଛନ୍ତି, ଏବେ ପ୍ରାୟ ଅଧିକାଂଶ ସମିତି, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲ ପରିଷଦରେ ସରକାରୀ ଦଳର କେହି ନାହାନ୍ତି। ସରକାରୀ ଦଳର ସଂଖ୍ୟା ଏସବୁ ଥିରେ ବହୁତ କମ୍ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ରାଜନ୍ କହିଛନ୍ତି।

ମନ୍ତ୍ରୀ ରବି ନାଏକ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାର ଅଧିକ ବିକାଶ ହୋଇପାରିବ ସେଥିଲାଗି ଏଭଳି ନିର୍ଣ୍ଣୟ କରାଯାଇଛି। ଏହାଦ୍ୱାରା କାହା ପ୍ରତି କୁଠାରଘାତ ହେବ ନାହିଁ। ଲୋକ ଏବଂ ଅଞ୍ଚଳର ଉନ୍ନତି ଯେତେବେଳେ ନ ହେବ ସେହି ସମୟରେ ସ୍ୱର ଉଠିଥାଏ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES | Mining Happiness

**E-auction Notice (19.08.2025-191st & 192nd E-auction)**
**IRON ORE CLO & FINES**

**No.CAD-1435:** The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block-A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna- Sekradihi Iron and Manganese Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.08.2025.**
For details, please visit the website of MSTC i.e. www.mstcecommerce.com

OIPR-30005/11/0236/2526 — **Chief General Manager (S&M)**

**GOVERNMENT OF ODISHA** No.O-851
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
**"e" Procurement Notice for Road Works**
**Identification Online Tender 07/RWD/BDK-II/2025-26, Dtd.31.07.2025**

1. Name of the Work:- Road Works as per Annexure. 2. Total Number of Works:- 2 No. 3. Approximate Estimated Cost :- Rs.62.89 lakhs - 75.63 lakhs. 4. Class of Contractor:- As per Annexure. 5. Period of Completion:- As per Annexure. 6. Other details:- The details are as follows.

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division-II, Bhadrak | 07 | 14.08.2025 At 4.00 P.M. | 25.08.2025 upto 5.00 P.M. | 25.08.2025 upto 3.00 PM | 26.08.2025 at 11.00 AM | Will be intimated later |

**7. Further details can be seen from the e-Procurement portal "https://www.tendersorissa.gov.in"** 8. Any other changes/ Corrigendum may be seen only in website www.tendersorissa.gov.in.

OIPR-25090/11/0026/2526 — **Sd./- Executive Engineer, R.W.Division-II, Bhadrak**

**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
**No.11777/VIMSAR, Burla Dated the 12th, August, 2025**
**TENDER CALL NOTICE**

**No.E-310** : Sealed Tenders are invited by the undersigned from interested Firms having GST registration for purchase of the condemned materials from this Hospital so as to reach to the office of the Superintendent, VIMSAR, Burla on or before 16.09.2025 up to 5.00 PM which will be opened at 10.30 AM the next working day.

The details of the terms and conditions of the Tender Call Notice can be collected from the office of the Superintendent, VIMSAR, Burla on working days from 10.00 AM to 5.00 PM or can be downloaded from District/ VIMSAR website from the date of the publication of the Tender Call Notice to last date of submission.

Sd./- Superintendent VIMSAR, Burla
OIPR-10187/11/0042/2526

boyanika No.CAD-1441
**QUOTATION CALL NOTICE**

**No.2188** **Dt.08.08.2025**
**Name of the work:-** Supply of **Computer Materials & Packing Materials to Odisha State Handloom WCS Ltd, Boyan Bhawan at PJN Marg, Bhubaneswar.** The Quotation call notice issued vide order no.1986 dt.19.07.2025 is hereby cancelled due to unavoidable reasons.
Hence, fresh tender is called for the above purpose. **The last date and time of submission of quotation is 19.08.2025 at 5.00 PM.**
Refer our website- **www.sidacodisha.org.in** for details. All the information in connection with this Quotation Call Notice will be available in this website.

Sd/ G.M–Cum–Secretary Boyanika
OIPR-31004/11/0117/2526

See Career Appointment on every Wednesday & Saturday

ପୌରପରିଷଦ କାର୍ଯ୍ୟାଳୟ, ଜୟପୁର
**OFFICE OF THE MUNICIPAL COUNCIL: JEYPORE**
**Letter No.3473/JM, Date:11 August 2025**

**ଭୁଲ୍ ସଂଶୋଧନ ସୂଚନା**

No.C-852:ଜୟପୁର ପୌରସଂସ୍ଥା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଏହି କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୪୦୩ ତାରିଖ ୦୨.୦୮.୨୦୨୫ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରିଛି । ଏହି ଚିଠିର ୪ ନମ୍ବର ସର୍ତ୍ତରେ ଭୁଲବଶତଃ **ଅଫସେଟ ପ୍ରାଇସରୁ କମ ଦର୍ଶାଇଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦର୍ଶାଯାଇଥିଲା ।**
ଏହି ଭୁଲ ସଂଶୋଧନ କରି ସୂଚିତ କରାଯାଉଛି ଯେ, ତାହାକୁ **ଅଫସେଟ ପ୍ରାଇସରୁ ଅଧିକ** ବୋଲି ପଢିବେ ।
ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
OIPR-13079/11/0056/2526

**ODISHA SPACE APPLICATIONS CENTRE (ORSAC)**
**(Dept. of Science & Technology, Govt. of Odisha)**
Plot No.45/48 (P), Jayadev Vihar, Unit-16, Bhubaneswar-751023
**TENDER NOTICE NO.19/2025**

No.CAD-1432: Sealed tenders are invited from established and accredited Original Equipment Manufacturer (OEM)/ authorized dealers for Supply, Installation & Commissioning of "Signing Solution: Cryptographic Token Based eSign Solution" for Odisha Space Applications Centre, Bhubaneswar
For details, please visit Website https://orsac.odisha.gov.in and in the above office for the tender papers.

OIPR-28007/11/0021/2526 — **Sd./- CHIEF EXECUTIVE**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 5797/P.S.C., Dt. 12.08.2025**
**(IE-03-2025/26) (DR-II)**
Website - http://www.opsc.gov.in

**No.D-172** : It is for information of all concerned that the Written Examination for recruitment to the posts of **Assistant Professor (Board Speciality)**, under Health & Family Welfare Department in pursuant to Advertisement No. 03 of 2025-26 scheduled on **17.08.2025 is hereby postponed** in view of intimation received from Health and Family Welfare Department, Govt. of Odisha.
The revised date of the Examination will be notified very shortly. Candidates are advised to visit the website of the Commission regularly for further updates.

OIPR-12002/11/0290/2526 — **Sd./- Secretary**

**OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION**
**(Department of Health & FW, Govt. of Orissa)**
**Advt. No. 17/2025** **Date : 11.08.2025**
**Ref :- RFP No. Nirmal/Housekeeping/Bhadrak/14/2025 dated 28.07.2025**
**Corrigendum**

**No.E-306** : It is for information of all concerned, that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 13.08.2025 (05.00PM).Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 14. 08. 2025 at 11. 00 AM at O/o the CDM & PHO,Bhadrak.

OIPR-10123/11/0021/2526 — **Sd./- CDM & PHO, Bhadrak**

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆଞ୍ଚଳିକ ଚକଲା, ବାଣିଜ୍ୟକର ଭବନ, ସୁନ୍ଦରଗଡ଼, (ରାଉରକେଲା)–୭୬୯୦୧୨ (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ ଅଧୀନସ୍ଥ ଅର୍ଥ ବିଭାଗ, ଓଡ଼ିଶା ସରକାର) ଇ–ମେଲ୍:jcctsundargarh@odishatax.gov.in

**COMMERCIAL TAX & GST TERRITORIAL RANGE, BANIJYAKAR BHAWAN, SUNDARGARH (ROURKELA)-769012 (Under Commissionerate of CT & GST, Finance Department, Govt. of Odisha) Email Id:jcctsundargarh@odishatax.gov.in.**

**TENDER CALL NOTICE**
**Bid Reference No.1641/CT&GST, Dated 12.08.2025**

No.S-10:Bids in sealed cover are invited under two-bid systems from reputed and experienced Manpower Service Providers to provide services of 07 (Seven) nos. of outsource personnel for engagement as **i) Cleaner-cum-Sweeper for Guest House (01 No.), ii) Watchman-cum-Sweeper for Office (01 No.), iii) Office Peons (02 Nos.) and iv) Housekeeping Personnel (03 Nos.)** for a period of 01 (One) Year from the date of actual engagement in terms of Finance Department Circular No-49134/F dated 29.11.2010, No-28090/F dated 22.09.2017 & No-11835/F dated 31.03.2018 in the O/o the CT & GST Territorial Range Head, Sundargarh (At:Rourkela). The details of the bidding schedule are as follows:-

| Sl.No. | Bidding Schedule | Deadline | Schedule Date |
|---|---|---|---|
| 1 | Date of Issue | T | 12.08.2025 |
| 2 | Bid Due Date and Time | T+14 | 25.08.2025 |
| 3 | Opening of Technical Bid | T+15 | 26.08.2025 |
| 4 | Opening of Financial Bid | T+15 | 26.08.2025 |
| 5 | Date for commencement of deployment of required manpower | | 06.09.2025 |

Bidders are required to submit the Technical and Financial Bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed **"Bid for Outsource Personnel"** must reach the undersigned on or before **25.08.2025 by 5.30 P.M. by Speed Post/ Registered Post/ Courier** only.
The bid documents containing eligibility criteria, scope of the work, terms and conditions of the tender and draft agreement may be obtained from O/o **The CT & GST Territorial Range Head, Sundargarh (At:Rourkela)** on payment of non-refundable amount of Rs.500/- in form of **Demand Draft** in favour of **"The CT & GST Territorial Range Head, Sundargarh (At:Rourkela)"**, drawn in any scheduled commercial bank and payable at **Rourkela** on any working day within **25.08.2025** between 10.00 AM to 5.30 PM.
The Authority reserves the right to reject any or all bids and terminate the tender process without assigning any reason thereof.
**Complete address for Submission of Bid:**
**The CT & GST Territorial Range, Sundargarh (At: Rourkela), Uditnagar, Infront of Canara Bank, 769012, Rourkela, Sundargarh.**

**Sd./- Joint Commissioner of CT & GST Territorial Range, Sundargarh (At-Rourkela)**
OIPR-05023/11/0002/2526

**ସୂଚନା**

No.M–21:ଶ୍ରୀମତୀ ଛାୟାମଣି ମୁଣ୍ଡା, କନିଷ୍ଠ ତୃଣ ଉନ୍ନୟନ ଓଭରସିୟର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ଯୋଗାଯୋଗ ଠିକଣା: ବାପା–ସ୍ୱର୍ଗତ ନରସିଂହ ବାପୁଙ୍ଗା, ସା/ପୋ:ଭଣ୍ଡା, ଥାନା:ବରିଆ, ଜିଲ୍ଲା:କେନ୍ଦୁଝର ।
ଏତଦ୍ୱାରା ଆପଣଙ୍କୁ ସୂଚାଇ ଦିଆଯାଉଛି କି ଆପଣଙ୍କ ବିରୋଧରେ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ପତ୍ରସଂଖ୍ୟା ୧୩୧୪, ତାରିଖ ୩୦.୦୧.୨୦୨୪ ଏବଂ ପତ୍ରସଂଖ୍ୟା ୧୪୫୬୮ ତାରିଖ ୨୭.୦୯.୨୦୨୪ ଅନୁଯାୟୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡାଙ୍କର ତାରିଖ ୩.୧୧.୨୦୨୪ ର ତଦନ୍ତ ରିପୋର୍ଟକୁ ଆପଣ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ଉକ୍ତ ସୂଚନାଟି ପ୍ରକାଶିତ ହେବାର ୭ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡାଙ୍କ ଠାରୁ ଗ୍ରହଣ କରନ୍ତୁ ଏବଂ ଆପଣଙ୍କ ବିରୁଦ୍ଧରେ ପ୍ରସ୍ତାବିତ ଦଣ୍ଡ ସମ୍ବନ୍ଧରେ ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଆପଣଙ୍କ ଅଭିମତ ପ୍ରଦାନ କରନ୍ତୁ । ଅନ୍ୟଥା ଆଇନ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./– ଦୟା ସାଗର ଦୁରିଆ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡା
OIPR-06034/11/0002/2526

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-14/2025-26**
**Letter No.5840/KGM/Date.11.08.2025**

**No.C-861** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work : **Civil Work**
2. No. of Work : **1 No.**
3. Value of works : **Rs.11,90,000/-**
4. Date & Time of availability of Bid document in the portal : From **12.08.2025** at 11.00 A.M. up to **21.08.2025** at 5.30 P.M.
5. Date of Opening of bid in portal : **26.08.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

**Sd./- Executive Officer Keonjhargarh Municipality**
OIPR-13115/11/0047/2526

**ବିଜ୍ଞାପନ** No.D–171

(ଦୁର୍ଗପତି କାର୍ଯ୍ୟାଳୟ ନବମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ କଳାହାଣ୍ଡି)
ନାମ–ମାୟାଧର ଶବର
କନେଷ୍ଟବଲ ସଂଖ୍ୟା–୧୧
ପିତା–ଶ୍ରୀଯୁକ୍ତ ମଧୁସୂଦନ ଶବର
ଗ୍ରାମ/ପୋ.ଅ.–ବ୍ରାହ୍ମଣ ଛେଣ୍ଡିଆ
ଥାନା–ଧର୍ମଗଡ଼,ଜିଲ୍ଲା–କଳାହାଣ୍ଡି,ପିନ୍–୭୬୬୦୧୫

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା.୨୩.୧୦.୨୦୨୩ ରିଖ ଅପରାହ୍ନ ଠାରୁ ୩୦.୧୦.୨୦୨୩ ଅପରାହ୍ନ ପର୍ଯ୍ୟନ୍ତ ୦୪ ଦିନ ସାମୟିକ ଛୁଟି ଏବଂ ୦୩ ଦିନ ଅନୁମତି ଛୁଟି ସମୁଦାୟ ୦୭ (ସାତ ଦିନ) ଛୁଟି ନେଇଥିଲେ । ଆପଣ ଆପଣଙ୍କ କାର୍ଯ୍ୟରେ ତା.୩୧.୧୦.୨୦୨୩ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବା ବଦଳରେ କୌଣସି ସୂଚନା ନଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଆପଣ ଡାକ ଫେରାଇ ଦେଇଛନ୍ତି । ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ ଆପଣ କୌଣସି କଥାକୁ ଭ୍ରୂକ୍ଷେପ ନକରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁଁ ବାଟାଲିୟନରେ ବିଶୃଙ୍ଖଳା ସୃଷ୍ଟି ହେଉଛି ।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./–ଜିତେନ୍ଦ୍ର କୁମାର ଦେହୁରୀ
ଦୁର୍ଗପତି,
OIPR-12029/11/0097/2526 ନବମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ, କଳାହାଣ୍ଡି

**OFFICE OF THE GENERAL MANAGER, WATCO DIVISION, BERHAMPUR** No.C-859
e-mail : gmwatcobam@gmail.com / Ph. No. 06802233978
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. WATCOBAM-03/2025-26 DTD. 11.08.2025**

1. Name of work : Supply of spares for WILO Mather and Platt V.T. Pump of Berhampur water supply system.
2. Estimated cost : 42.83 Lakh (Approx.)
3. Period completion : 1 (One) month
4. Date & Time of availability of bid document in the Portal : From 11.00 Hrs. of Dt.11.08.2025 to 17.30 Hrs. of Dt.25.08.2025
5. Last date / Time for Bidding in the Portal : 17.30 Hrs. of Dt.25.08.2025
6. Date of opening of Tender : On Dt.26.08.2025 at 11.00 Hrs.
7. Name and address of the Officer inviting tender : General Manager, WATCO Division, Berhampur

Further details can be seen from the e-procurement Portal : https://tendersodisha.gov.in.

Sd./- General Manager WATCO Division, Berhampur
OIPR-13210/11/0003/2526

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-03/2025-26/Date:11.08.2025
**NOTICE INVITING TENDER**

**No.MM-157** : The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System, in "OFF LINE"** mode for procurement of different articles required for various forestry management as enlisted in the Annexure-II from eligible Firms/ Vendors/ Suppliers registered with the State Governments, Central Government/ M.E.S./ Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **12.08.2025 to 21.08.2025 within official hour (10 AM to 5.30 PM)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents. The bid along with relevant documents should reach in the O/o the Divisional Forest Officer, Dhenkanal Forest Division, AT/ PO/PS/ Dist. - Dhenkanal - 759001 on or before 15.10.2024 up to 5.30 PM through Registered / Speed Post / Courier Service or by hand only. The tender will be opened in the office of the undersigned on **22.08.2025 at 11.00 AM hrs.**

**Sd./- Divisional Forest Officer Dhenkanal Division**
OIPR-08037/11/0021/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
**e-Procurement Notice - Bid Identification No. - CEM/MDS-03/2025-26**
**No.A-494**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDS - 03/2025-26
5. Estimated Cost : Rs.39,17,926.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 16.08.2025 (10.00 A.M.) to dt. 30.08.2025 (5.30 P.M.)
8. Last date / time for receipt of bid in the portal : Dt. 30.08.2025 (up to 5.30 P.M.)
9. Date and Place of opening of Technical Bid : Dt.01.09.2025 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical O/o - Engineer-In-Chief, Secha Sadan, Bhubaneswar**
OIPR-32520/11/0055/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
**e-Procurement Notice - Bid Identification No. - CEM/MDC-15/2025-26**
**No.A-498**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 15/2025-26
5. Estimated Cost : Rs.35,16,239.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 16.08.2025 (10.00 A.M.) to dt. 30.08.2025 (5.30 P.M.)
8. Last date / time for receipt of bid in the portal : Dt. 30.08.2025 (up to 5.30 P.M.)
9. Date and Place of opening of Technical Bid : Dt.01.09.2025 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical O/o - Engineer-In-Chief, Secha Sadan, Bhubaneswar**
OIPR-32520/11/0060/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଟକ କ୍ୟାଣ୍ଟନ୍‌ମେଣ୍ଟରୋଡ୍‌ରେ ବୁଧବାର ଜୟଆଲୁକ୍କାସ୍‌ର ଏକ୍ସକ୍ଲୁସିଭ ଶୋ'ରୁମ୍ ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସୋଫିଆ ଫିର୍‌ଦୋସ୍, ମେୟର ସୁବାସ ଚନ୍ଦ୍ର ସିଂ, କର୍ପୋରେଟର ସତ୍ୟରାମ ସାହୁ, ଅଭିନେତ୍ରୀ ମାଳବିକା ଶର୍ମା, ପୁନମ ମିଶ୍ର, ଅନିଷା ଶର୍ମାଙ୍କ ସମେତ ଜୟଆଲୁକ୍କାସ୍‌ର ଇଡି ଥୋମାସ୍ ମାଥ୍ୟୁ,ସିଓଓ ହେନ୍‌ରୀ ଜର୍ଜ,ଡିଜିଏମ୍ (ରିଟେଲ) ରାଜେଶ କ୍ରିଷ୍ଣନ୍ ଏବଂ ଡିଜିଏମ୍ (ମାର୍କେଟିଂ) ଅନିଶ ଭର୍ଗିସ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର

**ଭୁବନେଶ୍ୱର,୧୩।୮ (ଅଭୟ ଦାଶ)**

କ୍ରମାଗତ ଭାବେ ଭିଡିଓ ସର୍ଭେଲାନ୍ସ ମାର୍କେଟର ଚାହିଦା ବୃଦ୍ଧି ପାଉଛି। ଏପରିକି ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର ରହିବ ବୋଲି ଆଶା କରାଯାଉଛି। ବିଶେଷକରି ଏହା ଜନସାଧାରଣଙ୍କ ସୁରକ୍ଷା ଚିନ୍ତା ଓ ଇଣ୍ଟେଲିଜେଣ୍ଟ ସିଷ୍ଟମଗୁଡିକର ଗ୍ରହଣୀୟତାରେ ବୃଦ୍ଧି ଦ୍ୱାରା ତ୍ୱରାନ୍ୱିତ ହେଉଛି। ଅପରପକ୍ଷରେ ଡବ୍ଲ୍ୟୁଡି ପର୍ପଲ ଷ୍ଟୋରେଜ ସଲ୍ୟୁଶନଗୁଡିକ ଭାରତରେ ଏହି ବ୍ୟାପକତାକୁ ସକ୍ଷମ କରୁଛି, ଯାହା କେବଳ ଉଚ୍ଚ କ୍ଷମତାସମ୍ପନ୍ନ ନୁହେଁ ବରଂ ଟ୍ରାଫିକ୍, ହବ୍, ପବ୍ଲିକ ପାର୍କ କିମ୍ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭଳି ବିବିଧ ପରିବେଶରେ ମଧ୍ୟ ବ୍ୟବହାର କରିବା ପାଇଁ ଉପଯୁକ୍ତ ବୋଲି କୁହାଯାଉଛି। ସେହିଭଳି ୱେଷ୍ଟର୍ନ ଡିଜିଟାଲରୁ ଆସିଥିବା ଡବ୍ଲ୍ୟୁଡି ପର୍ପଲ ଓ ଡବ୍ଲ୍ୟୁଡି ପର୍ପଲ ପ୍ରୋ ଭାରତର ବିକଶିତ ସ୍ମାର୍ଟ ସିଟି ସର୍ଭେଲାନ୍ସ ଇକୋସିଷ୍ଟମର କେନ୍ଦ୍ରରେ ରହିଛି। ଏହା ସହରାଞ୍ଚଳ ଭିତ୍ତିଭୂମିରେ ୨୪/୭ ଭିଡିଓ ରେକର୍ଡିଂ, ବାସ୍ତବ ସମୟର ବିଶ୍ଳେଷଣ, ଦୀର୍ଘକାଳୀନ ଡାଟା ସଂରକ୍ଷଣକୁ ସକ୍ଷମ କରୁଛି। ୨୦୧୫ରେ ସ୍ମାର୍ଟସିଟି ମିଶନର ଶୁଭାରମ୍ଭ ସହିତ ଭାରତରେ ସହରଗୁଡ଼ିକର ପରିଚାଳନା ଏବଂ ନାଗରିକଙ୍କୁ ସେବା ପ୍ରଦାନ କରିବାର ଶୈଳୀକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ସୁଦ୍ଧା ୧.୪୭ ଲକ୍ଷ କୋଟି ଟଙ୍କାର ନିବେଶ ସହ ମୋଟ ୮୦୭୫ ପ୍ରକଳ୍ପ ମଧ୍ୟରୁ ୭୩୮୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକଳ୍ପଗୁଡିକରେ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ, ଏଆଇ-ସକ୍ଷମ ଅପରାଧ ତଦାରଖ ଏବଂ ସମନ୍ୱିତ ପରିବହନ ବ୍ୟବସ୍ଥା ସାମିଲ ରହିଛି। ଏସବୁ କିଛି ଏକ ମୌଳିକସ୍ତରର କାର୍ଯ୍ୟ ଭାବେ ଭିଡିଓ ନିରୀକ୍ଷଣ ଉପରେ ନିର୍ଭର କରୁଛି। ଷ୍ଟାଣ୍ଡାର୍ଡ କଞ୍ଜ୍ୟୁମର କିମ୍ବା ଏଣ୍ଟରପ୍ରାଇଜ ଡ୍ରାଇଭଗୁଡିକ ବିପରୀତରେ ଡବ୍ଲ୍ୟୁଡି ପର୍ପଲର ଡ୍ରାଇଭଗୁଡିକୁ ନିରନ୍ତର ଭିଡିଓ କ୍ୟାପ୍ଟରର ଚାହିଦା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧୩।୮:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୪ (୩୦୪.୩୨) ପଏଣ୍ଟ ବୃଦ୍ଧି ଘଟି ୮୦,୫୪୦ (୮୦,୫୩୯.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୨ (୧୩୧.୯୫) ପଏଣ୍ଟ ବଢି ୨୪,୬୧୯ (୨୪,୬୧୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## ୭୯ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ରାମଚନ୍ଦ୍ର ଦାସ**
ଶ୍ରୀରାମନଗର ଓଲ୍ଡଟାଉନ୍, ଭୁବନେଶ୍ୱର

ଆଜି ତୁମର ଜନ୍ମଦିନରେ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ଲିଙ୍ଗରାଜ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଚଳାପଥ କୁସୁମିତ କରନ୍ତୁ।

ଧ-1642


# ମହିଳାଙ୍କୁ ସୁରକ୍ଷା ଦେବ ଅଜନ୍ତା ସ୍ମାର୍ଟ ସୁଜ୍




## ଡିଲର୍ସ ମିଟ୍‌ରେ ୩୫୦ ଜୋତା ପ୍ରଦର୍ଶିତ

**ଭୁବନେଶ୍ୱର,୧୩।୮(ଅନୁରାଧା ମହାରଣା)**

ମହିଳାଙ୍କ ସୁରକ୍ଷାରେ ଅଜନ୍ତା ସ୍ମାର୍ଟ ସୁଜ୍ ସହାୟକ ହେବ। ଭାରତୀୟ ଫୁଟ୍‌ୱେର ଶିଳ୍ପରେ ଅଗ୍ରଣୀ ପ୍ରତିଷ୍ଠାନ ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବୁଧବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଡିଲର ମିଟ୍‌ରେ ଏହାର ଭାଇସ୍ ପ୍ରେସିଡେଣ୍ଟ(ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଧର୍ମବୀର ଜୈନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍ମାର୍ଟ ଜୋତା ବ୍ୟକ୍ତିଙ୍କ ଫୋନ୍ ସହ କନେକ୍ଟେଡ୍ ରହିବ। ଉକ୍ତ ଜୋତା ପିନ୍ଧିଥିବା ବ୍ୟକ୍ତି କଲ୍ କରିପାରିବେ, ମୋବାଇଲର କ୍ୟାମେରାକୁ ନିୟନ୍ତ୍ରଣ କରିପାରିବେ। ଏହା ସହ ଦୈନିକ ଫୁଟ୍ ଷ୍ଟେପ୍ ଗଣନାରେ ମଧ୍ୟ ଏହା ସହାୟକ ହେବ। କୌଣସି ଜରୁରିକାଳୀନ ପରିସ୍ଥିତିରେ ମହିଳାମାନେ ନିଜର ଲୋକେଶନ ପରିବାର କିମ୍ବା ବନ୍ଧୁଙ୍କୁ ଏହି ଜୋତା ମାଧ୍ୟମରେ ଶେୟାର କରିପାରିବେ। ଏପରିକି ଆପଣଙ୍କ ଫୋନ୍ କେଉଁଠି ହଜିଯାଇଥିଲେ ତାହାକୁ ଠାବ ମଧ୍ୟ କରାଯାଇପାରିବ। ଏହି ଜୋତା ପାଦକୁ ମସାଜ ମଧ୍ୟ କରିପାରିବ। ଭାରତରେ ପ୍ରଥମଥର ପାଇଁ ଏପରି ସ୍ମାର୍ଟ ସୁଜ୍ ଉପଲବ୍ଧ ହେବାକୁ ଯାଉଥିବାବେଳେ ଏହାର ଦାମ ୯୯୯୯ଟଙ୍କା ରହିଛି। ତେବେ ଏହି ଜୋତା କେବଳ ମହିଳା ନୁହେଁ ବରଂ ପୁରୁଷଙ୍କ ପାଇଁ ମଧ୍ୟ ଉପଲବ୍ଧ ହେଉଛି। ଜୋତାକୁ ୨ ଘଣ୍ଟା ଚାର୍ଜ କଲେ ପ୍ରାୟ ୪୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରିହେବ। ଆୟୋଜିତ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ଡିଲରମାନେ ଏକତ୍ରିତ ହୋଇ କମ୍ପାନୀର ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ରଣନୀତିକୁ ଆଗେଇନେବା ପାଇଁ ଆଲୋଚନା କରିଛନ୍ତି। ଏହାସହ ୩୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଜୋତା ଓ ଚପଲ ପ୍ରଦର୍ଶିତ ହୋଇଛି। କମ୍ପାନୀ ୨୦୨୬ରେ ୭୦ତମ ବାର୍ଷିକୀ ପାଳନ କରିବାକୁ ଯାଉଛି ଏବଂ ଏହା ସହ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ୨୦୨୮ ସୁଦ୍ଧା ୧,୦୦୦ କୋଟି ଟଙ୍କା ଆୟ ହାସଲ କରିବା ଲକ୍ଷ୍ୟ ରଖିଛି। ୩୫% ବାର୍ଷିକ ବୃଦ୍ଧି ହାର (ସିଏଜିଆର୍) ସହ ଜାତୀୟ ସ୍ତରରେ ଶୀର୍ଷ ଫୁଟ୍ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପନ କରିବାକୁ ଚାହୁଁଛି। ଓଡ଼ିଶାର ହାୱାଇ ଚପଲ ବଜାରରେ ୪୦% ଅଂଶୀଦାର ହାସଲ କରିଥିବା ଅଜନ୍ତା ସୁଜ୍ ପଶ୍ଚିମବଙ୍ଗ, ଓଡ଼ିଶାରେ ନିଜର ଉପସ୍ଥିତିକୁ ଦୃଢ଼ କରୁଛି ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଦକ୍ଷିଣାଞ୍ଚଳରେ ଉଚ୍ଚ ସମ୍ଭାବନା ଥିବା ବଜାରକୁ ଟାର୍ଗେଟ କରୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର(ସେଲ୍‌ସ) ପାର୍ଥ ଦାସଗୁପ୍ତା, ଜୋନାଲ ସେଲ୍‌ସ ମ୍ୟାନେଜର ନିକୁଞ୍ଜ ମହାରାଜ, ରିଜିଓନାଲ ସେଲ୍‌ସ ମ୍ୟାନେଜର ଅମରେଶ ତ୍ରିପାଠୀ, ସେଲ୍‌ସ ମ୍ୟାନେଜର ସିଦ୍ଧାର୍ଥ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲ ପରିବହନରେ ପୂର୍ବତଟ ରେଳପଥ ପ୍ରଥମ



## ୧୩୪ ଦିନରେ ୧୦୦ ଏମ୍‌ଟି

**ଭୁବନେଶ୍ୱର,୧୩।୮(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (ଏମ୍‌ଟି) ମାଲ ପରିବହନ ରେକର୍ଡ ହାସଲ କରିଛି। ଗତ ବର୍ଷ ତୁଳନାରେ ଏହା ୧୦.୭% ବୃଦ୍ଧିକୁ ଦର୍ଶାଉଛି। ସମାନ ପରିମାଣର ମାଲ ପରିବହନ ପାଇଁ ଗତବର୍ଷ ପୂର୍ବତଟ ରେଳପଥକୁ ୧୪୮ ଦିନ ଲାଗିଥିଲା। ପୂର୍ବତଟ ରେଳପଥ ଅଗଷ୍ଟ ୧୨ ସୁଦ୍ଧା ଏହି ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି। ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ରହିଛି। ଚଳିତ ବର୍ଷ ୫୭.୭୩୪ ଏମ୍‌ଟି କୋଇଲା ଲୋଡ୍ କରିଥିବାବେଳେ ଗତ ବର୍ଷର ସମାନ ସମୟରେ ୫୫.୧୭ ଏମ୍‌ଟି ତୁଳନାରେ ୪.୬% ଅଧିକ । ସେହିପର ଏହା ୨୫.୯୮୪ ଏମ୍‌ଟି ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ ୨୧.୭୫୮ ନିୟୁତ ଟନ ଥିଲା ଏହା ୧୯.୪% ବୃଦ୍ଧିକୁ ପ୍ରତିଫଳିତ କରୁଛି । ଏହାସହ ୦.୪୦୯ ଏମ୍‌ଟି ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ ୦.୩୦୮ ନିୟୁତ ଟନ୍ ତୁଳନାରେ ୩୨.୮% ବୃଦ୍ଧି। ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିକୁ ଦର୍ଶାଉଛି। ଏହି ସଫଳତା ସହ ପୂର୍ବ ତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି।

# Classified Everyday
0674-2580101, 9692975378



**REAL ESTATE**

**SALE**

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର AIIMS Medical ପାଖରେ B.D.A Town Planning, Road 30ft., Electricity, Yellowzone ଘରବାଡ଼ି ପାଚେରୀ ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D-1635

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**EDUCATION**

Home tution available for Class 1-7, GGP Colony, Rasulgarha. Contact- 9861584808. D-1643

**LOST**

I, Saroj Sahu, S/o. Late Sitanath Sahu, R/o. Village- Golaknagar, P.O.- Godbhaga, P.S.- Burla, Dist.- Sambalpur (Odisha), declare that my father was the recorded owner of Chaka Khata No. 1215/17 of mouza- Kalamati and he had been issued with a ROR Patta. That, I have lost the above mentioned original ROR patta somewhere while I was travelling from Godbhaga to Sambalpur on dt. 08.08.2025. I could not find it out inspite of my best effort. D-1641

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1132 date 12.08.25, I Abhimanyu Dhala, R/o. Village- Lundaberuni, P.O.- Balasinga, P.S./ Dist.- Boudh, Odisha, Pin- 762014 declare that I have changed my name from Abhimayu Dhal to Abhimanyu Dhala. Henceforth I shall be known as Abhimanyu Dhala for all purposes.
Abhimanyu Dhala
D-1639

By virtue of an affidavit sworn before the Executive Magistrate, Jharsuguda on dtd. 03/03/2025, I Arun Sa, S/o - Giridhari Sa, R/o. Village/P.O.- M. Katapali, P.S.- Rengali, Dist.- Jharsuguda ( Odisha) declared that, My son's name is PRASANTA SA but wrongly mentioned as PEASANTA SA in his Aadhaar card. Both the name relates to one and same person i. e. my son only.
Sd/- Arun Sa
D-1638


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By virtue of affidavit sworn before the Executive Magistrate, Jharsuguda on dtd. 27/01/2025, I KISHORI BISI, W/o.- Niku Bishi & D/o- Pandaba Bishi, R/o. Village/P.O. - Rajpur, P.S.- Brajrajnagar, Dist.- Jharsuguda (Odisha) declared that, Kishori Bishi, Kishori Dei & Kishori Kandara is the name of one and same person i.e the name of myself only.
Sd/- Kishori Bishi
D-1637

By virtue of an affidavit sworn before Notary Public, Nuabhandri, dated - 12.08.2025 I, Suryakanta Majhi, Address- At- Nuabhandri, P.O.- Bandapipili, Block- Kotagarh, P.S.- Kotagarh, Dist.- Kandhamal, State- Odisha, declare that I have changed my name from Surya Majhi to Suryakanta Majhi. Henceforth, I shall be known as Suryakanta Majhi for all purposes.
Suryakanta Majhi
D-1644

I, Sangram Kishore Rout, S/o- Kulamani Rout, At- Panamurga, P.O.- Ghatipiri, P.S.- Sadar, Dist.- Dhenkanal- 759015, Odisha, have changed my minor son name from Saubhagya Jena to Saubhagya Rout dated- 01.08.2025 before Executive Magistrate, Dhenkanal. D-1640

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ଂପ୍ରମୋଦ କୁମାର ସାହୁ**
(ଆଡଭୋକେଟ କ୍ଲର୍କ)
କୁଣ୍ଡେଇ ବେଣ୍ଟ ସାହି, ଲବଣିଖିଆ ଛକ, ପୁରୀ
ଆବିର୍ଭାବ: ୦୫।୦୨।୧୯୬୫
ତିରୋଧାନ: ୨୪।୦୮।୨୦୨୪

ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପତ୍ନୀ, ବିନୋଦିନୀ ସାହୁ, କନ୍ୟା ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ, ଜାମାତା- ଦିଲ୍ଲୀପ, ନାତି- ପ୍ରାଂଶୁ, ପୁତୁରା- ପୁତୁରା ବୋହୂ, ଝିଆରୀ- ଝିଆରୀଜ୍ୱାଇଁ, ନାତି ନାତୁଣୀ, ପରିବାର ଓ ବନ୍ଧୁବର୍ଗ।

ଧ-୧୬୩୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂଶଶୀକାନ୍ତ ଦାସ**
କନିକାପଡା, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୮।୧୯୬୭
ତିରୋଧାନ: ୧୪।୦୮।୨୦୨୪

ଚାହୁଁ ଚାହୁଁ ବର୍ଷଟେ ବିତିଗଲା...କାହାକୁ କହିବି ଏ
ଦର୍ଦଭରା ବୁକୁର ବେଦନା...କେମିତି ଭୁଲିବି ତୁମକୁ ?
ତୁମେ ଗଲା ପରେ ନିଃସଙ୍ଗତା ସହ ବନ୍ଧୁତା ଦେଇଛି ଯୋଡି,
ଭାଙ୍ଗି ତ ଯାଇଛି ପକ୍ଷ ଦୁଇ ମୋର ଟିକେ ଉଠେ, ଟିକେ ପଡ଼ି,
ଜୀବନ ବିତୁଛି ସଂଘର୍ଷରେ ମୋର ହିସାବ କରୁଛି ବସି
କେତେ ଯେ ହାରିଛି କେତେ ଯେ ଜିତିଛି,
କେତେ ବା ପାଉଛି ଖୁସି ?

ଚିରଦୁଃଖିନୀ ଓ ହତଭାଗିନୀ ପତ୍ନୀ,
ସ୍ୱପ୍ନାରାଣୀ ଦାସ(ମିନୁ)

ଧ-୧୬୪୫

# ଏନ୍‌ଆଇସିରେ ହସ୍ତତନ୍ତ ପ୍ରଦର୍ଶନୀ



**ଭୁବନେଶ୍ୱର,୧୩।୮**

ଫେଶନ୍ ସମ୍ବଲପୁରୀରେ ଜାତୀୟ ହସ୍ତତନ୍ତ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫେଶନ୍ ସମ୍ବଲପୁରୀ ପକ୍ଷରୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅଡ଼ିଟୋରିଅମ୍ ଭୁବନେଶ୍ୱରରେ ହସ୍ତତନ୍ତ ପ୍ରଦର୍ଶନୀ ସହ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅସରରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଫେଶନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ତଥା ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଫେଶନ୍ ସମ୍ବଲପୁରୀର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କ ସମେତ ଏନ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ଦ୍ୱାରା କଣ ସବୁ ଉପକାରିତା ମିଳିଥାଏ, ସେଇ ସବୁ କଥା ଏହି ଆଲୋଚନାର ବିଷୟବସ୍ତୁ ଥିଲା। ଜଣେ ବୁଣାକାର ସୁତା କାଟି, ପ୍ରାକୃତିକ ରଙ୍ଗ ବ୍ୟବହାର କରି, ଅରଟରେ ଅନେକ ଶ୍ରମ ଦେଇ ଲୁଗା ଟିଏ ବୁଣିଥାଏ, ଯାହା ଫଳରେ ସମ୍ବଲପୁରୀ ବସ୍ତ୍ର ଆଜି ବିଶ୍ୱ ବିଖ୍ୟାତ ହୋଇପାରିଛି। ଜଣେ ସରକାରୀ ଅବା ବେସରକାରୀ କର୍ମଚାରୀ, ଆମ ରାଜ୍ୟରେ ପ୍ରସ୍ତୁତ ହେଉଥିବା ବସ୍ତ୍ରଟିଏ ପରିଧାନ କଲେ ତାହା ପ୍ରଚାର ଓ ପ୍ରସାର ହେବା ସହିତ ଜଣେ ଶିଳ୍ପୀ ବା ବୁଣାକାରଙ୍କ ପ୍ରତି ପ୍ରୋତ୍ସାହନ ଯୋଗାଇପାରିବ। ଫେଶନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ସାଜିଥିବା ଅଶ୍ରୁମୋଚନ ମହାନ୍ତି ମଧ୍ୟ ହସ୍ତତନ୍ତ ପ୍ରତି କେତେ ଆକୃଷ୍ଟ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ। ସେ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବାରୁ ଖଦୀ ପ୍ରତି ପିଲାଟି ଦିନରୁ ଆଗ୍ରହ ଥିବା କଥା କହିଥିଲେ ଏବଂ ପ୍ରାୟ ୨ହଜାରରୁ ଅଧିକ ଗାଁ ବୁଲି ବୁଲି ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବା ପାଇଁ ସେ ଚେଷ୍ଟା କରିଛନ୍ତି। ଫେଶନ୍ ସମ୍ବଲପୁରୀ ପ୍ରତ୍ୟେକ ଆବାସିକ କଲୋନୀକୁ ଯାଇ ଲୋକଙ୍କ ଦ୍ୱାର ଦେଶରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବାର ପ୍ରଚେଷ୍ଟା ଜାରି ରଖିଥିବାବେଳେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଡିଟୋରିମ୍‌ରେ ଏକ ହସ୍ତତନ୍ତ ପ୍ରଦର୍ଶନୀ କରିଥିଲେ। ଏହି ପ୍ରଦର୍ଶନୀଦ୍ୱାରା କର୍ମଚାରୀମାନେ ବେଶ ଆନନ୍ଦିତ ହେବା ସହିତ ଉପକୃତ ମଧ୍ୟ ହୋଇଥିଲେ।

# ପ୍ରଥମ ତ୍ରୈମାସରେ ୭୭୭.୪ କୋଟିର ରାଜସ୍ୱ

**ଭୁବନେଶ୍ୱର,୧୩।୮**

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ(ଏପିବି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ଏବଂ ଆଗାମୀ କାର୍ଯ୍ୟପନ୍ଥାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ତ୍ରୈମାସିକରେ ବ୍ୟାଙ୍କର ବାର୍ଷିକ ରାଜସ୍ୱ ୩୦୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଏହାକୁ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବ୍ୟାଙ୍କରେ ପରିଣତ କରିଛି। ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ବାର୍ଷିକ ୨୭.୫% ବୃଦ୍ଧି ସହ ୭୭୭.୪ କୋଟି ଟଙ୍କାର ରାଜସ୍ୱ ହାସଲ କରିଥିବାବେଳେ ଏହାର ନେଟ ପ୍ରଫିଟ/ଶୁଦ୍ଧ ଲାଭ ୪୪.୪% ବୃଦ୍ଧି ହୋଇ ୧୦.୪ କୋଟି ଟଙ୍କା ଏବଂ ଏବିଟଡା ୮୧.୮ କୋଟି ଟଙ୍କା ରହିଛି, ଯାହା ଦୃଢ ପରିଚାଳନାଗତ ପ୍ରଦର୍ଶନ ଓ ଦ୍ରୁତ ଗ୍ରାହକ ଗ୍ରହଣୀୟତା ଦ୍ୱାରା ପରିଚାଳିତ ଏକ ବାର୍ଷିକ ୩୦% ବୃଦ୍ଧିକୁ ପ୍ରତିଫଳନ କରୁଛି। ଏହି ଅବଧିରେ ଗ୍ରାହକଙ୍କ ଜମା ପରିମାଣ ବାର୍ଷିକ ଆଧାରରେ ୨୭.୨% ବୃଦ୍ଧି ହୋଇ ୩୭୪୩ କୋଟି ଟଙ୍କା ଏବଂ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ ମର୍ଚ୍ଚାଣ୍ଡାଇଜ୍ ଭାଲ୍ୟୁ (ଜିଏମଭି) ୪୨୬୦ ବିଲିୟନ ଟଙ୍କା ରହିଛି।

# ଟାଇଗରଙ୍କ ଗୁରୁ ଦକ୍ଷିଣା


ଟାଇଗର

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିରହିଛନ୍ତି। କେବେ ସେହି ଶୁଭ ଦିନ ଆସିବ। ଅବଶ୍ୟ ତାହା ଯେତିକି ପାଖେଇ ଆସୁଛି, ତାଙ୍କର ଉତ୍କଣ୍ଠା ସେହି ଅନୁସାରେ ବଢ଼ି ବଢ଼ି ଚାଲିଛି। କଥା କ'ଣ କି ସେ ଖୁବ୍ ଶୀଘ୍ର ଗୁରୁ ଦକ୍ଷିଣା ଦେବାକୁ ଯାଉଛନ୍ତି। ହେଲେ କିଏ ତାଙ୍କର ଗୁରୁ ଆଉ ଦକ୍ଷିଣାଟି କ'ଣ ? ଅସଲ କଥା ହେଲା ସେ ଅଭିନୟ କରିଥିବା 'ବାଗୀ ୪' ଆସନ୍ତା ମାସ ୫ ତାରିଖ ଅର୍ଥାତ୍, ଗୁରୁ ଦିବସରେ ହିଁ ରିଲିଜ ହେବାକୁ ଯାଉଛି। ଆଉ ଏହି ପବିତ୍ର ଦିବସରେ ସେ ନିଜ ଗୁରୁଙ୍କୁ ଏହାକୁ ଦକ୍ଷିଣା ସ୍ୱରୂପ ଦେବେ। ହେଲେ ତାଙ୍କର ଗୁରୁ କିଏ ଜାଣିବେନି ? ସେ ଆଉ କେହି ନୁହନ୍ତି ତାଙ୍କର ପାପା ତଥା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫ। ଏ ବିଷୟରେ ଟାଇଗର କହନ୍ତି, 'ମୋ ପାପା ହିଁ ହେଉଛନ୍ତି ମୋର ପ୍ରକୃତ ଗୁରୁ। ତାଙ୍କ ନିକଟରୁ ମୁଁ ଅଭିନୟ ଶିଖିଛି। ତେଣୁ ଏଥର ଗୁରୁ ଦିବସରେ 'ବାଗୀ ୪' ଫିଲ୍ମଟି ହେଉଛି ତାଙ୍କ ପାଇଁ ଗୁରୁ ଦକ୍ଷିଣା।'' ସାଜିଦ ନାଦିୱାଦୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଆକ୍ସନଭିତ୍ତିକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏ. ହର୍ଷ। ଏଥିରେ ଟାଇଗରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ ଏବଂ ସୋନମ ବାଜୱା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।

# ଭୁଲି ପାରିବେନି ସାଇ


ସାଇ

ଦକ୍ଷିଣ ଭାରତୀୟ ସିନେମାରେ ସାଇ ପଲ୍ଲବୀ ଜଣେ ପରିଚିତା ଅଭିନେତ୍ରୀ। ଡାକ୍ତରୀ ପାଠ ପଢ଼ିଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କ ରୁଚି ପିଲାଟି ଦିନରୁ ଥିଲା। ଇତିମଧ୍ୟରେ ସେ ଅନେକ ତେଲୁଗୁ, ତାମିଲ ଏବଂ ମାଲୟାଲମ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ହେଲେ ନିଜ ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ଘଟଣା ବିଷୟରେ ସେ ନିକଟରେ ସୂଚନା ଦେଇଥିଲେ। ତାହା କ'ଣ ଜାଣନ୍ତି ? ନିର୍ମାଣାଧୀନ ପୌରାଣିକ ହିନ୍ଦୀ ସିନେମା 'ରାମାୟଣ'ରେ ଅଭିନୟ କରିବା। ଏହି ବିଗ୍ ବଜେଟ୍ ଫିଲ୍ମରେ ସେ ସୀତା ଭୂମିକାରେ ଦେଖିବାକୁ ମିଳିବେ। ଏ ବିଷୟରେ ସାଇ କହନ୍ତି, ''ରାମୟଣ ପରି ବିଷୟବସ୍ତୁ ଆଉ ସୀତା ଚରିତ୍ର- ଏଭଳି ସୁଯୋଗ ଭାଗ୍ୟରେ ଥିଲେ ମିଳେ। କେବଳ ସେତିକି ନୁହେଁ, ସେହି ଚରିତ୍ରକୁ କିପରି ମୁଁ ଶତ ପ୍ରତିଶତ ଜଷ୍ଟିସ ଦେଇପାରିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ନେଇଥିଲି। ଏହାର ଶୁଟିଂ ସମୟରେ ଯେତେବେଳେ ମୁଁ ସୀତା ଗେଟଅପ ନେଇ ସାରିଲି ମୋ ଆଖିରେ ଲୁହ ଆସି ଯାଇଥିଲା। ଏହି ଭୂମିକାଟି ମୋର ସାରା ଜୀବନ ସ୍ମରଣୀୟ ହୋଇ ରହିବ।'' ରଣବୀର କପୁର (ରାମ), ୟଶ (ରାବଣ), ସନ୍ନି ଦେଓଲ (ହନୁମାନ) ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି।

# କେବଳ ଅପେକ୍ଷା...

ନୂଆ ଓଡ଼ିଆ ସିନେମା 'ଦର୍ପଣ' ଏବେ ରିଲିଜ ଅପେକ୍ଷାରେ ରହିଛି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ।

**ପରଦା ପଛରେ..**

# ଭଲ ସିନେମାକୁ ସବୁବେଳେ ଗୁରୁତ୍ୱ ଦେଉ

### ଦର୍ଶକାଦୃତ ନିର୍ଦ୍ଦେଶକ ଯୋଡି ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଲ ମୌର୍ଯ୍ୟ ଓଡ଼ିଆ ସିନେମା ସମ୍ପର୍କରେ ଯାହା କହନ୍ତି....


ଦେବୀ ପ୍ରସାଦ ବିଶାଲ

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ 'ଦମନ' (୨୦୨୨)ର ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ଏହି ସିନେମାଟି ସେମାନଙ୍କୁ ଯେତିକି ପରିଚୟ ଦେଇଛି ତାହାକୁ ଆଧାର କରି ସେମାନେ ଏବେ ଆଉ କେତୋଟି ଚିତ୍ର ନିର୍ମାଣ କରୁଛନ୍ତି। ତେବେ ନିକଟରେ ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ଏହି ଯୋଡ଼ିକୁ ପୁରସ୍କୃତ କରାଯାଇଥିଲା। ଏଭଳି ଏକ ସମୟରେ ଦୁହେଁ ଓଡ଼ିଆ ସିନେମାକୁ ନେଇ ନିଜର ଅନୁଭୂତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ''ଯେତେବେଳେ ଆମେ 'ଦମନ' ନିର୍ମାଣ କଲୁ ସେତେବେଳେ ଏହାକୁ କିପରି ଏକ ଭଲ ସିନେମା କରାଯାଇ ପାରିବ ସେ ନେଇ ଦିନ ରାତି ଏକାଠି କରିଦେଇଥିଲୁ। ଆଉ ଏଥିରେ ବାବୁସାନ ଏବଂ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ସିନେମାଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଥିଲା। ପୁରସ୍କାର ଆମ ପାଇଁ ପ୍ରେରଣା। ଦର୍ଶକ ଆମକୁ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ଆଧାର କରି ଆମେ ଆଗକୁ ଆଗଉଛୁ। ଆମ ନିର୍ଦ୍ଦେଶନାରେ 'ମୁରବୀ' ସିନେମାର ଶୁଟିଂ ଶେଷ ହୋଇଛି। ଖୁବ୍ ଶୀଘ୍ର ଆଉ ଏକ ନୂଆ ସିନେମା 'ଲ୍ୟାଣ୍ଡଫଲ୍' ନିର୍ମାଣ ହେବ। ବର୍ତ୍ତମାନ ଭଲ ଓଡ଼ିଆ ସିନେମାର ନିର୍ମାଣ ଧାରା ଫେରିଛି କହିଲେ ଆଦୌ ଭୁଲ ହେବ ନାହିଁ। ଗତ କିଛି ବର୍ଷ ଭିତରେ ବେଶ୍ କେତୋଟି ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଆମ ସିନେମା ଏବେ ଲଗାତର ପୁରସ୍କାର ହାସଲ କରୁଛି। ଭଲ ସିନେମାଟିଏ ନିର୍ମାଣ କଲେ ଦର୍ଶକ ତାହାକୁ ନିଶ୍ଚୟ ଦେଖିବେ ବୋଲି କହନ୍ତି ବିଶାଲ।''

# କାହାକୁ ଡରନ୍ତି ଆଲିୟା



ଆଲିୟା ଭଟ୍ଟ ଗୋଟିଏ କଥାକୁ ଭାରି ଡରନ୍ତି। ତାହା ହେଲା କୁକୁର। ଏପଟେ ସେ ପଶୁ ସୁରକ୍ଷା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। କେବଳ ସେତିକି ନୁହେଁ, ଘରେ ବିଲେଇ ପାଳିଛନ୍ତି। ହେଲେ କୁକୁରଙ୍କୁ ତାଙ୍କର ଭାରି ଭୟ। ଏ ବିଷୟରେ ସେ କହନ୍ତି, ''କୁକୁରକୁ କାହିଁକି ମୁଁ ଭୟ କରେ ତାହା ପଛରେ ଏକ କାରଣ ରହିଛି। ଏକଦା ସ୍କୁଲରେ ପଢ଼ିବା ବେଳେ ମୋତେ ଏକ କୁକୁର ଭୁକି ଭୁକି କିଛି ବାଟ ଗୋଡ଼ାଇଥିଲା। ଆଉ ସେହି ଦିନୁ କୁକୁର ପ୍ରତି ମୋ ମନରେ ଭୟ ରହିଆସିଛି। ଏବେ ମଧ୍ୟ କୁକୁରଟିଏ ଦେଖିଲେ ମୋ ମନରେ ଛନକା ପଶିଯାଏ।'' ଅଭିନୟ ବ୍ୟତୀତ ଆଲିୟାଙ୍କର ଏକ ଖେଳ ପ୍ରତି ରୁଚି ରହିଛି। ତାହା ହେଲା ହ୍ୟାଣ୍ଡବଲ୍। ଏକ ଖାସ୍ କଥା ଜାଣନ୍ତି ? ତାଙ୍କ ପିଲାଦିନର ଅନେକ ସ୍ମୃତିକୁ ସେ ଏପର୍ଯ୍ୟନ୍ତ ସାଇତି ରଖିଛନ୍ତି। ସେ ଯେତେବେଳେ ଅଭିନୟ ଆରମ୍ଭ କଲେ ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'ରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ସେ ଯେଉଁ ବିଲେଇ ପାଳିଛନ୍ତି ତାହାର ନାମ ହେଲା ଏଡୱାର୍ଡ। ଟିକେ ଟିକେ କଥାରେ ସେ ଇମୋଶନାଲ ହୋଇପଡ଼ନ୍ତି। ମିଛ କହିବାକୁ ସେ ଭାରି ଘୃଣା କରନ୍ତି। ବର୍ତ୍ତମାନ ସଞ୍ଜୟ ଲୀଳା ଭଁସାଲିଙ୍କ ନିର୍ମାଣାଧୀନ ଫିଲ୍ମ 'ଲଭ୍ ଆଣ୍ଡ ୱାର'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର।

# ସୂତା ଖିଅର ଡୋର...

ମଣିଷ ଯାହା ଭାବୁଥାଏ ତାହା ବେଳେବେଳେ ସତରେ ପରିଣତ ହୁଏ। ଏଥିଲାଗି କେତେବେଳେ ଅପେକ୍ଷା କରିବାକୁ ପଡ଼େ ତ ପୁଣି କେତେବେଳେ ତାହା ଶୀଘ୍ର ସତ ହୋଇଥାଏ। ଠିକ୍ ସେହିଭଳି ଏକ ମନଲାଖି କାହାଣୀକୁ ଆଧାର କରି ସିନେମାଟିଏ ନିର୍ମାଣ କରିବାକୁ ଯୋଜନା କରୁଥିଲେ ଅର୍ଦ୍ଧେନ୍ଦୁ ସାହୁ। ଆଉ ଏବେ ତାହା ସତରେ ପରିଣତ ହୋଇଛି। ଏହି ଚିତ୍ରଟିର ଟାଇଟଲ ରହିଛି 'ଚ୍ୟାଲେଞ୍ଜ'। ଏଥିରେ ଆକ୍ସନ, ଇମୋଶନ, ଫ୍ୟାମିଲ ଡ୍ରାମା ଏବଂ କମେଡ଼ି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏକ ରାଖୀ ଗୀତର ଦୃଶ୍ୟାୟନ କରାଯାଇଛି। ଏହି ଫିଲ୍ମରେ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି ଲିପି ମହାପାତ୍ର। ଆଉ ସେହି ରାଖୀ ଗୀତଟି ହେଉଛି 'ସୂତା ଖିଅର ଡୋର, ଏ ସମ୍ପର୍କ ଆମର..'। ସ୍ମିତ ପଟ୍ଟନାୟକଙ୍କ ରଚିତ ଏହି ଗୀତଟିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଗୀତଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଉଭୟ ଅର୍ଦ୍ଧେନ୍ଦୁ ଏବଂ ଲିପି। ଚିତ୍ରଟିର ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶନାରେ ଏହାର ପ୍ରମୁଖ ଭୂମିକାରେ ବଲିଉଡ୍ ଅଭିନେତା ପୁନୀତ ଇସାର (ମହାଭାରତ ଧାରାବାହିକର ଦୁର୍ଯ୍ୟୋଧନ) ଏବଂ ପୁପିନ୍ଦରଙ୍କୁ ଦେଖିବାକୁ ମିଳିବ। ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ସିନେମାଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ-ଲିପି

# ବାର୍ତ୍ତା ଜଙ୍ଗଲ ସୁରକ୍ଷାର

ନବାଗତ ଶୁଭମ ସାଗର ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ନାୟକ ସାଜିବା ସହ ସେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ନିଜର ପ୍ରଥମ ସିନେମା ବିଷୟରେ ଶୁଭମ୍ କହନ୍ତି, ''ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଆର୍ଲିନ ଅଙ୍କିତା, ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି।


'ଲାଡୋ' ଫିଲ୍ମରେ (ବାମରୁ) ଶୁଭମ-ସୁଶାନ୍ତ


'ୱାର-୨' ଫିଲ୍ମରେ (ବାମରୁ) ଜୁନିୟର ଏନ୍‌ଟିଆର୍-ହୃତିକ

**ଆଜି ପରଦାରେ**

# ୱାର-୨

ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'ୱାର ୨' ଆଜି ରିଲିଜ ହେବାକୁ ଯାଉଛି। କାହାଣୀ ଅନୁସାରେ କବୀର ଧଲିୱାଲ ଜଣେ ପୂର୍ବତନ ଇଣ୍ଟେଲିଜେଣ୍ଟ ଏଜେଣ୍ଟ। ସମୟକ୍ରମେ ସେ ଜଣେ ଡନ୍ ଭାବରେ ଦେଶ ସାମନାର ଉଭା ହେଉଛି। ତାହାର ପ୍ରକୋପ ଅଧିକ ହେବା ପରେ ଭାରତ ସରକାର ଏକ ସ୍ୱତନ୍ତ୍ର ୟୁନିଟ୍ ଗଠନ କରି ତାକୁ ଧରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ତା'ପରେ ଆରମ୍ଭ ହୋଇଛି ଅସଲ ଖେଳ। କବୀରକୁ ଧରିବାରେ ବିକ୍ରମ କ'ଣ ସଫଳ ହେଉଛି ଏବଂ ଫିଲ୍ମର ଶେଷ କିପରି ହେଉଛି ତାହା ଚିତ୍ରଟିକୁ ଦେଖିଲେ ହିଁ ଜାଣିପାରିବେ। ଏଥିରେ କବୀର ଭୂମିକାରେ ହୃତିକ ରୋଶନ ଏବଂ ବିକ୍ରମ ଚରିତ୍ରରେ ଜୁନିୟର ଏନ୍‌ଟିଆର୍ ଅଭିନୟ କରିଛନ୍ତି। ଫିମେଲ ଲିଡ୍‌ରେ ଅଛନ୍ତି କିଆରା ଆଡଭାନୀ। ୟଶରାଜ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଏହାର ସିନେମାଟୋଗ୍ରାଫର ଅଛନ୍ତି ବେଞ୍ଜାମିନ୍ ଜାସପେର। ନିର୍ଦ୍ଦେଶନା ଦେଇଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ୧୭୩ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟିର ବଜେଟ୍ ରହିଛି ୪୦୦କୋଟି। ତେବେ ଏହି ବିଗ୍ ବଜେଟ୍ ଫିଲ୍ମ ଦର୍ଶକଙ୍କୁ କେତେ ମନୋରଞ୍ଜନର ଖୋରାକ ଯୋଗାଉଛି ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିଯିବ।



# ଓଡ଼ିଶାରୁ ୨୩ ପ୍ରତିନିଧିତ୍ୱ କରିବେ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୬୪ତମ ସଂସ୍କରଣ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୩ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟର ରିଲେରେ ଭାଗନେବେ। ସେହିପରି କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ମିଟର ଓ ୪x୧୦୦ ମିଟର ରିଲେ, ଲାଲୁ

**ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ**

ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଅମିୟ କୁମାର ମଲିକ ୧୦୦ ମିଟର ଓ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରଜୁ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର (ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ,କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର (ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ମହିଳା ଆଥଲେଟ୍‌ଙ୍କ ମଧ୍ୟରେ ଭୁବନେଶ୍ୱରର ଶ୍ରାବଣୀ ନନ୍ଦ ୧୦୦, ୨୦୦ ମିଟର, ୪x୧୦୦ ମିଟର ରିଲେ, ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରୀୟା କିସାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ।



ଶ୍ରାବଣୀ ନନ୍ଦ



ଅମିୟ ମଲିକ

# ସୁମିତ୍ ସଙ୍ଗୱନ ୟୁପି ଯୋଦ୍ଧାସ୍ ଅଧିନାୟକ

**ଲକ୍ଷ୍ନୌ, ୧୩।୮**

ପ୍ରୋ-କବାଡ଼ି ଲିଗ୍‌ର ୧୨ଶ ସଂସ୍କରଣ ଚଳିତ ମାସ ୨୯ରୁ ଭାଇଜାଗ୍‌ରେ ଆରମ୍ଭ ହେବ। ଏହି ଲୋକପ୍ରିୟ ଲିଗ୍ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱନ। ଅଂଶୁ ସିଂଙ୍କୁ ତାଙ୍କ ଡେପୁଟି ରୂପେ ନିଯୁକ୍ତ କରାଯାଇଛି। ଉଭୟ ସୁମିତ୍ ଓ ଅଂଶୁ ହେଉଛନ୍ତି

**ପ୍ରୋ କବାଡ଼ି ଲିଗ୍**

ପ୍ରକୃତ ଯୋଦ୍ଧା ବୋଲି ପ୍ରକାଶ କରିଛନ୍ତି ଦଳର ମୁଖ୍ୟ କୋଚ୍ ଯଶ୍‌ବୀର ସିଂ। ଜିଏମ୍ଆର ମାଲିକାନାରେ ଥିବା ୟୁପି ଯୋଦ୍ଧାସ୍ ଦଳରେ ଯୁବ ଖେଳାଳିଭାବେ ସୁମିତ୍ (୨୬ ) ଓ ଅଂଶୁ (୨୭) ସିଜନ ୭ରେ ଯୋଗଦେଇଥିଲେ। ସେବେଠାରୁ ଉଭୟ ଦଳର ଡିଫେନ୍ସିଭ ସେଟ୍‌ଅପ୍‌ରେ ପ୍ରାଚୀର ସଦୃଶ ରହିଛନ୍ତି। ପ୍ରତିଭାବାନ୍ ପଦାର୍ପଣକାରୀରୁ ଲିଡର୍ସ (ଅଧିନାୟକ/ଉପଅଧିନାୟକ) ହେବା ଜିଏମ୍ଆର ସ୍ପୋର୍ଟ୍ସର ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀକୁ ପ୍ରମାଣିତ କରିଛି। ସୁମିତ୍ ନିଜର କ୍ଷୀପ୍ରତା, ଟାଇମିଂ ଓ ରଣନୀତି ପାଇଁ ବେଶ୍ ପରିଚିତ। ଗତ କିଛି ସିଜନ ଧରି ସେ ଲିଗ୍‌ର ଟପ୍ ଡିଫେଣ୍ଡର୍ସଙ୍କ ମଧ୍ୟରେ ସ୍ଥାନ ପାଇ ଆସୁଛନ୍ତି। ସେହିପରି ନିଜ କ୍ୟାରିୟର ପ୍ରାରମ୍ଭରେ ଜଣେ କଭର ଡିଫେଣ୍ଡର ଭାବେ ଖେଳୁଥିବା ଅଂଶୁ କ୍ରମେ ଦକ୍ଷତା ଦେଖାଇ ପ୍ରଭାବିତ କରିଥିଲେ। ସୁମିତ୍‌ଙ୍କ ସହ ତାଙ୍କ ପାର୍ଟନରଶିପ୍ ୟୁପି ଯୋଦ୍ଧାସ୍‌ର ରକ୍ଷଣଭାଗକୁ ଦୃଢ଼ କରିଛି।



ସୁମିତ୍ ସଙ୍ଗୱନ ଓ ଅଂଶୁ ସିଂ।

## ରେସ୍‌ଲର ସୁଶୀଲଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):**

ସୁପ୍ରିମ୍‌କୋର୍ଟ ବୁଧବାର ପୂର୍ବତନ ଜାତୀୟ ଜୁନିୟର ରେସ୍‌ଲିଂ ଚାମ୍ପିୟନ ସାଗର ଧାଙ୍କରଙ୍କ ହତ୍ୟା ମାମଲାରେ ଅଲିମ୍ପିକ୍ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଜଷ୍ଟିସ୍ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୪ ତାରିଖରେ ଦିଲ୍ଲୀ ହାଇକୋର୍ଟ ରେସ୍‌ଲରଙ୍କୁ ଦେଇଥିବା ଜାମିନକୁ ରଦ୍ଦ କରିଦେଇଛନ୍ତି। ଦୁଇଥର ଅଲିମ୍ପିକ୍ ପଦକଧାରୀ ରେସ୍‌ଲରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମେ’ରେ ସୁଶୀଲଙ୍କ ସମେତ ଅନ୍ୟ କେତେଜଣ ନୂଆଦିଲ୍ଲୀସ୍ଥିତ ଛତ୍ରଶାଲ ଷ୍ଟାଡିୟମରେ ସମ୍ପତ୍ତି ବିବାଦ କାରଣରୁ ସାଗରଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାଗରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ବନ୍ଧୁ ଆହତ ହୋଇଥିଲେ।

## ଇଡି ସମ୍ମୁଖରେ ହାଜର ହେଲେ ରାଇନା

**ନୂଆଦିଲ୍ଲୀ, ୧୩।୮:**

ଭାରତର ପୂର୍ବତନ କ୍ରିକେଟର ସୁରେଶ ରାଇନା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ତାଙ୍କୁ ବେଆଇନ ବେଟିଂ ଆପ୍ ସହ ଜଡ଼ିତ ଟଙ୍କା ହେରଫେର୍ ମାମଲାରେ ପଚରାଉଚରା ପାଇଁ ଇଡି ପକ୍ଷରୁ ସମନ ଜାରି କରାଯାଇଥିଲା। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନିର୍ଦ୍ଦିଷ୍ଟ ବିଜ୍ଞାପନ ମାଧ୍ୟମରେ ବେଟିଂ ଆପ୍ ୧X ବେଟ୍ ସହିତ ତାଙ୍କର ଆର୍ଥିକ କାରବାର ସମ୍ପର୍କରେ ରାଇନାଙ୍କୁ ଇଡି ଅଧିକାରୀ ପଚରାଉଚରା କରୁଛନ୍ତି।

# ସର୍ବଭାରତୀୟ ବୁଚିବାବୁ କ୍ରିକେଟ ଲାଗି ଓଡ଼ିଶା ଦଳ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ସର୍ବଭାରତୀୟ ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ୨୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଗ୍ରୁପ୍ ‘ବି’ରେ ରେଲ୍‌ୱେ, ଜମ୍ମୁ-କଶ୍ମୀର ଓ ବରୋଦା ସହ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୮ରୁ ୨୦ ମଧ୍ୟରେ ବରୋଦା ବିପକ୍ଷରେ ଖେଳିବ। ଏହାପରେ ୨୨ରୁ ୨୪ ରେଲ୍‌ୱେ ଓ ୨୬ରୁ ୨୮ ଜମ୍ମୁ-କଶ୍ମୀର ସହ ମୁକାବିଲା କରିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବେ। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସେମିଫାଇନାଲ ଏବଂ ସେପ୍ଟେମ୍ବର ୬ରୁ ୯ ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ, ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନ୍‌ସିଂ ପ୍ରମୁଖ ସପୋର୍ଟ ଷ୍ଟାଫ୍ ଚେନ୍ନାଇ ଯାତ୍ରା କରିବେ। ଓଡ଼ିଶା ଦଳ: କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ୍ ବରାଳ, ସୁମିତ୍ ଶର୍ମା, ଅନିଲ ପରିଡ଼ା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର, ବାଦଲ ବିଶ୍ୱାଳ, ଓମ୍ ଡି. ମୁଣ୍ଡେ, ତରନି ସ’, ଶୁଭ୍ରାଂଶୁ ସେନାପତି, ପ୍ରଶାନ୍ତ ରାଣା, ବିନୟ ପାଇକରାୟ, ଆଶୀର୍ବାଦ ସ୍ୱାଇଁ, ଆଶୁତୋଷ ଛୁରିଆ, ସ୍ୱସ୍ତିକ୍ ସାମଲ, ଗୋବିନ୍ଦ ପୋଦ୍ଦାର, ପୀୟୂଷ ପାଣିଗ୍ରାହୀ।

# ହୋପ୍‌ଙ୍କ ଶତକ: ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ୍

**ଟାରୌବା(ତ୍ରିନିଦାଦ), ୧୩।୮**

ଅଧିନାୟକ ଶାଇ ହୋପ୍‌ଙ୍କ ଅପରାଜିତ ଶତକ ଓ ଜେଡେନ ସିଲେସଙ୍କ ୬ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ୨୦୨ ରନ୍‌ର ବଡ଼ ବ୍ୟବଧାନରେ ପାକିସ୍ତାନ ବିପକ୍ଷ

**ସିଲେସଙ୍କୁ ୬ ଉଇକେଟ**

ତୃତୀୟ ଦିନିକିଆ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ୱେଷ୍ଟଇଣ୍ଡିଜ ୨-୧ ବ୍ୟବଧାନରେ ଜିତିନେଇଛି। ଦୀର୍ଘ ୩୪ ବର୍ଷ ପରେ ୱେଷ୍ଟଇଣ୍ଡିଜ୍ ଦଳ ଲାଗି ଏହା ପାକିସ୍ତାନ ବିପକ୍ଷରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୨୯୪ ରନ୍ କରିଥିଲା। ଅଧିନାୟକ ହୋପ୍ ଅପରାଜିତ ୧୨୦ ରନ୍‌ର କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ୧୮ତମ ଶତକ ଥିଲା। ଜବାବରେ ପାକିସ୍ତାନ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୯.୨ ଓଭରରେ ୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେବଳ ସଲମାନ ଆଘା (୩୦), ମହମ୍ମଦ ନୱାଜ (୨୩) ଓ ହାସନ ନୱାଜ(୧୩)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଏପରିକି ଦଳର ୫ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସିଲେସ ୬ ଉଇକେଟ ସଫଳତା ହାସଲ କରିଥିଲେ।



ଶାଇ ହୋପ

## କ୍ରୀଡ଼ା ବିଲ୍ ୬ ମାସରେ କାର୍ଯ୍ୟକାରୀ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):**

୨୪ ଘଣ୍ଟା ମଧ୍ୟରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଆଗାମୀ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ନିୟମ ପ୍ରସ୍ତୁତ କରିବା ଓ ଭିତ୍ତିଭୂମି ଚିହ୍ନଟ କରିବା ଭଳି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର କହିଛନ୍ତି।

‘ଏହି ବିଲ୍ ଯଥା ସମ୍ଭବ ଶୀଘ୍ର କାର୍ଯ୍ୟକାରୀ ହେବ। ଆଗାମୀ ୬ ମାସ ମଧ୍ୟରେ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହେବ। ପଦବୀ ସୃଷ୍ଟି ଓ ଅନ୍ୟାନ୍ୟ ପ୍ରଶାସନିକ ମଞ୍ଜୁରୀ ପରେ କର୍ମଚାରୀ ଓ ତାଲିମ ବିଭାଗ ଏବଂ ବ୍ୟୟ ବିଭାଗର ପ୍ରତିଷ୍ଠିତ ପ୍ରକ୍ରିୟାର ପାଳନ କରାଯିବ। ଏନ୍‌ଏସ୍‌ବି ଓ ଏନ୍‌ଏସ୍‌ଟି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାକୁ ଯଥା ସମ୍ଭବ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆମର ଲକ୍ଷ୍ୟ’ ବୋଲି ମାଣ୍ଡବ୍ୟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏଥିସହିତ ସେ ବିଲ୍ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ବିଲ୍‌ରେ ସରକାରଙ୍କୁ ଅନ୍ତର୍ଜାତୀୟ ଅଂଶୀଦାରିତା ଉପରେ ରୋକ ଲଗାଇବାର ଅଧିକାର ଦିଆଯାଇଛି, ଯାହାକୁ କେବଳ ଅସାଧାରଣ ପରିସ୍ଥିତିରେ ବ୍ୟବହାର କରାଯିବ।

# ଭାରତର ୨୦୩୦ ସିଡବ୍ଲ୍ୟୁଜି ବିଡ୍‌କୁ ଆଇଓଏର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଆୟୋଜନ ଲାଗି ଦେଶର ବିଡ୍‌କୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ବୁଧବାର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି। ୨୦୩୦ ସିଡବ୍ଲ୍ୟୁଜି ଲାଗି ଭାରତ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଦାଖଲ କରାଯାଇସାରିଛି ଏବଂ ଏଥିରେ ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ଦର୍ଶାଯାଇଛି। କିନ୍ତୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ଭାରତକୁ ଚୂଡ଼ାନ୍ତ ବିଲ୍ ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ରେସ୍‌ରୁ କାନାଡ଼ା ଓହରି ଯାଇଥିବାରୁ ଭାରତର ସମ୍ଭାବନା ଖୁବ୍ ବୃଦ୍ଧି ପାଇଛି।

ବୈଠକରେ ସର୍ବସମ୍ମତିକ୍ରମେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆମେ ଏବେ ସମ୍ପୂର୍ଣ୍ଣ ଗତିରେ ପ୍ରସ୍ତୁତି ଦିଗରେ ଆଗେଇଯିବୁ। ୨୦୩୦ ସିଡବ୍ଲ୍ୟୁଜି ଏକ ସମ୍ପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ହେବ। ଶୁଟିଂ, ଆର୍ଚେରୀ, ରେସ୍‌ଲିଂ ଆଦି ଯେଉଁସବୁ ଖେଳରେ ଆମେ ଭଲ ପ୍ରଦର୍ଶନ କରୁ, ସେ ସମସ୍ତ ଇଭେଣ୍ଟକୁ ସାମିଲ କରାଯିବ ଏବଂ ଆମର ସର୍ବାଧିକ ପଦକ ଜିତିବାର ସମ୍ଭାବନା ରହିବ। ବୋଲି ଆଇଓଏ ଯୁଗ୍ମ ସମ୍ପାଦକ କଲ୍ୟାଣ ଚୌବେ କହିଛନ୍ତି। ଆସନ୍ତା ନଭେମ୍ବରର ଅନ୍ତିମ ସପ୍ତାହରେ ଗ୍ଲାସ୍‌ଗୋଠାରେ ବସିବାକୁ ଥିବା କମନ୍‌ୱେଲ୍‌ଥ ସ୍ପୋର୍ଟ୍ସର ସାଧାରଣ ସଭାରେ ଆୟୋଜକ ଦେଶର ନାମ ନିର୍ଦ୍ଧାରଣ ହେବ।

# ସାଇ ଇଣ୍ଟରନ୍ୟାଶନାଲ, କିସ୍ ବିଜୟୀ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ଓ କିସ୍ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ଖଣ୍ଡଗିରିର ବିକାଶ ସ୍କୁଲକୁ ୮-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ୪ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଅଗସ୍ତ୍ୟଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚରେ କିଟ୍ ଇଣ୍ଟରନ୍ୟାଶନାଲକୁ କିସ୍ ୧୨-୦ ଗୋଲରେ ହରାଇ ଦେଇଛି। ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ କିସ୍

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ**

ଦଳର ମହେଶ୍ୱର ମୁର୍ମୁଙ୍କୁ ପୁରସ୍କୃତ କରିଛନ୍ତି। ସୁଜିତ କୁମାର ପାତ୍ର, ଆଲୋକ ଦେହୁରି, ଦିଗ୍‌ବିଜୟ ଦାସ, ସୁଶାନ୍ତ କୁମାର ମିଶ୍ର, ଶିବ ପ୍ରସାଦ ସାମନ୍ତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗୁରୁବାର ସାଇ ରେସିଡେନ୍ସିଆଲ ସହ ଡିଏଭି ଚନ୍ଦ୍ରଶେଖରପୁର ଏବଂ ବିକାଶ ରେସିଡେନ୍ସିଆଲ ସହ ୟୁନିଟ-୧ ଜିଏଚ୍‌ଏସ ମଧ୍ୟରେ ମୁକାବିଲା ହେବ।





ଅଗସ୍ତ୍ୟ ପଟ୍ଟନାୟକ ଓ ମହେଶ୍ୱର ମୁର୍ମୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ